READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524








ବର୍ଷ-୨ ସଂଖ୍ୟା-୦୨ ୨୨ - ୨୮ ଜାନୁଆରୀ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-02 22nd - 28th JANUARY, 2018 BHUBANESWAR ₹ 5/- (8 Pages)


### ସୁଦୃଢ଼ ହେଉଛି ଭାରତ-ଇସ୍ରାଏଲ୍ ସମ୍ପର୍କ

## ମୋଦିଙ୍କୁ ନେତାନ୍ୟାହୁଙ୍କ ପ୍ରଶଂସା



**ଅହମ୍ମଦାବାଦ :** ଭାରତ ଗସ୍ତରେ ଆସିଥିବା ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିଜ ରାଜ୍ୟ ଗୁଜରାଟରେ ଭବ୍ୟ ସ୍ୱାଗତ କରି ଦୁଇ ଦେଶରେ ଦୋସ୍ତିକୁ ଆହୁରି ଦୃଢ଼ୀଭୂତ କରିଛନ୍ତି । ମୋଦି ଇସ୍ରାଏଲ୍ ପ୍ରତିପକ୍ଷ ନେତାନ୍ୟାହୁ ଓ ପତ୍ନୀ ସାରାଙ୍କ ସହ ଅହମ୍ମଦାବାଦ ଯାଇ ବଡ଼ ଧରଣର ରୋଡ୍ ସେ'ରେ ଯୋଗଦେବା ସହ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ସ୍ମୃତି ବହନ କରୁଥିବା ଦେଶର ଏକ ପ୍ରମୁଖ ଐତିହାସିକ କ୍ଷେତ୍ର ସାବରମତୀ ଆଶ୍ରମ ବୁଲାଇ ଦେଖାଇଛନ୍ତି । ଏହାପରେ ଦୁଇ ନେତା ଅହମ୍ମଦାବାଦରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ➤ ପୃ-୬

### ବିଜେଡି-ଜୟ ପଣ୍ଡାଙ୍କ କଳି ବଢୁଛି

## ପ୍ରମିଳାଙ୍କ ତଦନ୍ତ, ସପକ୍ଷରେ ଦାମ



**ଭୁବନେଶ୍ୱର/କେନ୍ଦ୍ରାପଡ଼ା :** ଅଫିସରଙ୍କ ବିରୋଧରେ ଅଭିଯୋଗ ଆଣି ଶାସକ ଦଳର ସାଂସଦ ବୈଜୟନ୍ତ ପଣ୍ଡା ବିଜେଡି ପାଇଁ ଝଡ ସୃଷ୍ଟି କରିଛନ୍ତି । ବୈଜୟନ୍ତଙ୍କୁ ନେଇ ବିଜୁ ଜନତା ଦଳ ଭିତରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଏହାକୁ ନେଇ ରାଜ୍ୟ ରାଜନୀତି ବେଶ୍ ସରଗରମ ରହିଛି । ରାଜନୈତିକ ବିତର୍କର କେନ୍ଦ୍ରବିନ୍ଦୁ ହୋଇଥିବା ସାଂସଦଙ୍କ ବିରୋଧରେ କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ନେତା ଓ କର୍ମୀ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଫେରାଦ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସାଂସଦଙ୍କ ବିରୋଧରେ ଅସହଯୋଗିତାର ଅଭିଯୋଗ ଆଣିଥିବା ବେଳେ ସମାନ ଅଭିଯୋଗ ଆଣିଛନ୍ତି ବିଭିନ୍ନ ବ୍ଲକ ଅଧ୍ୟକ୍ଷ । ସେମାନେ ସମସ୍ତେ ଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହାରି ଭିତରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିରୋଧରେ ଉଠିଥିବା ଅଭିଯୋଗ ସମ୍ପର୍କରେ ବିଜେଡିର ଜିଲ୍ଲା ପର୍ଯ୍ୟବେକ୍ଷିକା ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ ଜିଲ୍ଲା ପର୍ଯ୍ୟବେକ୍ଷିକା ଶ୍ରୀମତୀ ମଲ୍ଲିକ ଗତ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ପ୍ରଥମେ ମହାକାଳପଡାର କେୟାରବାଙ୍କଠାରେ ଥିବା ବିଜେଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପୂର୍ବରୁ ସେଠାରେ ଉପସ୍ଥିତ ଥିବା ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ବରାଳ, ଜିଲ୍ଲାପରିଷଦ ସଦସ୍ୟା କବିତା ମଲ୍ଲିକ, ନଳିନୀପ୍ରଭା ଚୌଧୁରୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସରୋଜିନୀ ସେଠୀ, ବ୍ଲକ୍ ବିଜେଡି ସଭାପତି ଶ୍ରୀଧର ସାମଲ, ଯୁବ ବିଜେଡି ଉପସଭାପତି ଜ୍ୟୋତିରଞ୍ଜନ ଖଟୁଆ ଓ ସୁରଭି ଜେନାଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ସରପଞ୍ଚ ଓ ସମିତି ସଭ୍ୟମାନେ ସାଂସଦ ବିଜେଡି କର୍ମୀମାନଙ୍କୁ ଅଣଦେଖା କରିବା ସମ୍ପର୍କରେ ଅଭିଯୋଗ କରିଥିଲେ । ଅଭିଯୋଗରେ ବିଜେଡି ଦଳୀୟ ଟିକେଟରେ କେନ୍ଦ୍ରାପଡ଼ାରୁ ସାଂସଦ ଭାବରେ ନିର୍ବାଚିତ ହାଇଥିଲେ ମଧ୍ୟ ଶ୍ରୀ ପଣ୍ଡା ନିର୍ବାଚନ ମଣ୍ଡଳିର ବିକାଶ ପାଇଁ ଥରେ ହେଲେ ଦଳୀୟ ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା କରିନଥିବା କୁହାଯାଇଛି । ମୁଖ୍ୟତଃ ସାଂସଦ ପାଣ୍ଠି ଖର୍ଚ୍ଚ ଓ ଦଳୀୟ କର୍ମୀଙ୍କୁ ଅଣଦେଖା ➤ ପୃ-୬



୬୨ତମ ଅଲ୍ ଇଣ୍ଡିଆ କଂଗ୍ରେସ ଅଫ୍ ଅବ୍‌ଷ୍ଟେଟ୍ରିକ୍ସ ଆଣ୍ଡ୍ ଗାଇନୋକୋଲୋଜିକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ଖଣିଚୋରି ରୋକିବା ପ୍ରସଙ୍ଗ

## କେନ୍ଦ୍ର ଆଭିମୁଖ୍ୟକୁ ଓଡ଼ିଶାର ସମର୍ଥନ



**ଭୁବନେଶ୍ୱର :** ଗୋଆରେ ଅନୁଷ୍ଠିତ ଖଣିମନ୍ତ୍ରୀମାନଙ୍କ ବୈଠକରେ ଖଣିଚୋରି ରୋକିବା ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସମର୍ଥନ କରିଛନ୍ତି ଓଡ଼ିଶା ସରକାର । କେନ୍ଦ୍ର ଖଣିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ➤ ପୃ-୬

### ରାଜ୍ୟ ଆଇନ୍‌ଜୀବୀ ପରିଷଦ ଅଧ୍ୟକ୍ଷ ନିର୍ବାଚନ

## ରହିତାଦେଶ ନୋଟିସ୍ ଜାରି

**କଟକ :** ରାଜ୍ୟ ଆଇନଜୀବୀ ପରିଷଦ(ଷ୍ଟେଟ୍ ବାର୍ କାଉନ୍‌ସିଲ୍) ସମ୍ପର୍କିତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ୨୧ ତାରିଖରେ ହେବାକୁ ଥିବା ଏହାର ଅଧ୍ୟକ୍ଷ ନିର୍ବାଚନ ଉପରେ ରହିତାଦେଶ ଜାରି କରିଛନ୍ତି । ମୁଖ୍ୟ ବିଚାରପତି ଭିନୀଥ୍ ଶରଣ ଓ ବିଚାରପତି ବି. ଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ୨୧ରେ ହେବାକୁ ଥିବା ପରିଷଦର ଅଧ୍ୟକ୍ଷ ନିର୍ବାଚନ ଉପରେ ରହିତାଦେଶ ଜାରି କରିବା ସହ ରାଜ୍ୟ ଆଇନଜୀବୀ ପରିଷଦର ସମସ୍ତ ସଦସ୍ୟଙ୍କୁ ନୋଟିସ୍ ଜାରି କରିଛନ୍ତି । ଏହା ଆଡ୍‌ଭୋକେଟ୍ ଆକ୍ଟ ୧୯୬୧ ଆଧାରରେ ହୋଇନଥିବା ଦର୍ଶାଇ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆତ୍ମାପ୍ରକାଶ ମହାନ୍ତିଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିଲା । ଉଲ୍ଲେଖଯୋଗ୍ୟ, ବରିଷ୍ଠ ଆଇନଜୀବୀ ଶ୍ରୀ ମହାନ୍ତି ରିଟ୍ ପିଟିସନ ନମ୍ବର -ଡବ୍ଲ୍ୟୁପିସି-୨୭୩୦୪ରେ ଦର୍ଶାଇଥିଲେ ୮.୭.୧୭ ରିଖ ସାଧାରଣ ବୈଠକରେ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ରଙ୍କ ପ୍ରସ୍ତାବ କ୍ରମେ ଚିନ୍ମୟ ମହାନ୍ତିଙ୍କୁ ସର୍ବାଧିକ ସମ୍ମତି କ୍ରମେ ଅଧ୍ୟକ୍ଷ ଭାବେ ମନୋନୀତ କରାଯିବାରେ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ଇସ୍ତଫା ଦେଇଥିଲେ । ଏଣୁ ଆଡଭୋକେଟ୍ ଜେନେରାଲଙ୍କ ଘୋଷଣା ବାକିଥିଲା । କିନ୍ତୁ ଆଡଭୋକେଟ୍ ଜେନେରାଲ ଘୋଷଣା ନକରି ଅଧ୍ୟକ୍ଷ ନିର୍ବାଚନ ପାଇଁ ତାରିଖ ଘୋଷଣା କରି ଅଯଥା ହସ୍ତକ୍ଷେପ ଓ ଘୋଡା ବେପାର ଉଦ୍ଦେଶ୍ୟ ରଖି ଏହି ନିର୍ବାଚନ ପାଇଁ ବାରମ୍ବାର ବିଜ୍ଞପ୍ତି ଜାରି କରିଥିଲେ । ➤ ପୃ-୬

## ସ୍ମାର୍ଟ ଜନପଥ କାମ ଆରମ୍ଭ



**ଭୁବନେଶ୍ୱର :** ସ୍ମାର୍ଟ ସିଟି ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସ୍ମାର୍ଟ ଜନପଥ ନିର୍ମାଣ କାମ ଆରମ୍ଭ ହୋଇଛି । ଏଥିପାଇଁ ରାଜମହଲରେ ଛକରେ ମେଡିଆନ୍ ମଧ୍ୟରେ ବାଲିଗଦା ହୋଇ କାମ ଆରମ୍ଭ ହେଲାଣି । ଆର୍‌କେଡି କନଷ୍ଟ୍ରକ୍‌ସନ୍ ସଂସ୍ଥା ପ୍ରକଳ୍ପର ନିର୍ମାଣ ହାତକୁ ନେଇଛି । କନଷ୍ଟ୍ରକ୍ସନ୍ କମ୍ପାନି ତରଫରୁ ସ୍ମାର୍ଟ ଡିଷ୍ଟ୍ରିକ୍ଟ ଅଞ୍ଚଳ ତଥା ବାଣୀବିହାର ଠାରୁ ଶିଶୁ ଭବନ ଛକର ଭିତ୍ତିଭୂମି ବିକାଶ କରାଯିବ । ବାଣୀବିହାର ଛକରୁ ଶିଶୁଭବନ ପର୍ଯ୍ୟନ୍ତ ୫.୮ କିମି ଜନପଥ ରାସ୍ତାକୁ ସ୍ମାର୍ଟ ରୋଡ୍ କରାଯିବ । ଏଥିପାଇଁ ୮୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଦୁଇ ବର୍ଷରେ ଏହି ସ୍ମାର୍ଟ ଜନପଥ ପ୍ରକଳ୍ପ କାମ ସାରିବାକୁ ଆର୍‌କେଡି କନଷ୍ଟ୍ରକ୍ସନ ସଂସ୍ଥାକୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ସ୍ମାର୍ଟ ଡିଷ୍ଟ୍ରିକ୍ଟ ଅଞ୍ଚଳର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଇଞ୍ଜିନିୟରିଂ, ପ୍ରକ୍ୟୁରମେଣ୍ଟ ଏବଂ କନଷ୍ଟ୍ରକ୍‌ସନ୍ ମୋଡ୍‌ରେ ସ୍ମାର୍ଟ ଜନପଥ ନିର୍ମାଣ ହେବାକୁ ପ୍ରସ୍ତାବ ରହିଛି । ରାଜଧାନୀର ଏହି ପ୍ରମୁଖ ରାସ୍ତାରେ ଜନସାଧାରଣଙ୍କ ସୁବିଧାଜନକ ଯାତାୟାତ, ସୁରକ୍ଷିତ ଚଳାଚଳ ଓ ସବୁ ବର୍ଗର ନାଗରିକଙ୍କୁ ସୁହାଇବା ଭଳି ଏକ ଆଧୁନିକ ସଡ଼କରେ ପରିଣତ କରିବା ଲକ୍ଷ୍ୟନେଇ ସ୍ମାର୍ଟ ଜନପଥ ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଏଥିରେ ସାଇକେଲ୍ ଚାଳନା, ପାର୍କିଂ ବ୍ୟବସ୍ଥା, ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ସବୁଜିମାରେ ଭରପୂର କରିବା, ନାଗରିକ ୟୁଟିଲିଟି କରିଡର, ଉଠାଦୋକାନୀଙ୍କ ପାଇଁ ସୁବିଧା ଏବଂ ➤ ପୃ-୬

## ଜଙ୍ଗଲରେ ଚାଲିଛି ଦେହ ବେପାର



**ସୁବର୍ଣ୍ଣପୁର, (ଉଗ୍ରସେନ କର୍ମୀ) :** ସାଧାରଣତଃ ବଡ ବଡ ସହରରେ ଥିବା ଲଜ୍ ଓ ବିୟୁଟିପାର୍ଲର ଗୁଡିକରେ ଦେହ ବ୍ୟବସାୟ ଚାଲୁଥିବାର ଜଣାଯାଏ । ହେଲେ ଜଙ୍ଗଲରେ ଦେହ ବ୍ୟବସାୟ ଚାଲୁଥିବା କଥା ଶୁଣିଲେ ନିଜକୁ କେମିତି ଲାଗିବ ? ଜଙ୍ଗଲରେ କିପରି ଦେହ ବ୍ୟବସାୟ ଚାଲିଛି ସେ ସମ୍ପର୍କରେ ଏକ ଅନୁସନ୍ଧାନ ମୂଳକ ରିପୋର୍ଟ ।

ଆଜିକାଲି ବଡବଡ ସହରରେ ଥିବା କେତେକ ଲଜ୍ ଓ ବିୟୁଟିପାର୍ଲର ଗୁଡିକରେ ଦେହ ବ୍ୟବସାୟ ନିୟମିତ ଭାବରେ ଚାଲୁଥିବା ଘଟଣା ଜଣାପଡେ । ସେଥିମଧ୍ୟରୁ କେତେକ ଘଟଣା ପୋଲିସ ନିଜରକୁ ଆସୁଥିଲେ ମଧ୍ୟ ଆଉ କେତେକ ଘଟଣା ନଜରକୁ ଆସିପାରୁନାହିଁ । ଏପରିକି କେତେକ ଘଟଣାରେ ପୋଲିସ ଜାଣିଶୁଣି ନ ଜାଣିଲା ପରି ରହୁଛି । କାରଣ ଏହି ଦେହ ବ୍ୟବସାୟରେ କେତେକ ଜଣାଶୁଣା ଓ ରାଜନୈତିକ ବ୍ୟକ୍ତି ସମ୍ପୃକ୍ତ ରହୁଥିବା ସୂଚନା ମିଳିଥାଏ । ପ୍ରତ୍ୟେ ଭାବରେ ନ ହେଲେ ମଧ୍ୟ ପରୋକ୍ଷରେ ଏମାନଙ୍କୁ ପୋଲିସ ସହଯୋଗ କରୁଥିବା ଅଭିଯୋଗ ହେଉଛି । ସଂପ୍ରତି ଦେହ ବ୍ୟବସାୟ ଲଜ୍ ଓ ବିୟୁଟି ପାର୍ଲରରେ ସୀମିତ ନ ରହି ଜଙ୍ଗଲ ଭିତରେ ନିୟମିତ ଭାବରେ ଚାଲୁଥିବା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ । ଖବର ନେବାରେ ଜଣାଯାଇଛି ଯେ, ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲରେ ଦେହ ବ୍ୟବସାୟ ନିୟମିତ ➤ ପୃ-୬







**ପୃଷ୍ଠା - ଦୁଇ**
ଏନ୍‌ଏସ୍‌ଜି
ଅଷ୍ଟ୍ରେଲିଆ ଗ୍ରୁପ୍‌ରେ ଭାରତ
ହଜ୍ ସବ୍‌ସିଡି ବନ୍ଦ

**ପୃଷ୍ଠା - ତିନି**
ଧାନ କିଣାରେ 'ଆଧାର' ସଂଯୋଗକୁ ନା
କଡ଼ାକଡ଼ି ହେଲା ପ୍ଲାଷ୍ଟିକ୍ କଟକଣା

**ପୃଷ୍ଠା - ଚାରି**
ଘୋଷଣା ପଛରେ କେଉଁ ରହସ୍ୟ
ନେତୃତ୍ୱର ଅଦ୍ୟମ ଉଦ୍ୟମ : ନେତାଜୀ

**ପୃଷ୍ଠା - ପାଞ୍ଚ**
ଅମୁହାଁ ଦେଉଳ
ଶାଢ଼ୀ, ବାଟ ପାଲଟା ସମୟ

**ପୃଷ୍ଠା - ଛଅ**
ନକଲି ଡାକ୍ତରଙ୍କ ଭରସାରେ ରୋଗୀ
କୋମାରେ କର୍ମ ନିୟୋଜନ କାର୍ଯ୍ୟାଳୟ

**ପୃଷ୍ଠା - ସାତ**
ଭୋଜବଂଶୀୟ ରାଜାଙ୍କ ସନ୍ତକ-ଚନ୍ଦ୍ରେଶ୍ୱର ମନ୍ଦିର

ଦେଶ ବିଦେଶ
EKAMAATRA ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ। ସବୁଆଡୁ ସହଯୋଗ ମିଳିପାରେ।

**ବୃଷ** ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

**ମିଥୁନ** ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**କର୍କଟ** ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

**ସିଂହ** ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

**କନ୍ୟା** ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

**ତୁଳା** ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

**ବିଛା** ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

**ଧନୁ** ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

**ମକର** ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**କୁମ୍ଭ** ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ଦୂରଯାତ୍ରା ଗମନ କରିପାରନ୍ତି।

**ମୀନ** ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ବଢ଼ିଲା ଏନ୍‌ଏସ୍‌ଜି ସଦସ୍ୟତା ମିଳିବା ସମ୍ଭାବନା

# ଅଷ୍ଟ୍ରେଲିଆ ଗ୍ରୁପ୍‌ରେ ଭାରତ

**ନୂଆଦିଲ୍ଲୀ :** ୪୨ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଅଷ୍ଟ୍ରେଲିଆ ଗ୍ରୁପ୍(ଏଜି)ରେ ଭାରତ ଔପଚାରିକ ଭାବେ ଯୋଗ ଦେଇଛି। ଭାରତ ଏବେ ଅଷ୍ଟ୍ରେଲିଆ ଗ୍ରୁପ୍‌ର ୪୩ତମ ସଦସ୍ୟ ରାଷ୍ଟ୍ର। ଏହି ଗ୍ରୁପ୍‌ର ସଦସ୍ୟ ରାଷ୍ଟ୍ରମାନେ ଭାରତକୁ ସଦସ୍ୟତା ଦେବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଅଷ୍ଟ୍ରେଲିଆ ଗ୍ରୁପ୍ ଏହା ସୁନିଶ୍ଚିତ କରାଏ ଯେ ୟୁରାନିୟମ୍ ଭଳି ପରମାଣବିକ ଧାତୁ ପିଣ୍ଡ ବା ଓର୍ , ଆଣବିକ ରିଆକ୍ଟର୍ ପାଇଁ ଯନ୍ତ୍ରପାତି, ସରଞ୍ଜାମ, ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ଆମଦାନୀ କରୁଥିବା ଦେଶ ତାହାକୁ ବେସାମରିକ ଉଦ୍ଦେଶ୍ୟରେ ଅର୍ଥାତ୍ ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର କରିବ; କିନ୍ତୁ ରସାୟନିକ କିମ୍ବା ଜୈବିକ ଯୁଦ୍ଧାସ୍ତ୍ର ବିକଶିତ କରିବାରେ ବା ନିର୍ମାଣରେ ବ୍ୟବହାର କରିପାରିବ ନାହିଁ। ଭାରତ ପ୍ରଥମେ ୨୦୧୬ରେ ମିସାଇଲ୍ ଟେକ୍ନୋଲୋଜି କଣ୍ଟ୍ରୋଲ୍ ରେଜିମ୍ ଓ ପରେ ୨୦୧୭ରେ ୱାସେନାର୍ ଏରେଞ୍ଜ୍‌ମେଣ୍ଟ୍‌ର ସଦସ୍ୟତା ହାସଲ କରିବା ପରେ ଏବେ ଅଷ୍ଟ୍ରେଲିଆ ଗ୍ରୁପ୍‌ରେ ଯୋଗ ଦେଇଛି। ବିଶ୍ୱରେ ଅଣୁ ଅସ୍ତ୍ର ବିକାଶ ଓ ନିର୍ମାଣକୁ ରୋକିବା କିମ୍ବା ନିୟନ୍ତ୍ରଣ କରିବା ପାଇଁ ୩୫ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ମିସାଇଲ୍ ଟେକ୍ନୋଲୋଜି କଣ୍ଟ୍ରୋଲ୍ ରେଜିମ୍, ୪୨ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ୱାସେନାର୍ ଏରେଞ୍ଜ୍‌ମେଣ୍ଟ୍, ଅଷ୍ଟ୍ରେଲିଆ ଗ୍ରୁପ୍ ଏବଂ ନ୍ୟୁକ୍ଲିୟର୍ ସପ୍ଲାଏୟର୍ସ ଗ୍ରୁପ୍ ବା ଏନ୍‌ଏସ୍‌ଜି -ଏହି ଭଳି ଚାରିଗୋଟି ଗ୍ଲୋବାଲ୍ ଏକ୍ସପୋର୍ଟ କଣ୍ଟ୍ରୋଲ୍ ରେଜିମ୍ ରହିଛି ଯାହାକୁ ନନ୍-ପ୍ରୋଲିଫେରେସନ୍ ରେଜିମ୍ କୁହାଯାଏ। ଭାରତ ଏବେ ଅଷ୍ଟ୍ରେଲିଆ ଗ୍ରୁପ୍‌ର ସଦସ୍ୟ ହେବା ପରେ ବାକି ରହିଲା କେବଳ ଏନ୍‌ଏସ୍‌ଜି ସଦସ୍ୟତା। ଏନ୍‌ଏସ୍‌ଜି ସଦସ୍ୟତା ପାଇଁ ଭାରତର ଆବେଦନକୁ ଚୀନ ବିରୋଧ କରୁଥିବାରୁ ଅନ୍ୟ ସମସ୍ତ ଏନ୍‌ଏସ୍‌ଜି ସଦସ୍ୟ ରାଷ୍ଟ୍ରଙ୍କ ସମର୍ଥନ ସତ୍ତ୍ୱେ ଭାରତକୁ ଏନ୍‌ଏସ୍‌ଜି ସଦସ୍ୟତା ମିଳିପାରୁ ନାହିଁ। ଭାରତ ନ୍ୟୁକ୍ଲିୟର୍ ନନ୍-ପ୍ରୋଲିଫେରେସନ୍ ଟ୍ରିଟି ବା ଏନ୍‌ପିଟିରେ ସ୍ୱାକ୍ଷର କରିନଥିବାରୁ ଭାରତର ଏନ୍‌ଏସ୍‌ଜି ସଦସ୍ୟତା ଆବେଦନକୁ ଚୀନ ବିରୋଧ କରୁଛି। ଏନ୍‌ଏସ୍‌ଜି ଗ୍ରୁପରେ ୪୮ଟି ସଦସ୍ୟ ରାଷ୍ଟ୍ର ରହିଛନ୍ତି। ଭାରତ ଏବେ ଅଷ୍ଟ୍ରେଲିଆ ଗ୍ରୁପ୍‌ରେ ଯୋଗ ଦେବାରୁ ତାହା ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଗ୍ରୁପ୍ ପାଇଁ ଲାଭଦାୟକ ହେବ, ଅନ୍ତର୍ଜାତୀୟ ସୁରକ୍ଷା ଦୃଢ଼ତର ହେବ ଓ ଅଣୁ ଅସ୍ତ୍ର ଅପ୍ରସାର ଦିଗରେ ଅବଦାନ ରଖିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଭିଷ କୁମାର କହିଛନ୍ତି। ଅଷ୍ଟ୍ରେଲିଆ ଗ୍ରୁପ୍‌ର ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଲେ-ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲଜିୟମ୍, ବୁଲଗେରିଆ, କ୍ୟାନାଡା, କ୍ରୋଏସିଆ, ରିପବ୍ଲିକ୍ ଅଫ୍ ସାଇପ୍ରସ୍, ଚେକ୍ ରିପବ୍ଲିକ୍, ଡେନମାର୍କ, ଇସ୍ତୋନିଆ, ୟୁରୋପୀୟାନ୍ ୟୁନିଅନ୍, ଫିନ୍‌ଲ୍ୟାଣ୍ଡ୍, ଫ୍ରାନ୍ସ, ଜର୍ମାନୀ, ଗ୍ରୀସ୍, ହଙ୍ଗେରି, ଆଇସ୍‌ଲ୍ୟାଣ୍ଡ୍, ଆର୍ୟାଲ୍ୟାଣ୍ଡ୍, ଇଟାଲୀ, ଜାପାନ, ରିପବ୍ଲିକ୍ ଅଫ୍ କୋରିଆ, ଲାଟ୍‌ଭିଆ, ଲିଥୁଆନିଆ, ଲକ୍‌ସେମ୍‌ବର୍ଗ, ମାଲଟା, ମେକ୍ସିକୋ, ନେଦରଲ୍ୟାଣ୍ଡ୍‌ସ, ନ୍ୟୁଜିଲ୍ୟାଣ୍ଡ୍, ନରୱେ, ପୋଲାଣ୍ଡ୍, ପର୍ତ୍ତୁଗାଲ୍, ରୋମାନିଆ, ସ୍ଲୋଭାକ୍ ରିପବ୍ଲିକ୍, ସ୍ଲୋଭେନିଆ, ସ୍ପେନ୍, ସ୍ୱିଡେନ୍, ସୁଇଜରଲ୍ୟାଣ୍ଡ୍, ରିପବ୍ଲିକ୍ ଅଫ୍ ତୁର୍କୀ, ୟୁକ୍ରେନ୍, ଇଂଲଣ୍ଡ ଓ ଆମେରିକା।

## ଡୋକ୍‌ଲାମ୍ ଆମ ଅଞ୍ଚଳ : ଚୀନ୍

**ବେଜିଂ :** ଭାରତ - ଚୀନ୍ ସୀମାରେ ଥିବା ଡୋକ୍‌ଲାମ୍ ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ଦୂର ହୋଇଛି ବୋଲି ଭାରତ କହୁଥିଲା ବେଳେ ଚୀନ୍ ଏହାକୁ ଅସ୍ୱୀକାର କରୁଛି। ଚୀନ୍ ଡୋକ୍‌ଲାମ୍ ସମ୍ପର୍କରେ ଦେଇଥିବା ବୟାନରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହି ବିବାଦୀୟ ଅଞ୍ଚଳରେ ଚୀନ୍ ଏକ ବଡ଼ ଧରଣର ସାମରିକ କମ୍ପ୍ଲେକ୍ସ ନିର୍ମାଣ କରୁଛି ବୋଲି ପ୍ରକାଶିତ ରିପୋର୍ଟ ଉପରେ ବେଜିଂ ପ୍ରତିକ୍ରିୟା ପ୍ରକାଶ କରିଛି। ଚୀନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଲୁ କାଙ୍ଗ୍ କହିଛନ୍ତି, ଡୋକ୍‌ଲାମ୍ ଅଞ୍ଚଳ ଆମର ଏବଂ ସେଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯଥାର୍ଥ। ଭାରତ ଏ ସମ୍ପର୍କରେ ମତାମତ ଦେବା ଅନୁଚିତ। ଡୋକ୍‌ଲାମ୍‌ର ବିବାଦୀୟ ଅଞ୍ଚଳ ଠାରୁ ଅଳ୍ପ ଦୂରରେ ଚୀନ୍ ସାମରିକ କମ୍ପ୍ଲେକ୍ସ ନିର୍ମାଣ କରୁଛି ବୋଲି ସ୍ୟାଟେଲାଇଟ୍ ଚିତ୍ରରୁ ଜଣାପଡ଼ିବା ସମ୍ପର୍କରେ ମିଡିଆ ରିପୋର୍ଟ ଉପରେ ଲୁ କାଙ୍ଗ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଛନ୍ତି, 'ଏ ସମ୍ପର୍କିତ ରିପୋର୍ଟ ମୋ ଦୃଷ୍ଟିକୁ ଆସିଛି। କିଏ ଏଭଳି ଫଟୋ ଛାଡ଼ିଛି, ତାହା ମୋତେ ଜଣାନାହିଁ।' କିନ୍ତୁ ଏ ସମ୍ପର୍କରେ ତାଙ୍କ ପାଖରେ ସବିଶେଷ ତଥ୍ୟ ନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ସ୍ୟାଟେଲାଇଟ୍ ଚିତ୍ରରେ ଡୋକ୍‌ଲାମ୍‌ରେ ଚାଲିଥିବା ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଦେଖିବାକୁ ମିଳିଛି। ଗତବର୍ଷ ଡୋକ୍‌ଲାମ୍‌ର ଯେଉଁ ସ୍ଥାନରେ ଦୁଇ ଦେଶର ସେନା ୭୩ ଦିନ ଧରି ମୁହାଁମୁହିଁ ଅବସ୍ଥାରେ ରହିଥିଲେ, ଠିକ୍ ସେହି ସ୍ଥାନରୁ ମାତ୍ର ୮୧ ମିଟର ଦୂରରେ ନିର୍ମାଣ କାର୍ଯ୍ୟ ଚାଲିଛି। ଭାରତ ସହ ଚୀନ୍ ଆଉ ଏକ ମୁହାଁମୁହିଁ ସ୍ଥିତିକୁ ଯାଉଛି ବୋଲି ବିଭିନ୍ନ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଚୀନ୍ ଏଭଳି ସ୍ପଷ୍ଟୀକରଣ ଦେଇଛି। ଚୀନ୍ କହିଛି, 'ଡୋଙ୍ଗ୍‌ଲଙ୍ଗ୍ (ଡୋକ୍‌ଲାମ୍) ଅଞ୍ଚଳରେ ଚୀନ୍‌ର ସ୍ଥିତି ଅତି ସ୍ପଷ୍ଟ। ଡୋଙ୍ଗ୍‌ଲଙ୍ଗ୍ ସର୍ବଦା ଚୀନ୍‌ର ହୋଇ ରହିଛି ଓ ରହିବ।

## ଫେବୃଆରୀ ୧୮ରେ ୩ ରାଜ୍ୟରେ ନିର୍ବାଚନ

**ନୂଆଦିଲ୍ଲୀ :** ଉତ୍ତରପୂର୍ବ ଭାରତର ତିନି ରାଜ୍ୟ ତ୍ରିପୁରା, ମେଘାଳୟ ଓ ନାଗାଲ୍ୟାଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଦୁଇଟି ପର୍ଯ୍ୟାୟରେ ଏହି ୩ଟି ରାଜ୍ୟରେ ନିର୍ବାଚନ ହେବ ବୋଲି ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଏକେ ଜୋତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି, ଫେବୃଆରୀ ୧୮ରେ ତ୍ରିପୁରା ବିଧାନସଭାର ୬୦ଟି ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ସେହିପରି ଫେବୃଆରୀ ୨୭ରେ ଉଭୟ ମେଘାଳୟ ଓ ନାଗାଲ୍ୟାଣ୍ଡ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହାପରେ ମାର୍ଚ୍ଚ ୩ ତାରିଖରେ ଏହି ୩ ରାଜ୍ୟର ନିର୍ବାଚନ ଫଳାଫଳ ଏକାସାଙ୍ଗରେ ପ୍ରକାଶ ପାଇବ। ଭୋଟ୍ ଗ୍ରହଣ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଜିଠାରୁ ହିଁ ନିର୍ବାଚନର ଆଚରଣ ବିଧି ଆଇନ୍ କାର୍ଯ୍ୟକାରୀ କରାଯାଇଛି। ଅନ୍ୟ ରାଜ୍ୟର ବିଧାନସଭା ନିର୍ବାଚନ ଭଳି ଏହି ରାଜ୍ୟଗୁଡ଼ିକରେ ମଧ୍ୟ ଇଭିଏମ୍ ଓ ଭିଭିପ୍ୟାଟ୍‌ରେ ଭୋଟ୍ ଗ୍ରହଣ କରାଯିବ। ତ୍ରିପୁରା ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଜାନୁଆରୀ ୨୪ରୁ ଆରମ୍ଭ ହୋଇ ୩୧ ଯାଏ ଚାଲିବ। ଫେବୃଆରୀ ୧ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏହାପରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଫେବୃଆରୀ ୩ ଧାର୍ଯ୍ୟ କରାଯାଇଛି। ସେହିପରି ମେଘାଳୟ ଓ ନାଗାଲ୍ୟାଣ୍ଡରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୭ ଯାଏ ଚାଲିବ। ଫେବୃଆରୀ ୮ରେ ଏହି ଦୁଇ ରାଜ୍ୟ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଫେବୃଆରୀ ୧୨ ରହିଛି ବୋଲି ଶ୍ରୀ ଜୋତି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପ୍ରକାରର ସ୍ୱଚ୍ଛତା ଅବଲମ୍ବନ କରାଯିବ। ଇଭିଏମ୍ ମେସିନ୍‌ରେ ପ୍ରାର୍ଥୀମାନଙ୍କ ଫଟୋ ସହ ଦଳୀୟ ଚିହ୍ନ ରହିବ। ଫଳରେ ଲୋକମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଠିକ୍ ଭାବେ ଚିହ୍ନି ପାରିବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭୋଟ୍ ଗ୍ରହଣ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସହ ରାଜ୍ୟ ପୁଲିସ୍‌କୁ ମୁତୟନ କରାଯିବ। ଭୋଟ୍ ପ୍ରକ୍ରିୟା ଉପରେ ନଜର ରଖିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ନିୟୋଜନ କରାଯିବ। ପ୍ରାର୍ଥୀମାନଙ୍କ ଖର୍ଚ୍ଚ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ସେ କହିଛନ୍ତି।

## ଆଧାର ପାଇଁ ମୁହଁ ଚିହ୍ନଟ

**ନୂଆଦିଲ୍ଲୀ :** ବାୟୋମେଟ୍ରିକ୍ ତଥ୍ୟ ଦେଇ ଆଧାର ଯାଞ୍ଚ ସମୟରେ ବେଳେ ବେଳେ ତାହା ମେଳ ଖାଉନଥିବାରୁ, ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧା ଦୂର କରିବା ପାଇଁ ଏବେ ମୁହଁ ଚିହ୍ନଟ ବା ଫେସ୍ ରେକଗ୍ନିସନ୍ ସୁବିଧା ଆଧାର ଡାଟାବେସ୍‌ରେ ଯୋଡ଼ାଯିବ। ଆସନ୍ତା ଜୁଲାଇ ୧ ସୁଦ୍ଧା ଏହା ଆରମ୍ଭ ହୋଇଯିବ। ବୟସାଧିକ୍ୟ କାରଣରୁ ଏବଂ ଶାରୀରିକ ଅସୁସ୍ଥତା ହେତୁ ଟିପଚିହ୍ନ ବା ଫିଙ୍ଗରପ୍ରିଣ୍ଟ୍ ଭେରିଫିକେସନ୍ ପାଇଁ ସମସ୍ୟାରେ ପଡୁଥିବା ବ୍ୟକ୍ତିମାନଙ୍କ ପାଇଁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଏହି ପ୍ରକ୍ରିୟା ଉପଯୋଗୀ ହେବା ସହିତ ତଥ୍ୟ ସୁରକ୍ଷା ଆହୁରି ମଜଭୁତ ହୋଇପାରିବ ବୋଲି ୟୁଆଇଡିଏଆଇର ସିଇଓ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି। ଏଥିପାଇଁ ନୂତନ ତଥ୍ୟ ଦେବାକୁ ପଡ଼ିବ ନାହିଁ ଯେହେତୁ ଆବେଦନ ସମୟରେ ହିଁ ମୁହଁର ଫଟୋ ନିଆସରିଛି। କିନ୍ତୁ ଏଥିରେ ଏକ ସର୍ତ୍ତ ରହିଛି। କେବଳ ମୁହଁ ଚିହ୍ନଟରେ ସଂପୂର୍ଣ୍ଣ ଯାଞ୍ଚ ସରିଯିବ ନାହିଁ, ଏହା ବାଦ୍ ଟିପ ଚିହ୍ନ, ଆଖି ଡୋଳା ଚିହ୍ନଟ କିମ୍ବା ଓଟିପି(ୱାନ୍ ଟାଇମ୍ ପାସ୍‌ୱାର୍ଡ) ମଧ୍ୟରୁ ଗୋଟିଏର ଅତିରିକ୍ତ ମେଳ କରାଯିବ। ବର୍ତ୍ତମାନ ମୋବାଇଲ୍ ଫୋନ୍ ଓ ଲ୍ୟାପଟପ୍‌ରେ କ୍ୟାମେରା ରହୁଥିବାରୁ ଏଥିପାଇଁ ନୂତନ ହାର୍ଡୱେର୍ ଯୋଡ଼ିବାକୁ ପଡ଼ିବ ନାହିଁ। ସମାଲୋଚକମାନେ ବିଶ୍ୱର ବୃହତ୍ ବାୟୋମେଟ୍ରିକ୍ ଡାଟାବେସ୍ ଆଧାର ପାଇଁ ଏହି ନୂତନ ବ୍ୟବସ୍ଥାରେ ସୁରକ୍ଷା ସମସ୍ୟା ଥିବା ସନ୍ଦେହ କରୁଛନ୍ତି। ଗତ ସପ୍ତାହରେ କୋଟି କୋଟି ଭାରତୀୟଙ୍କ ଆଧାର ତଥ୍ୟର ସୁରକ୍ଷା ପାଇଁ ୧୬ ସଂଖ୍ୟା ବିଶିଷ୍ଟ ଭର୍ଚୁଆଲ୍ ଆଧାର ଆଇଡି ଲାଗୁ ହେବା ବିଷୟରେ ଘୋଷଣା ହୋଇଥିଲା। ଏହି ନୂତନ ଆଇଡି ବ୍ୟବହାର କରି ସମସ୍ତ ଆଧାର ସଂଯୋଗୀକରଣ କରାଯାଇ ପାରିବା ସହିତ ମୂଳ ଆଧାର ଡାଟା ମଧ୍ୟ ସୁରକ୍ଷିତ ରହିବ। ୫୦୦ ଟଙ୍କା ବଦଳରେ ଆଧାର ତଥ୍ୟ ମିଳିପାରୁଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶିତ ହେବା ପରେ ଆଧାର ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଥିଲେ। ଭର୍ଚୁଆଲ୍ ଆଇଡି ପରୀକ୍ଷାମୂଳକ ଭାବରେ ଏଯାଏ ବ୍ୟବହାର ହୋଇନାହିଁ, କିନ୍ତୁ ଏହାକୁ ଅନୁପଯୋଗୀ ଦର୍ଶାଇ ଏହା ବିରୋଧରେ ଅଦାଲତରେ କେତେକ ପିଟିସନ୍ ଦାଖଲ ହୋଇଛି। ୟୁଆଇଡିଏଆଇ ଦେଇଥିବା ସୂଚନା ଅନୁଯାୟୀ ଆଧାର ବ୍ୟବସ୍ଥା ବ୍ୟାଙ୍କ୍, ଟେଲିକମ୍, ସାଧାରଣ ବଣ୍ଟନ, ଇନକମ୍ ଟ୍ୟାକ୍ସ ଆଦି ପାଇଁ ମୁଖ୍ୟତଃ ବ୍ୟବହାର ହୋଇଆସୁଛି।

## କୁଳ୍‌ଭୂଷଣଙ୍କ ଅପହରଣ କାହାଣୀର ପର୍ଦ୍ଦାଫାସ୍

**ନୂଆଦିଲ୍ଲୀ :** ପାକିସ୍ତାନ ଜେଲ୍‌ରେ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଲ୍‌ଭୂଷଣ ଯାଦବଙ୍କ ଘଟଣାରେ ପାକିସ୍ତାନର ଷଡ଼ଯନ୍ତ୍ର ପଦାରେ ପଡ଼ିଛି। ବାଲୁଚିସ୍ତାନର ଜଣେ ସାମାଜିକ କର୍ମୀ ମାମା କାଦିର୍ ବାଲୋଚ୍ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି, କୁଲ୍‌ଭୂଷଣଙ୍କୁ ଅପହରଣ ଘଟଣା ପଛରେ ଥିବା ପାକିସ୍ତାନ ଗୋଇନ୍ଦା



ସଂସ୍ଥା ଆଇଏସ୍‌ଆଇର ହାତ ରହିଛି। ସେ କହିଛନ୍ତି, ବାଲୁଚିସ୍ତାନରେ ଆଇଏସ୍‌ଆଇ ପାଇଁ କାମ କରୁଥିବା କରାଚୀ ସହର ବାସିନ୍ଦା ମୁଲା ଓମାର୍ ଇରାନୀ ନାମକ ଜଣେ ଭଡ଼ାଟିଆ ଅପହରଣକାରୀ ପାକିସ୍ତାନ ସରକାରଙ୍କ ନିର୍ଦ୍ଦେଶରେ କୁଲ୍‌ଭୂଷଣଙ୍କୁ ଅପହରଣ କରିଥିଲା। ଇରାନ୍‌ର ଚାବାହାର ବନ୍ଦରରୁ କୁଲ୍‌ଭୁଷଣଙ୍କୁ ଅପହରଣ କରିବା ପାଇଁ ମୁଲ୍ଲା ଓମାର୍‌କୁ ଆଇଏସ୍‌ଆଇ କୋଟି କୋଟି ଟଙ୍କା ଦେଇଥିବା କାଦିର୍ ଦାବି କରିଛନ୍ତି। ଏପରିକି ଭାରତ ସରକାର ତାଙ୍କୁ ସୁରକ୍ଷା ଯୋଗାଇଦେଲେ ସେ କୋର୍ଟରେ ହାଜର ହୋଇ ଏ ସମ୍ପର୍କରେ ସାକ୍ଷ୍ୟ ଦେବାକୁ ପ୍ରସ୍ତୁତ ଥିବା କହିଛନ୍ତି। ବାଲୁଚିସ୍ତାନରେ ଅପହୃତ ସ୍ୱାଧୀନତା ସଂଗ୍ରାମୀ ଓ ସୈନ୍ୟଙ୍କୁ ଉଦ୍ଧାର କରୁଥିବା ସାମାଜିକ ସଂଗଠନ 'ଭଏସ୍ ଫର୍ ମିସିଙ୍ଗ୍ ବାଲୋଚ୍'ର ଉପସଭାପତି ଥିବା କାଦିର୍ କୁଲ୍‌ଭୂଷଣଙ୍କୁ ଅପହରଣର ପ୍ରତ୍ୟକ୍ଷଦର୍ଶୀ ବୋଲି କହିଛନ୍ତି।

## ହଜ୍ ସବ୍‌ସିଡି ବନ୍ଦ

**ନୂଆଦିଲ୍ଲୀ :** ଚଳିତ ବର୍ଷରୁ ମୁସ୍‌ଲିମ୍‌ମାନଙ୍କୁ ହଜ୍ ଯାତ୍ରା ପାଇଁ ଆଉ ସବ୍‌ସିଡି ମିଳିବ ନାହିଁ। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଆବାସ୍ ନକ୍‌ଭି ଆଜି ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ସରକାରଙ୍କ ଏହି ବିରାଟ ପଦକ୍ଷେପ ଦ୍ୱାରା ମର୍ଯ୍ୟାଦାର ସହ ମୁସ୍‌ଲିମ୍‌ମାନଙ୍କର ସଶକ୍ତିକରଣ ସମ୍ଭବ ହେବ। ସେ କହିଛନ୍ତି, 'ଆମେ ତୁଷ୍ଟୀକରଣରେ ନୁହେଁ, ସଶକ୍ତିକରଣରେ ବିଶ୍ୱାସ କରୁ।' ପ୍ରତି ବର୍ଷ ହଜାର ହଜାର ସଂଖ୍ୟାରେ ମୁସ୍‌ଲିମ୍ ହଜ୍ କରିବାକୁ ଯାଉଥିଲା ବେଳେ ଏଥିପାଇଁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ସବ୍‌ସିଡି ଯୋଗାଇ ଦିଆଯାଉଥିଲା। ସେମାନେ ରିହାତିରେ ବିମାନ ଟିକେଟ୍ ପାଉଥିଲେ। କିନ୍ତୁ ମୋଦି ସରକାର ଚଳିତ ବର୍ଷରୁ ଏହି ସୁବିଧା ପ୍ରଦାନ ବନ୍ଦ କରିଛନ୍ତି। କିଛି ଦିନ ତଳେ ସରକାର ୪୫ ବର୍ଷରୁ ଉର୍ଦ୍ଧ୍ୱ ମୁସ୍‌ଲିମ୍ ମହିଳାଙ୍କୁ ପୁରୁଷ ସହଯୋଗୀ ବିନା ହଜ୍ କରିବାକୁ ସୁଯୋଗ ଦେଇଥିଲେ। ଚଳିତ ବର୍ଷରୁ ହଜ୍ ସବ୍‌ସିଡି ବନ୍ଦ୍ ହେବା ସମ୍ପର୍କରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ନକ୍‌ଭି ଆହୁରି କହିଛନ୍ତି, ଏହି ସବ୍‌ସିଡି ପ୍ରତ୍ୟାହାର କରାଯିବା ସତ୍ତ୍ୱେ ଚଳିତ ବର୍ଷ ସାଉଦୀ ଆରବ ଭାରତର କୋଟା ୫୦୦୦ ବୃଦ୍ଧି କରିବାରୁ ଏଥର ରେକର୍ଡ ସଂଖ୍ୟକ ୧.୭୫ ଲକ୍ଷ ମୁସ୍‌ଲିମ୍ ହଜ୍ କରିବାକୁ ଯାଉଛନ୍ତି। ସବ୍‌ସିଡି ଦ୍ୱାରା ମୁସ୍‌ଲିମ୍‌ମାନେ ବିଶେଷ ଫାଇଦା ପାଉନଥିଲେ। ଏବେ ଏ ବାବଦ ଅର୍ଥକୁ ଏହି ସମ୍ପ୍ରଦାୟର ନାରୀ ଶିକ୍ଷାରେ ବିନିଯୋଗ କରାଯିବ। ସବ୍‌ସିଡି ବାବଦ ୫୦୦ରୁ ୭୦୦ କୋଟି ଟଙ୍କାରୁ ଅଧିକାଂଶ ଭାଗ ଏୟାର ଇଣ୍ଡିଆରେ ହଜ୍ ଯାତ୍ରୀଙ୍କ ଜେଡ୍ଡା ଯାତ୍ରା ପାଇଁ ଖର୍ଚ୍ଚ ହେଉଥିଲା। ସରକାର ଏୟାର ଇଣ୍ଡିଆକୁ ଘରୋଇକରଣ କରିବାକୁ ଯାଉଥିବାରୁ ସବ୍‌ସିଡି ପ୍ରଦାନ ଅପ୍ରାସଙ୍ଗିକ ହୋଇଥାନ୍ତା। ତେବେ ନାଗରିକମାନଙ୍କ ପ୍ରତି ସରକାରଙ୍କର ଯାହା କିଛି ଦାୟିତ୍ୱ ରହିଛି, ତାହା ନିର୍ବାହ କରାଯାଉଛି ଏବଂ ସାଉଦୀ ଆରବକୁ ତୀର୍ଥ ଯାତ୍ରା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବ। ସେମାନଙ୍କର ସୁରକ୍ଷା ତଥା ଆରାମ ପାଇଁ ଧ୍ୟାନ ଦିଆଯିବ। ୨୦୧୨ରେ ସୁପ୍ରିମକୋର୍ଟ ହଜ୍ ସବ୍‌ସିଡି ୨୦୨୨ ସୁଦ୍ଧା ପର୍ଯ୍ୟାୟକ୍ରମେ ହଟାଇ ଦିଆଯିବାକୁ ନିର୍ଦ୍ଦେଶ ଦେବା ପରେ ସରକାର ଏକ ନୀତି ପ୍ରସ୍ତୁତ କରିଥିଲେ। ଗତବର୍ଷ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ଆଫ୍‌ଜଲ୍ ଅମାନୁଲାଙ୍କ ନେତୃତ୍ୱରେ ବିଶିଷ୍ଟ ମୁସ୍‌ଲିମ୍‌ମାନଙ୍କୁ ନେଇ ଭାରତର ହଜ୍ ନୀତିର ସଂଶୋଧନ କରିବା ଲାଗି ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ହଜ୍ ସବ୍‌ସିଡି ପ୍ରତ୍ୟାହାର ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ମୁସ୍‌ଲିମ୍ ମହିଳାଙ୍କୁ ପୁରୁଷ ସହଯୋଗୀ ବିନା ହଜ୍ କରିବାକୁ ଅନୁମତି ଦେବାପାଇଁ ସୁପାରିସ୍ କରିଥିଲା। କମିଟିର ଅଧିକାଂଶ ସୁପାରିସ୍‌କୁ ସରକାର ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ କଂଗ୍ରେସ ସରକାର ସମୟରେ ସୁପ୍ରିମକୋର୍ଟ ହଜ୍ ସବ୍‌ସିଡି ପର୍ଯ୍ୟାୟକ୍ରମେ ଉଠାଇଦେବାକୁ କହିବା ପରଠାରୁ ସରକାର ଏ ବାବଦ ଅର୍ଥ ପରିମାଣ ହ୍ରାସ କରି ଚାଲିଥିଲେ।

### ଖଣି ମାଲିକଙ୍କ ସହ କେନ୍ଦ୍ର ଖଣିମନ୍ତ୍ରୀଙ୍କ ଆଲୋଚନା

# ସୁପ୍ରିମ୍‌କୋର୍ଟ ଯିବାକୁ ପରାମର୍ଶ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଖଣି ଖନନ ପାଇଁ ନିର୍ଦ୍ଧାରିତ ଅନୁମତିର ପୂର୍ଣ୍ଣ ଉପଯୋଗ କରି ଖଣିଜ ସାମଗ୍ରୀର ଉତ୍ପାଦନ ବୃଦ୍ଧି ଓ ଯୋଗାଣ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଆଜି ଓଡ଼ିଶାର ଖଣି ଲିଜ୍‌ଧାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ଧାର୍ଯ୍ୟ ଅବଧି ମଧ୍ୟରେ ଜୋରିମାନା ଦାଖଲ ନକରି ବନ୍ଦର ସମ୍ମୁଖୀନ ହୋଇଥିବା ରାଜ୍ୟର ୭ଟି ଖଣି କମ୍ପାନୀର ଲିଜ୍‌ଧାରୀଙ୍କୁ ପୁଣିଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶ୍ରୀ ତୋମାର ଦୁଇଟି ପର୍ଯ୍ୟାୟରେ ରାଜ୍ୟର ଖଣି ଲିଜ୍‌ଧାରୀଙ୍କ ସହ ଉତ୍ପାଦନ ବୃଦ୍ଧି ଓ ଯୋଗାଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକ୍ଷମ ଥିବା ଖଣିର ଲିଜ୍‌ଧାରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ତୋଳନ ପାଇଁ ମିଳିଥିବା ଅନୁମତି ଓ ନିର୍ଦ୍ଧାରିତ ସୀମାର ପୂର୍ଣ୍ଣ ଉପଯୋଗ କରି ଖଣିଜ ସାମଗ୍ରୀ ଖନନ ନିମନ୍ତେ ପରାମର୍ଶ ଦେଇଛନ୍ତି। ଅଧିକ ଖଣିଜ ସାମଗ୍ରୀ ଖନନ ଓ ଯୋଗାଣ ସୁନିଶ୍ଚିତ ହେଲେ ଇସ୍ପାତ ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହେବ ନାହିଁ ବୋଲି କହିଛନ୍ତି। ଜୋରିମାନା ଦେଇନଥିବାରୁ ୭ଟି ଖଣି ବନ୍ଦ ହୋଇଥିବାରୁ ରାଜ୍ୟରେ ଖଣିଜ ସାମଗ୍ରୀ ଉତ୍ପାଦନ ପ୍ରଭାବିତ ହୋଇଛି ଓ ଜାନୁଆରୀ ସବୁଠୁ କମ୍ ଉତ୍ପାଦନ ହୋଇଛି। ଯାହାକି ଇସ୍ପାତ ଉଦ୍ୟୋଗକୁ କଞ୍ଚାମାଲ ଯୋଗାଣରେ ସମସ୍ୟା ଦେଖା ଦେବାର ଆଶଙ୍କା ସୃଷ୍ଟି କରିଛି। ଏହି ସମସ୍ୟାକୁ ଏଡ଼ାଇବା ପାଇଁ ଖଣି ମନ୍ତ୍ରୀ ଶ୍ରୀ ତୋମାର ଆଜି ରାଜ୍ୟର ଖଣି ଲିଜ୍‌ଧାରୀଙ୍କ ସହ ଏହି ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ତୋମାର ଜୋରିମାନା ନଦେଇ ବନ୍ଦ ଥିବା ୭ଟି ଖଣିର ଲିଜ୍‌ଧାରୀମାନଙ୍କ ସହ ଆଲୋଚନା କରିଥିଲେ। ଏସବୁ ଲିଜ୍‌ଧାରୀମାନେ ସେମାନଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ନଦେଇ ପାରିବାର କାରଣ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରିଥିଲେ। ବୈଠକ ପରେ ଶ୍ରୀ ତୋମାର ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ ସମସ୍ତ ଖଣି ଲିଜ୍‌ଧାରୀଙ୍କୁ ସେମାନଙ୍କର ଅନୁମୋଦିତ ସୀମା ମଧ୍ୟରେ ଖଣିଜ ଖନନର ସମ୍ପୂର୍ଣ୍ଣ ଫାଇଦା ଉଠାଇ ଉତ୍ପାଦନ କରିବା ଓ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ କୁହାଯାଇଛି। ସେମାନେ ମଧ୍ୟ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜୋରିମାନା ନଦେବା କାରଣରୁ ଯେଉଁସବୁ ଖଣି ବନ୍ଦ ରହିଛି ସେମାନଙ୍କର ଲିଜ୍ ଅବଧି ଆହୁରି ୨ବର୍ଷ ଥିବାରୁ ସେମାନଙ୍କୁ ପୁଣି ଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ମେସ୍କୋ ଷ୍ଟିଲ୍‌ର ସିଏମ୍‌ଡି ରୀତା ସିଂହ କହିଛନ୍ତି ଯେ, ଯେଉଁ ସବୁ ଉତ୍ତୋଳିତ ଖଣିଜ ସାମଗ୍ରୀ ପଡ଼ି ରହିଛି ତାକୁ ବିକ୍ରି କରିବା ପାଇଁ ଲିଜ୍‌ଧାରୀଙ୍କୁ ଅନୁମତି ଦିଆଯାଉ। ଏହି ଖଣିଜ ସାମଗ୍ରୀ ବିକ୍ରି ହେଲେ ସେହି ଅର୍ଥ ରାଜ୍ୟ ସରକାରଙ୍କ ନିକଟରେ ଜମା କରାଯିବ। ଯେହେତୁ ଲିଜ୍ ଅବଧି ଆଉ ୨ବର୍ଷ ପାଇଁ ରହିଛି, ଖଣି ଖନନ ନିମନ୍ତେ ସେମାନଙ୍କୁ ଅନୁମତି ଦିଆଯାଉ। ଏହା ଦ୍ୱାରା ରାଜ୍ୟ ସରକାରଙ୍କୁ ଜୋରିମାନା ଅର୍ଥ ମିଳିଯିବ ଓ ଖଣି ଖନନ ମଧ୍ୟ ସମ୍ଭବପର ହେବ। ସେହିପରି ଏଫ୍‌ଆଇଏମ୍‌ଆଇ (ଫିମି) ନିର୍ଦ୍ଦେଶକ ଆର୍‌କେ ସିଂହ କହିଛନ୍ତି 'ଫିମି'ର ପ୍ରୟାସ ଯୋଗୁ ଆଜି ଏହି ବୈଠକ ହୋଇଛି। ଖଣି ବନ୍ଦକୁ ନେଇ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ସେ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଖଣି ଲିଜ୍‌ଧାରୀଙ୍କୁ କେଉଁ ଭଳି ସହଯୋଗ କରିହେବ ତା'ର ଅନୁଧ୍ୟାନ କେନ୍ଦ୍ର ସରକାର କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଡିସେମ୍ବର ୩୧ତାରିଖ ସୁଦ୍ଧା ଜୋରିମାନା ଅର୍ଥ ଦେଇନଥିବାରୁ ରାଜ୍ୟର ୭ଟି ଲୁହା ଖଣିକୁ ରାଜ୍ୟ ସରକାର ବନ୍ଦ କରିଛନ୍ତି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର






ଭୁବନେଶ୍ୱର, ୨୨ - ୨୮ ଜାନୁଆରୀ, ୨୦୧୮
Bhubaneswar, 22nd - 28th January, 2018
ପରିକ୍ରମା

## ବିଜେପୁର ଉପନିର୍ବାଚନ ତାରିଖ ଗଡୁଛି

# ବିଳମ୍ବ ପଛରେ ଚକ୍ରାନ୍ତ !

**ଭୁବନେଶ୍ୱର :** ବିଜେପୁର ଉପନିର୍ବାଚନ ତାରିଖ ଘୋଷଣା ହେବାରେ ବିଳମ୍ବକୁ ନେଇ ବିଜେଡି ଓ କଂଗ୍ରେସ ପୁଣିଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ନିର୍ବାଚନ କମିଶନ ମେଘାଳୟ, ତ୍ରିପୁରା ଓ ନାଗାଲ୍ୟାଣ୍ଡ ବିଧାନସଭା ପାଇଁ ନିର୍ବାଚନ ତାରିଖ ଘୋଷଣା କରିଥିବାବେଳେ ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିନାହାନ୍ତି । ଏହାକୁ ତୀବ୍ର ବିରୋଧ କରି ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ଏହି ୩ରାଜ୍ୟର ବିଧାନସଭା ନିର୍ବାଚନ ସହ ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏହା ହେଲାନି । ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ହତ୍ୟା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛି । ସେ ମଧ୍ୟ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେହିପରି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ନିର୍ବାଚନ କମିଶନ କୌଣସି ସ୍ଥାନରେ ପ୍ରଭାବିତ ହେଉଛନ୍ତି । ବିଜେପି ଅନୁଭବ କରୁଛି ବିଜେପୁରରେ ତୃତୀୟ ସ୍ଥାନରେ ରହିଛି ଓ ଶୋଚନୀୟ ଭାବେ ପରାସ୍ତ ହେବ ବୋଲି ଭାବୁଛନ୍ତି ତେଣୁ ନିର୍ବାଚନକୁ ବିଳମ୍ବ କରାଯାଉଛି । ସେହିପରି କଂଗ୍ରେସ ନେତା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, କେନ୍ଦ୍ରରେ ଥିବା ବିଜେପି ସରକାର ରାଜନୀତିକ ଅଭିସନ୍ଧି ରଖି ବିଜେପୁର ଉପନିର୍ବାଚନ ତାରିଖ ଗଡ଼ାଇ ଚାଲିଛନ୍ତି । ବିଜେପୁରରେ ବିଜେପି ହାରିବ ବୋଲି ଜାଣିସାରିଲାଣି । କେନ୍ଦ୍ରରେ ବିଜେପି ସରକାର ଥିବାରୁ ନିର୍ବାଚନ କମିଶନଙ୍କ ଉପରେ ଚାପ ତାଙ୍କର ଅଧିକ ରହୁଛି । ତା'ନହେଲେ ଅନ୍ୟ ରାଜ୍ୟରେ ନିର୍ବାଚନ ଘୋଷଣା ହେଉଥିବାବେଳେ ବିଜେପୁର ପାଇଁ କାହିଁକି ହେଉନି ବୋଲି ସେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ଭୋଟର ତାଲିକା ପ୍ରସ୍ତୁତ କରିପାରିନାହାନ୍ତି । ଏଠି କେବଳ ଡାହାଣୀ ହୋଇ ଲାଗିବେ, ଗୁଣିଆ ହୋଇ ଝାଡ଼ିବେ । କେବଳ ଡ୍ରାମାବାଜି କରୁଛନ୍ତି । ନିର୍ବାଚନ କମିଶନ ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିବେ । ଏଥିରେ ବିଜେପିର କିଛି କରିବାର ନାହିଁ ବୋଲି ସେ କହିଛନ୍ତି ।

## ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ହସ୍ତକ୍ଷେପ

# ଲାଞ୍ଚ ଟଙ୍କା ଫେରି ପାଇଲେ ମହିଳା

**ଖୋରଧା :** ଶବ ବ୍ୟବଚ୍ଛେଦ ରିପୋଟ ଶୀଘ୍ର କରାଇ ଦେବାକୁ କହି ପୁତ୍ର ହରା ମା' ଠାରୁ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଫେଇ କର୍ମଚାରୀ ଜଗୁ ଦଳେଇ ନେଇଥିବା ଲାଞ୍ଚ ଟଙ୍କା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ଫେରି ପାଇଛନ୍ତି ସମ୍ପୃକ୍ତ ମହିଳା । ଘଟଣାରୁ ପ୍ରକାଶ ଯେ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ମାନସିଂହପୁର ସୋରଣ ଗାଁର କେତକି ବେହେରାଙ୍କ ପୁଅ ବଲି ବେହେରା ବୟସ-୨୮, ୨୦୧୭ ମସିହା ମାର୍ଚ୍ଚ ୯ ତାରିଖରେ ମାଛ ମାରିବାକୁ ଚିଲିକାକୁ ଯାଇ ଆଉ ଘରକୁ ଫେରି ନଥିଲା । ତାପର ଦିନ ବଲିଙ୍କ ମୃତ ଦେହ ଚିଲିକା ନିକଟରୁ ମିଳିଥିଲା । ଟାଙ୍ଗୀ ପୁଲିସ୍ ଖବର ପାଇ କେଶ ନଂ.୨୨/୧୭ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମାମଲାକୁ ଚପାଇ ଦେବାକୁ ଚେଷ୍ଟା କରାଯାଇଥିଲା । ମୃତ ବଲିର ମା' ଥାନାରୁ ନ୍ୟାୟ ପାଇବାରୁ ନିରାଶ ହେବା ପରେ ଅଦାଲତର ଆଶ୍ରୟ ନେଇଥିଲେ । ଅଦାଲତଙ୍କର ନିର୍ଦ୍ଦେଶ ପ୍ରକାରେ ଟାଙ୍ଗୀ ପୁଲିସ ଅପମୃତ୍ୟୁ ମାମଲାଟିକୁ ହତ୍ୟା ମାମଲାରେ ପଞ୍ଜିକୃତ କରିଥିଲେ । ମାର୍ଚ୍ଚ ୧୧ ତାରିଖ ୨୦୧୭ ମସିହାରେ ମୃତ ଦେହଟିର ଶବ ବ୍ୟବଚ୍ଛେଦ ପାଇଁ ଟାଙ୍ଗୀ ପୁଲିସ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ କରାଯିବା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ଜଗୁ ଦଳେଇ ମୃତ ବଲିର ମା' କେତେକୀଙ୍କର ଅସହାୟତାର ସୁଯୋଗ ନେଇ ନିଜର ଫାଇଦା ଉଠାଇଥିଲା । ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଏହି ହତ୍ୟା ଘଟଣାର ଅଭିଯୁକ୍ତମାନେ ଏପଟ ସେପଟ କରି ଦେବାର ଭୟ ଦେଖାଇ ସଠିକ୍ ରିପୋର୍ଟ ଡ଼ାକ୍ତରଙ୍କୁ କହି କରାଇ ଦେବା ପାଇଁ ଟ.୮,୫୦୦/-ଙ୍କା ଦେବାକୁ ପ୍ରବର୍ତ୍ତାଇଥିଲେ ଶବ ବ୍ୟବଚ୍ଛେଦ ରିପୋର୍ଟ ସେ ନିଜେ ନେଇ ତାଙ୍କ ଘରେ ଦେଇ ଆସିବ ବୋଲି କେତକିଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କ ଠାରୁ ଟ.୮,୫୦୦/-ଙ୍କା ନେଇଥିଲା । ଏହା ପରେ ମଧ କେତକିଙ୍କ ଠାରୁ ଚିଙ୍ଗୁଡ଼ି ଏବଂ କଙ୍କଡ଼ା ଲାଞ୍ଚ ନେଇଥିଲା । ଏହା ପରେ ଜଗୁଙ୍କର ଆଉ ଦେଖା ସାକ୍ଷାତ ମିଳି ନଥିଲା । ଫଳରେ କେତେକି ପୁଅର ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ବାରମ୍ବାର ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଧାଇଁ ନିରାଶ ହୋଇ ଫେରି ଯାଉଥିଲେ । ତା.୧୭.୦୧.୨୦୧୮ରିଖ ଦିନ କେତକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବାପ ଛେଉଣ୍ଡ ନାତୁଣିକୁ ଧରି ଆସି ଜଗୁକୁ ନ ପାଇ କାନ୍ଦୁଥିବା ବେଳେ କେତେଜଣ ଅଟୋ ଡ୍ରାଇଭର ଏବଂ ଆମ୍ବୁଲାନ୍ସ କର୍ମଚାରୀ ଘଟଣା ସମ୍ପର୍କରେ ପଚାରିବାରୁ ସମସ୍ତ ଘଟଣା ସେମାନଙ୍କୁ କହିଥିଲେ । ଏହି ସମୟରେ କେତେକ ଗଣମାଧ୍ୟମର ପ୍ରତିନିଧି ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ । କେତେକିଙ୍କୁ ନେଇ ଗଣମାଧ୍ୟମର ପ୍ରତିନିଧିମାନେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଲିଙ୍ଗରାଜ ମିଶ୍ରଙ୍କ ନିକଟରେ ଅଭିଯୋଗ କରିବା ପରେ କେତକିଙ୍କ ଠାରୁ ନେଇଥିବା ସମସ୍ତ ଟଙ୍କା ଏପରିକି କଙ୍କଡ଼ା ଏବଂ ଚିଙ୍ଗୁଡ଼ି ବାବଦକୁ ଟଙ୍କା ସମୁଦାୟ ଟ.୧୦,୫୦୦/- ଫେରାଇବାକୁ ତାଗିଦ୍ କରିବା ପରେ ଜଗୁ ଦଳେଇ ନିଜେ ନ ଆସି ଅନ୍ୟ ଜଣଙ୍କ ହାତରେ ଟ.୧୦,୫୦୦/-ଙ୍କା ଫେରାଇ ଥିଲେ । ଏ ସମ୍ପର୍କରେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମତାମତ ନେବାରୁ ସେ କହିଲେ ଅଭିଯୋଗ କାରିଣୀଙ୍କୁ ସମସ୍ତ ଟଙ୍କା ଫେରାଇ ଦିଆଯାଇଛି ଏବଂ ଏହି ଘଟଣାର ପୁଙ୍ଖାନୁ ପୁଙ୍ଖ ଭାବରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ି.ଏମ୍.ଓ ତଥା ଅଧିକ୍ଷକ ଡ଼ାକ୍ତର ନାରାୟଣ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିବା ସହିତ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଧାନ କିଣାରେ 'ଆଧାର' ସଂଯୋଗକୁ ନା



**ଭୁବନେଶ୍ୱର :** ଧାନ କିଣା ପାଇଁ 'ଆଧାର' ବାଧ୍ୟତାମୂଳକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ଓଡ଼ିଶା ପ୍ରତ୍ୟାଖ୍ୟାନ କରିଛି । ଧାନ ସମେତ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)ର ଫାଇଦା ଚାଷୀଙ୍କୁ ଦେବା ନିମନ୍ତେ କେନ୍ଦ୍ର ସରକାର ଚାଷୀଙ୍କ ପଞ୍ଜୀକରଣବେଳେ ଆଧାର ନମ୍ବରକୁ ବାଧ୍ୟତାମୂଳକ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ତେବେ ଏ କ୍ଷେତ୍ରରେ ଆଧାରକୁ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ ବୋଲି ଖାଦ୍ୟଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ରୋକ୍ଠୋକ୍ ମନା କରିଦେଇଛନ୍ତି । ଶ୍ରୀ ପାତ୍ର କହିଛନ୍ତି ଯେ ଚାଷୀ ପଞ୍ଜୀକରଣବେଳେ ରାଜ୍ୟ ସରକାର କିଷାନ୍ କ୍ରେଡିଟ୍ କାର୍ଡ, ବିଜୁ କୃଷକ କଲ୍ୟାଣ କାର୍ଡ ଓ ଭୋଟର୍ ପରିଚୟ ପତ୍ର ମଧ୍ୟରୁ ଯେକୌଣସି ଗୋଟିଏକୁ ବାଧ୍ୟତାମୂଳକ ଦସ୍ତାବିଜ କରି ସେମାନଙ୍କ ଠାରୁ ଧାନ ସଂଗ୍ରହ କରୁଛନ୍ତି । ଧାନକିଣା ପାଇଁ ଚାଷୀ ପଞ୍ଜୀକରଣବେଳେ ଆଧାର ନମ୍ବରକୁ ମଧ୍ୟ ସଂଯୋଗ କରାଯାଉଛି । କିନ୍ତୁ ଏହାକୁ ବାଧ୍ୟତାମୂଳକ କରାଯାଇନି । ଏହି ଆଧାର ନମ୍ବର ଦେବା ପାଇଁ ଚାଷୀଙ୍କୁ କେବଳ ପ୍ରୋତ୍ସାହିତ କରାଯାଉଛି । କାରଣ ସମସ୍ତ ଚାଷୀଙ୍କ ପାଖରେ ଆଧାର ନମ୍ବର ନାହିଁ । ଚାଷୀଙ୍କ ଆଧାର ନମ୍ବରକୁ ବାଧ୍ୟତାମୂଳକ କରାଗଲେ ସେମାନେ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାରେ ସମସ୍ୟା ଉପୁଜିବ । ୨୦୧୭-୧୮ ଖରିଫ ଋତୁରେ ଧାନ ବିକ୍ରି ପାଇଁ ମୋଟ ୧୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୧୦.୯୩ଲକ୍ଷ ଚାଷୀଙ୍କ ଆଧାର ନମ୍ବରକୁ ସାମିଲ କରାଯାଇଛି । ଯାହାକି ପ୍ରାୟ ୯୯ ପ୍ରତିଶତ । ତେବେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କୁ ଆଧାର ନମ୍ବର ଦେବା ଦିଗରେ ପଦକ୍ଷେପ ନେଇନଥିବାବେଳେ ଏହାକୁ କିଭଳି ବାଧ୍ୟତାମୂଳକ ପାଇଁ ପ୍ରସ୍ତାବ ଦେଇଛନ୍ତି ତାହା ତାଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ଶ୍ରୀ ପାତ୍ର କହିଛନ୍ତି । ସୂଚନାଯୋଗ୍ୟ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଭାରତୀୟ ଖାଦ୍ୟ ନିଗମର ଜେନେରାଲ ମ୍ୟାନେଜର ଡିସେମ୍ବର ୨୭ତାରିଖରେ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ଏମ୍ଏସ୍ପି ସୁବିଧା ଚାଷୀଙ୍କୁ ଦେବା ନିମନ୍ତେ ଆଧାର ନମ୍ବର ବାଧ୍ୟତାମୂଳକ କରିବାକୁ ପ୍ରସ୍ତାବ ଦେଇଥିଲେ ।

# ଅନ୍ତ୍ୟୋଦୟ ଅନ୍ନ ଯୋଜନା : ଟାର୍ଗେଟ୍ ହାସଲରେ ଓଡ଼ିଶା ଫେଲ୍

**ଭୁବନେଶ୍ୱର :** ରାଜ୍ୟର ଅତ୍ୟଧିକ ଗରିବ ପରିବାରକୁ 'ଅନ୍ତ୍ୟୋଦୟ ଅନ୍ନ ଯୋଜନା'ରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଟାର୍ଗେଟ୍କୁ ହାସଲ କରିବାରେ ଓଡ଼ିଶା ବିଫଳ ହୋଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ୩ରୁ କମ୍ ସଦସ୍ୟ ବିଶିଷ୍ଟ ପରିବାରକୁ ପ୍ରାୟୋରିଟି ହାଉସ୍ହୋଲଡ୍(ପିଏଚଏଚ୍) ବର୍ଗରୁ ଅନ୍ତ୍ୟୋଦୟ ଅନ୍ନ ଯୋଜନା(ଏଏୱାଇ) ହିତାଧିକାରୀକୁ ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାରଙ୍କ ବାରମ୍ବାର ପରାମର୍ଶ ସତ୍ତ୍ୱେ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବା ଜଣାପଡ଼ିଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରଚଳିତ ନିୟମ ଅନୁସାରେ ପିଏଚ୍ଏଚ୍ ବର୍ଗରେ ସାମିଲ ପରିବାରକୁ ପ୍ରତ୍ୟେକ ସଦସ୍ୟ ପାଇ ମାସିକ ୫ କିଲୋ ଚାଉଳ ମିଳୁଥିବାବେଳେ ଏଏୱାଇ ବର୍ଗର ପରିବାରକୁ ମାସିକ ୩୫ କିଲୋ ଚାଉଳ ଦେବାର ପ୍ରାବଧାନ ରହିଛି । ଫଳରେ ୩ରୁ କମ୍ ସଦସ୍ୟ ବିଶିଷ୍ଟ ଗରିବ ପରିବାର ଏଏୱାଇ ବର୍ଗରେ ସାମିଲ ହେଲେ ସେମାନେ ଅଧିକ ଚାଉଳ ପାଇବାକୁ ହକ୍ଦାର ହୋଇପାରିବେ । ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟରେ ଏଏୱାଇ ବର୍ଗରେ ମୋଟ ୧୨ଲକ୍ଷ ୬୪ହଜାର ୫୦୦ ପରିବାରକୁ ସାମିଲ ପାଇଁ କେନ୍ଦ୍ର ସରକାର ଟାର୍ଗେଟ୍ ଦେଇଥିବାବେଳେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ମାତ୍ର ୧୧,୪୬,୦୪୪ ପରିବାରକୁ ଏଏୱାଇ ବର୍ଗକୁ ଆଣିପାରିଛନ୍ତି । ଯାହାକି ମୋଟ୍ ଟାର୍ଗେଟ୍ର ମାତ୍ର ୯୦.୬% ପ୍ରତିଶତ । ଗତ ମାସକ ମଧ୍ୟରେ ଏଏୱାଇ ବର୍ଗରେ ସାମିଲ ହେବା ପାଇଁ ମଧ ଆଉ ୩୯,୭୫୯ଟି ପରିବାର ଆବେଦନ କରିଛନ୍ତି । କେନ୍ଦ୍ର ଦେଇଥିବା ଟାର୍ଗେଟ୍କୁ ପୂରଣ କରିବା ପାଇଁ ଆଉ ୧ଲକ୍ଷ ୧୮ହଜାର ୪୫୬ଟି ପରିବାରକୁ ସାମିଲ କରିବାକୁ ପଡ଼ିବ । ଜିଲ୍ଲାଗୁଡ଼ିକୁ ଏହି ଟାର୍ଗେଟ୍ ପୂରଣ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ଏ ଦିଗରେ ପଦକ୍ଷେପ ନେବାରେ ସକ୍ଷମ ହୋଇନାହାନ୍ତି । ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିଜସ୍ୱ ଜିଲ୍ଲା ଗଞ୍ଜାମରେ ସର୍ବାଧିକ ୧୯,୨୫୮ଟି ପରିବାର ସୁନ୍ଦରଗଡ଼ରେ ୧୫,୫୦୮ଟି ପରିବାର, କେନ୍ଦୁଝରରେ ୧୦,୮୬୬ଟି ପରିବାର ଏବେ ଏଏୱାଇ ବର୍ଗରେ ସାମିଲ ହେବା ଅପେକ୍ଷାରେ ରହିଛନ୍ତି । ଇତିମଧ୍ୟରେ ଖାଦ୍ୟ ଯୋଗାଣ ବିଭାଗର ସଚିବ ଭି.ଭି.ଯାଦବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଏଏୱାଇ ଟାର୍ଗେଟ୍ ହାସଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । କନ୍ଧମାଳ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ଶତପ୍ରତିଶତ ଏଏୱାଇ ଟାର୍ଗେଟ୍ ହାସଲ ହୋଇସାରିଛି ଓ ବାକି ଜିଲ୍ଲାଗୁଡ଼ିକୁ ଏହି ଟାର୍ଗେଟ୍ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ବାଇଁଶିରିଆରେ ମେଡିକାଲ ନିର୍ମାଣ ନହେଲେ ଆମରଣ ଅନଶନ

**ଯାଜପୁର/ବରୀ, (ସୁରେଶ କୁମାର କର):** ଦୀର୍ଘ ୪୧ ବର୍ଷ ଧରି ବରୀ ବ୍ଲକ୍ ବାଇଁଶିରିଆ ଗ୍ରା.ପ ରେ ପ୍ରସ୍ତାବିତ କୃଷ୍ଣ ଚନ୍ଦ୍ର ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ନେଇ ସାଧାରଣରେ ଦାବି ହେଇଥିଲେ ମଧ ସରକାରଙ୍କ ବୈମାତୃକ ନୀତି ଯୋଗୁ କୃଷ୍ଣଚନ୍ଦ୍ର ମେଡିକାଲ ନିର୍ମାଣରେ ବିଳମ୍ବ ହେଇଥିବା ସାଧାରଣରେ ସୂଚନା ମିଳିଛି । ଏ ନେଇ ସମଗ୍ର ବାଇଁଶିରିଆ ବାସୀଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯେଉଁଥିପାଇଁ ଆଗାମୀ ଦିନରେ ଏହାର ଜବାବ ସରକାରଙ୍କୁ ଉଚିତ୍ ସମୟରେ ଦିଆଯିବ ବୋଲି ଏନେଇ ଗଠିତ କମିଟି ପକ୍ଷରୁ ଆୟୋଜିତ ଜନମତ ସଭାରେ ଜଣାଇ ଦିଆଯାଇଛି । ତୁରନ୍ତ ମେଡିକାଲ ଆରମ୍ଭ ନହେଲେ ବରୀ-କୁଆଖିଆ ରାସ୍ତାର ଚୁଡାକଳ ଛକଠାରେ ରାସ୍ତା ଅବରୋଧ କରିବା ନେଇ ମତ ମିଳିଛି, ତହସିଲ ଅଫିସ୍, ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟାଳୟ, ଜିଲ୍ଲାପାଳ ଅଫିସ୍ ସାମ୍ନାରେ ଆମରଣ ଅନଶନ ପାଇଁ ପ୍ରସ୍ତାବ ମିଳିଛି । ଏପରିକି ଆଗାମୀ ସାଧାରଣ ନିର୍ବାଚନରେ ବାଇଁଶିରିଆ ବାସୀ ମତଦାନରୁ ନିବୃତ ନେବା ନେଇ ଜଣାଇଛନ୍ତି । ଏଣୁ ତୁରନ୍ତ ବାଇଁଶିରିଆ ମେଡିକାଲ ସ୍ଥାପନ ନେଇ ସରକାରଙ୍କୁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

# ବଢ଼ିଲା କଳାକାର ଭତ୍ତା, ଉପକୃତ ହେବେ ୫୦ ହଜାର

**ଭୁବନେଶ୍ୱର :** ରାଜ୍ୟର ୫୦ହଜାର କଳାକାରଙ୍କୁ ଓଡ଼ିଶା ସରକାର ମାସିକ ୧୨୦୦ଟଙ୍କା ଲେଖାଏ ଭତ୍ତା ଦେବେ । 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ରେ ରାଜ୍ୟର କଳାକାରଙ୍କୁ ଏହି ସହାୟତା ମିଳିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ନୂଆ ଯୋଜନାର ଘୋଷଣା କରିଛନ୍ତି । ପ୍ରଚଳିତ ନିୟମରେ ସଂଶୋଧନ ସହ ଅଧିକ ଯୋଗ୍ୟ କଳାକାରଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସେମାନଙ୍କର ବୟସସୀମା କୋହଳ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମହିଳା କଳାକାରଙ୍କ ବୟସ ୪୦ବର୍ଷ ଓ ପୁରୁଷ କଳାକାରଙ୍କ ବୟସ ୫୦ବର୍ଷ ହୋଇଥିଲେ ସେମାନେ ଏହି ଭତ୍ତା ପାଇବାକୁ ହକ୍ଦାର ହେବେ । ଏହି ଭତ୍ତା ପାଇଁ ଆବେଦନର ନିୟମାବଳୀରେ ପରିବର୍ତ୍ତନ ସହିତ ମଞ୍ଜୁରୀ ଦାୟିତ୍ୱ ମଧ୍ୟ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର ହୋଇଛି । ଏବେ ରାଜ୍ୟର ମାତ୍ର ୪ହଜାର କଳାକାରଙ୍କୁ ମାସିକ ଭତ୍ତା ଦିଆଯାଉଛି ଓ ଯୋଗ୍ୟ କଳାକାରଙ୍କ ବୟସ ଅତିକମ୍ରେ ୬୦ବର୍ଷ (ପୁରୁଷ) ଓ ୫୦ବର୍ଷ(ମହିଳା) ହୋଇଥିବାର ନିୟମ ରହିଛି । ରାଜ୍ୟରେ କଳା ଓ ସଂସ୍କୃତିର ପ୍ରସାର କ୍ଷେତ୍ରରେ କାର୍ଯ୍ୟରତ ଥିବା କଳାକାରମାନଙ୍କୁ ଏହି ମାସିକ ଭତ୍ତା ମିଳିବ । ଏହି ଭତ୍ତାର ସୁବିଧା ଯେଭଳି ଅଧିକ କଳାକାରଙ୍କୁ ମିଳିବ ସେଥିପାଇଁ ପ୍ରଚଳିତ କଳାକାର ଭତ୍ତା ନିୟମାବଳୀରେ ଆବଶ୍ୟକ ସଂଶୋଧନ କରାଯିବ । କଳାକାରଙ୍କୁ ଚିହ୍ନଟ ଓ ଭତ୍ତା ପ୍ରଦାନ ଦାୟିତ୍ୱ ଏଣିକି ଜିଲ୍ଲା ପ୍ରଶାସନ ତୁଲାଇବ । ଏବେ କଳାକାରଙ୍କୁ ଭତ୍ତା ରାଜ୍ୟସ୍ତରରେ ମଞ୍ଜୁର ହେଉଛି । ଏହି ନୂଆ ଯୋଜନା ଘୋଷଣା କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, କଳା ଓ ସଂସ୍କୃତି ହେଉଛି ଓଡ଼ିଶାର ଅନନ୍ୟ ପରିଚୟ । କଳାକାରମାନେ ନିଜର ଦକ୍ଷତା ବଳରେ ଦେଶ ଓ ରାଜ୍ୟର ଗୌରବ ବଢ଼ାଇଛନ୍ତି । ସେମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏହା ସହିତ ପୁରୀ କ୍ୟାବିନେଟ୍ ବୈଠକରେ ଗୃହୀତ ହୋଇଥିବା ବିଭିନ୍ନ ନିଷ୍ପତ୍ତିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ବିଭାଗଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଶିକ୍ଷାନୁଷ୍ଠାନ ହେବ ଅପରାଧମୁକ୍ତ ଅଞ୍ଚଳ : ଡିଜିପି

## ନିୟମିତ ପଇଁତରା ମାରିବ ପିସିଆର ଭ୍ୟାନ୍

**ଭୁବନେଶ୍ୱର :** ଶିକ୍ଷାନୁଷ୍ଠାନ ଗୁଡିକରେ ଦିନକୁ ଦିନ କଲେଜ ଛାତ୍ରଙ୍କ ମଧ୍ୟରେ ଅପରାଧ ବୃଦ୍ଧି ପାଉଥିବା ବେଳେ ବହୁ ଜଘନ୍ୟ ମାମଲାରେ ଛାତ୍ରଙ୍କ ସମ୍ପୃକ୍ତି ପୁଲିସ୍ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏହାର ମୁକାବିଲା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି ଆରକ୍ଷୀ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା । ଏହି ନିର୍ଦ୍ଦେଶନାମା ରାଜ୍ୟର ସମସ୍ତ ଏସ୍ପି ଓ ଡିସିପିଙ୍କୁ ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମାରେ ଶିକ୍ଷାନୁଷ୍ଠାନ, କଲେଜ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ନିର୍ଦ୍ଧାରଣ କରାଯାଇଛି । ପ୍ରତ୍ୟେକ କଲେଜ କ୍ୟାମ୍ପସ୍ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବେ ନିୟମିତ ପୁଲିସ ପିସିଆର୍ ଭ୍ୟାନ୍ ପଇଁତରା ମାରିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି । ଶିକ୍ଷାନୁଷ୍ଠାନ ନିକଟସ୍ଥ ପରିବେଶ ମଧ୍ୟରେ ନିଶା ସାମଗ୍ରୀ, ମାଦକ ଦ୍ରବ୍ୟ ଯେପରି ବିକ୍ରି କରାନଯାଏ, ସେ ଦିଗରେ ପୁଲିସ୍ କଟକଣା ଲଗାଇ କଡ଼ା ନଜର ରଖିବାକୁ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସାଦା ପୋଷାକଧାରୀ ପୁଲିସ ବିଭିନ୍ନ କଲେଜମାନଙ୍କରେ ଅଣଛାତ୍ରମାନଙ୍କ ପ୍ରବେଶ ଓ ଅପରାଧରେ ସମ୍ପୃକ୍ତ ଥିବା ଛାତ୍ରଙ୍କ ଉପରେ ନଜର ରଖିବ । ଅପରାଧରେ ବୈଷୟିକ ଜ୍ଞାନକୌଶଳ ବ୍ୟବହୃତ ହେଉଥିବା ଦୃଷ୍ଟିରୁ ସ୍ୱତନ୍ତ୍ର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି କଲେଜ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ନିର୍ଦ୍ଧାରଣ କରାଯାଇଛି । କଲେଜ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ନିଜ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କର ଏକ ସ୍ୱତନ୍ତ୍ର ଡାଟାବେସ୍ ମାଧ୍ୟମରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ପୁଲିସକୁ ହସ୍ତାନ୍ତର କରିବେ । ହଷ୍ଟେଲ କିମ୍ବା ବାହରେ ରହୁଥିବା ଛାତ୍ରଙ୍କ ଗତିବିଧି ଉପରେ କଲେଜ କର୍ତ୍ତୃପକ୍ଷ କଡ଼ା ନଜର ରଖିବେ । ଶିକ୍ଷାନୁଷ୍ଠାନର ସମ୍ବେଦନଶୀଳ ସ୍ଥାନମାନଙ୍କରେ ଅନୁଷ୍ଠାନ ପକ୍ଷରୁ ସିସିଟିଭି ବ୍ୟବସ୍ଥା କରାଯିବ । ଅନ୍ୟପକ୍ଷେ ଅଭିଭାବକମାନେ ନିଜ ନିଜ ପିଲାଙ୍କ ଉପରେ କଡ଼ା ଦୃଷ୍ଟି ରଖିବେ । ଛାତ୍ରମାନେ କଲେଜରେ ଅସାମାଜିକ କାର୍ଯ୍ୟକଳାପ ସମ୍ବନ୍ଧରେ ପୁଲିସକୁ ସିଧାସଳଖ ଜଣାଇବାକୁ କୁହାଯାଇଥିବା ବେଳେ ସେମାନେ ବ୍ୟବହାର କରୁଥିବା ମୋବାଇଲ୍, ଲ୍ୟାପ୍ଟପ୍, ମୋଟର୍ ସାଇକେଲ ଆଦିର ବିଶେଷ ସୁରକ୍ଷା ଗ୍ରହଣ କରିବେ । ଏଥିସହ ଛାତ୍ରମାନେ ହୋଟେଲ, ବାର୍, ପବ୍ ଆଦି ସ୍ଥାନକୁ ନଯିବାକୁ ଆରକ୍ଷୀ ମହାନିର୍ଦ୍ଦେଶଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମାରେ ପରାମର୍ଶ ଦିଆଯାଇଛି ।

## 'ଆହାର' ଯୋଜନା ବାଟବଣା


**ଖୋରଧା :** ସରକାର ଗରିବ ଲୋକଙ୍କୁ ୫ଟଙ୍କାରେ ଡ଼ାଲମା ଭାତ ଯୋଗାଇ ଦେବାକୁ ଆହାର କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଖାଦ୍ୟ ସକାଶେ ଦିନ ୧୧ଟା ଠାରୁ କେନ୍ଦ୍ରରେ ଟୋକନ ବିକ୍ରୀ ହେଉଛି । ଟୋକନ ନେଇ ଲୋକମାନେ କେନ୍ଦ୍ରରୁ ଭାତ ଡ଼ାଲମା ଖାଇ ଆନନ୍ଦରେ ଫେରୁଛନ୍ତି । ହେଲେ ପ୍ରକୃତ ଗରିବ ଲୋକଙ୍କୁ ଏହା ଉପଲବ୍ଧ ହେଉ ନାହିଁ । ସରକାରଙ୍କର ଏହି ୫ଟଙ୍କିଆ ମିଲ୍ ଖାଇବା ସକାଶେ ଦିନ ୧୦ଟାରୁ କେନ୍ଦ୍ରରେ ଲାଗୁଛି ଲମ୍ବା ଲାଇନ । ଆହାର କେନ୍ଦ୍ର କାର୍ଯ୍ୟକାରୀ ହେବା ପରେ ଖୋର୍ଦ୍ଧା ସହରରେ ଥିବା ଅଧିକାଂଶ ଘରୋଇ ମେସ୍ ଏବଂ ଛାତ୍ରାବାସ ବନ୍ଦ ହୋଇ ଗଲାଣି । ସହରାଞ୍ଚଳରେ ଚାକିରୀ କରିଥିବା ଲୋକେ ଅଥବା ପାଠ ସାଠ ପଢୁଥିବା ପିଲାମାନେ ସେମାନଙ୍କ ମେସ୍ ବନ୍ଦ କରି ଦେଇ ସିଧା ଆହାର କେନ୍ଦ୍ରରେ ହାଜର ହୋଇ ଯାଉଛନ୍ତି । କେବଳ ସେତିକି ନୁହେଁ ବର୍ତ୍ତମାନ ଖୋର୍ଦ୍ଧା ସହରରେ ବିଭିନ୍ନ ସ୍ଥାନରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଉଥିବା ଶହ ଶହ ଅଣ ଓଡ଼ିଆ ଯୁବକ ପ୍ରଶିକ୍ଷଣ ସାରି ସିଧା ଆହାର କେନ୍ଦ୍ରରେ ହାଜର ହୋଇ ଯାଉଛନ୍ତି । ଫଳରେ ସରକାରଙ୍କର ଏହି ଗରିବ ବିକାଶ ଯୋଜନା ଅଣ ଓଡ଼ିଆ ଯୁବକ କଲେଜ ପଢୁଆ ଛାତ୍ର ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀଙ୍କ ପାଖରେ ବିନିଯୋଗ ହେଉଥିବା ବେଳେ ପ୍ରକୃତ ପକ୍ଷେ ଗରିବ ଏବଂ ଦରିଦ୍ର ବର୍ଗର ଲୋକଙ୍କ ସେବାରେ ଆସୁ ନାହିଁ । ସରକାରଙ୍କର ଏହି ଯୋଜନା କାହା ପାଇଁ ତାହା ଏବେ ଆଲୋଚନାର ବିଷୟ ହୋଇଛି ।

# କଡ଼ାକଡ଼ି ହେଲା ପ୍ଲାଷ୍ଟିକ୍ କଟକଣା



**ଭୁବନେଶ୍ୱର,୧୫।୧:** ପ୍ଲାଷ୍ଟିକ୍ ବ୍ୟାଗ୍ ଉପଯୋଗ କରୁଥିବା ସହରାଞ୍ଚଳର ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନର ପଞ୍ଜୀକରଣକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି । ପ୍ଲାଷ୍ଟିକ୍ ବ୍ୟାଗ୍, ପ୍ଲାଷ୍ଟିକ୍ ଶିଟ୍, ପ୍ଲାଷ୍ଟିକ୍ରେ ପ୍ରସ୍ତୁତ କଭର୍ ଓ ପ୍ଲାଷ୍ଟିକ୍ରେ ପ୍ୟାକିଙ୍ଗ୍ କରୁଥିବା ବ୍ୟବସାୟୀମାନଙ୍କୁ ଏଣିକି ନିଜର ଦୋକାନ ବା ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ଏନେଇ ଡିସ୍ପ୍ଲେ ବୋର୍ଡ ମଧ ଲଗାଇବା ଜରୁରୀ ହେବ । ସ୍ଥାନୀୟ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାରେ ପଞ୍ଜୀକରଣ କରିନଥିବା କୌଣସି ବ୍ୟବସାୟୀ (ରାସ୍ତାକଡ଼ର ଦୋକାନୀଙ୍କ ସମେତ) ପଲିଥିନ୍ ବ୍ୟାଗ୍ କିମ୍ବା ପଲିଥିନ୍ରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିପାରିବେ ନାହିଁ । ନିର୍ଦ୍ଧାରିତ ମାନକକୁ ଉଲ୍ଲଙ୍ଘନ କରି ପ୍ଲାଷ୍ଟିକ୍ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ଜୋରିମାନା ଆଦାୟ କରାଯିବ । ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଶୁକ୍ରବାର ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ଏଣିକି ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଦାୟିତ୍ୱ ଓ ଏହାର ନିୟନ୍ତ୍ରଣ କ୍ଷମତା ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଅଧିକାରୀଙ୍କ ଉପରେ ନ୍ୟସ୍ତ ହୋଇଛି । ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ମହାନଗରର କମିଶନର୍ ନିଜ ନିଜର ସହରରେ ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ଉପଯୋଗ ଠିକ୍ ହେଉଛି କି ନାହିଁ, ତାହା ତଦାରଖ କରିବେ । ଆବଶ୍ୟକ ପଡ଼ିଲେ ଜୋରିମାନା କରିପାରିବେ । କେନ୍ଦ୍ର ସରକାରଙ୍କ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଆଇନ-୨୦୧୬ ଏବଂ ରାଜ୍ୟ ସରକାରଙ୍କ ମ୍ୟୁନିସିପାଲଟି ସଲିଡ୍ ୱେଷ୍ଟ୍ (ମ୍ୟାନେଜମେଣ୍ଟ୍ ଆଣ୍ଡ୍ ହ୍ୟାଣ୍ଡ୍ଲିଂ) ରୁଲ୍ସ-୨୦୦୦କୁ କଡ଼ାକଡି ପାଳନ ପାଇଁ ସମସ୍ତ ପୌର ସଂସ୍ଥାକୁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଆଇନ-୨୦୧୬ ଆଧାରରେ ପ୍ଲାଷ୍ଟିକ୍ ବ୍ୟାଗ୍ ଉପଯୋଗ କରୁଥିବା ବ୍ୟବସାୟୀଙ୍କଠାରୁ ବାର୍ଷିକ ୪୮ହଜାର ଟଙ୍କା ଓ ଆବଶ୍ୟକ ସ୍ଥଳେ ପ୍ଲାଷ୍ଟିକ୍ର ବ୍ୟବହାର ପରିମାଣକୁ ଦୃଷ୍ଟିରେ ରଖି ପୌର ସଂସ୍ଥା ଚାହିଁଲେ ଅଧିକ ଅର୍ଥ ଆଦାୟ କରିପାରିବେ । ଗ୍ରାହକମାନେ ଯେଉଁ ଅର୍ଥ ପ୍ଲାଷ୍ଟିକ୍ ବ୍ୟାଗ୍ ପାଇଁ ଦେବେ ତାକୁ ପୌର ସଂସ୍ଥା ନିଶ୍ଚିତ ଭାବେ ନିଜର ପରିସୀମା ଭିତରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଉପଯୋଗ କରିବେ । ଏହା ବ୍ୟତୀତ କୌଣସି ଉତ୍ସବ ବା ସମାରୋହବେଳେ ଯଦି ପ୍ଲାଷ୍ଟିକ୍ ଥାଳି ଉପଯୋଗ ହୁଏ ତା'ହେଲେ ସେହି ଆୟୋଜକଙ୍କଠାରୁ ମଧ୍ୟ ପୌର ସଂସ୍ଥା ନିର୍ଦ୍ଧାରିତ ଦେୟ ଆଦାୟ କରିବ । ଏହି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨୦୧୬ର ଆଇନକୁ ଦୃଷ୍ଟିରେ ରଖି ସମସ୍ତ ପୌର ସଂସ୍ଥାକୁ ଆବଶ୍ୟକ ବାଇ-ଲ' ମଧ୍ୟ ପ୍ରସ୍ତୁତ କରିବାକୁ ନଗର ଉନ୍ନୟନ ବିଭାଗ କହିଛି । ପ୍ରତ୍ୟେକ ପୌର ସଂସ୍ଥା ପ୍ଲାଷ୍ଟିକ୍ ବର୍ଜ୍ୟ ସାମଗ୍ରୀର ସଂଗ୍ରହ, ପରିବହନ ଓ ତାକୁ ନଷ୍ଟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବାଧ୍ୟ ହେବେ । ଯଦି ନିଜସ୍ୱ ପ୍ଲାଷ୍ଟିକ୍ ୱେଷ୍ଟ୍ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଗ୍ରହଣ କରିବାରେ ପୌର ସଂସ୍ଥା ବିଫଳ ହୁଅନ୍ତି ତା'ହେଲେ ସେମାନେ କୌଣସି ଘରୋଇ ଏଜେନ୍ସିକୁ ଏହି କାର୍ଯ୍ୟରେ ନିୟୋଜିତ କରିପାରିବେ । ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ଦିନଠାରୁ ତତ୍କାଳ ତାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ପୌର ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



## ପଞ୍ଚକଥା

# ଘୋଷଣା ପଛରେ କେଉଁ ରହସ୍ୟ

**ବ୍ୟୟ** ବଢୁଛି, ଆୟ କମୁଛି ଆଳରେ ଯାତ୍ରା ଦଳ ମାଲିକମାନେ ଏବେ ଗୋଟେ ନୂଆ ଫନ୍ଦି ବାହାର କରି ପାର୍ଟି ବନ୍ଦ କରିଦେବେ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ସାରା ରାଜ୍ୟର ଯାତ୍ରାପ୍ରେମୀ ଓ ଯାତ୍ରା କଳାକାରଙ୍କ ମଧ୍ୟରେ ଏକପ୍ରକାର ଆଶଙ୍କା ଦେଖାଦେଇଛି। ଆଶଙ୍କା ଏଇଥିପାଇଁ ଯେ ଯାତ୍ରା ଦଳରେ କାର୍ଯ୍ୟରତ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ କଳାକାର ଏହାଦ୍ୱାରା ପ୍ରଭାବିତ ହେବେ। ବାସ୍ତବିକ ଏହା ଏକ ଚିନ୍ତାର ବିଷୟ ହୋଇଥିଲେ ବି ପ୍ରକୃତରେ ଯାତ୍ରା ଦଳ ମାଲିକମାନେ ପାର୍ଟି ବନ୍ଦ କରିବେ କି? ଓଡ଼ିଶାରେ ଯାତ୍ରାରେ ଦର୍ଶକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଯାତ୍ରା ପାର୍ଟି ମାଲିକମାନଙ୍କ ଏଭଳି ଘୋଷଣା ପଛରେ ରହସ୍ୟ କ'ଣ ରହିଛି ତାହା ସହଜରେ ବୁଝା ପଡୁନି। କାରଣ ପୂର୍ବରୁ ସିଟ୍ ପିଛା ମାତ୍ର ୨୦/୩୦ ଟଙ୍କା ଥିବା ବେଳେ ଏବେ ଏହା ୨୦୦ ଟଙ୍କାକୁ ବୃଦ୍ଧି ପାଇଛି। ତେବେ କେଉଁ ଦୃଷ୍ଟିକୋଣରୁ କ୍ଷତି ହେଉଛି ତାହା ବିଚାରଯୋଗ୍ୟ। ତେବେ ଆମ ରାଜ୍ୟରେ ଆଗରୁ ଏଭଳି ବ୍ୟୟବହୁଳ ଯାତ୍ରା ଦଳ ନଥିଲେ। ଯେଉଁମାନେ ଏହାକୁ ଭଲ ବ୍ୟବସାୟର ଏକ ମୁଖ୍ୟପନ୍ଥା ଭାବେ ଅବଲମ୍ବନ କଲେ ସେମାନେ କ'ଣ ଆଗରୁ ଲାଭକ୍ଷତିର ହିସାବ ନପାଇ ଏଥିରେ ପାଦ ଦେଇଥିଲେ କି? ସବୁ ବ୍ୟବସାୟରେ ଲାଭକ୍ଷତି ଥିଲା ବେଳେ ଏଥିରେ ସରକାରଙ୍କୁ ପକ୍ଷ କରାଯାଇ ନଥାଏ। ହେଲେ ଯାତ୍ରା ଦଳର କ୍ଷତି ପାଇଁ ସରକାର କାହିଁକି ଦାୟୀ ରହିବେ ଏହା ଏକ ବିଶାଳ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହା ଜଣାଯାଏ ପ୍ରାଚୀନ ସମୟରୁ ଉତ୍କଳୀୟ ଜୀବନଧାରାରେ ମନୋରଞ୍ଜନର ମାଧ୍ୟମ ଭାବେ ପାଲା, ଦାସକାଟିଆ, ଧୁଡୁକି ନାଚ, ମୋଗଲ ତାମସା, ଗୀତିନାଟ୍ୟ, ସୁଆଙ୍ଗ, ଲୋକ ନାଟକ ସହିତ ଅନେକ ଲୋକ ସଂସ୍କୃତି ସ୍ଥାନ ପାଇ ଆସୁଥିଲା। ଶିକ୍ଷା ଓ ସଭ୍ୟତାର ବିକାଶ ଫଳରେ କେତେକ ଲୋକ ସଂସ୍କୃତି ବିଲୁପ୍ତି ପଥରେ ଥିବା ବେଳେ ଯାତ୍ରା ନାମରେ ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଛି ତାହା ଆଧୁନିକ ମଣିଷକୁ ବିଭୋର କରିଦେଉଛି। କାରଣ ଆଧୁନିକ ଯାତ୍ରାର ମଞ୍ଚସଜ୍ଜାରେ ନୂଆ ପରିପାଟୀ, ଡଲ୍‌ବି ଡିଜିଟାଲ ସାଉଣ୍ଡ ସହ ମଞ୍ଚ ପରିସରରେ ରଙ୍ଗବେରଙ୍ଗୀ ଝକମକି ଆଲୋକମାଳା ସମସ୍ତଙ୍କୁ ଚକିତ କରିଦେଉଛି। ଯାତ୍ରା ପେଣ୍ଡାଲରୁ ହଜିଗଲା ପମ୍ପ ଦିଆ ପେଟ୍ରୋମାକ୍ସ ଲାଇଟ୍ ଓ କାହାଳି ଥିବା ମାଇକ ସାଉଣ୍ଡ। ସେହିଭଳି ମଞ୍ଚ ଅଭିନେତା ଅଭିନେତ୍ରୀଙ୍କ ବେଶ ପୋଷାକରେ ସିନେମା କଳାକାରଙ୍କ ବେଶଭୂଷାର ଛାପ ଯାତ୍ରାପ୍ରେମୀଙ୍କ ମନ ମୋହିନେଲା। ପୂର୍ବେ ଏହା ବ୍ୟବସାୟ ଭିତ୍ତିକ ହୋଇନଥିଲା ବେଳେ ଆଧୁନିକ ଯାତ୍ରା ପାର୍ଟି ସମ୍ପୂର୍ଣ୍ଣ ବ୍ୟବସାୟିକ ଢଙ୍ଗରେ ଚାଲିଲା। ସିନେମା ଟିକଟଠାରୁ ଅଧିକ ମୂଲ୍ୟ ନେଇ ଯାତ୍ରାପ୍ରେମୀମାନେ ରଙ୍ଗୀନ ଚାନ୍ଦୁଆ ତଳେ ବସି ନାଟକକୁ ଉପଭୋଗ କଲେ। କେଉଁଠାରେ ଶୀତତାପ ନିୟନ୍ତ୍ରିତ ଢାକଣା ଥିବା ପେଣ୍ଡାଲ ତ' ଆଉ କେଉଁଠି ଗଦି ଥିବା ସିଟ୍ ଦର୍ଶକମାନଙ୍କୁ ଆକର୍ଷିତ କରି ପକାଇଲା। କିନ୍ତୁ ଆଗ କାଳରେ ଗାଁ ଗହଳିରେ ଯାତ୍ରା ହେଲେ ଏହା ଗୋଟିଏ ରାତି ସମୟ ନେଉଥିବା ବେଳେ ବର୍ତ୍ତମାନ ସମୟରେ ସିନେମା ପରି ଏହା ମାତ୍ର ତିନିରୁ ଚାରିଘଣ୍ଟା ମଧ୍ୟରେ ପରିସମାପ୍ତି ହେଉଥିବାରୁ ଏହା ଅଧିକ ଲୋକପ୍ରିୟ ହୋଇପାରିଲା। କାରଣ କର୍ମବ୍ୟସ୍ତ ମଣିଷମାନେ ଅଧିକ ସମୟ ଏଥିପାଇଁ ନଷ୍ଟ ନକରି ନିର୍ଦ୍ଧାରିତ ସମୟ ମଧ୍ୟରେ ମନୋରଞ୍ଜନର ଭରପୂର ଫାଇଦା ଉଠାଇଲେ। ଗ୍ରାମାଞ୍ଚଳରେ ହେଁସ, ଛିଣ୍ଡା ମଶିଣା, ଶପ ଓ ଧାନ ଅଖା ଉପରେ ବସି ଯାତ୍ରାଭିନୟକୁ ଉପଭୋଗ କରୁଥିଲା ବେଳେ ଆଧୁନିକ ଯାତ୍ରା ପେଣ୍ଡାଲରେ ସୌଖିନ ଚେୟାର ଉପରେ ଆରାମଦାୟକ ଭାବେ ବସି ଯାତ୍ରା ପାର୍ଟି ମାଲିକଙ୍କ ପତିଆରା ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲେ। କାରଣ ଯେଉଁ ଯାତ୍ରା ପାର୍ଟିର ମଞ୍ଚ ବାହାରୁ ମଞ୍ଚ ଭିତର ପର୍ଯ୍ୟନ୍ତ ସାଜସଜ୍ଜାରେ ଅଧିକ ଆଧୁନିକତା ବା ଆକର୍ଷଣୀୟ ଥିଲା ତାହା ଚର୍ଚ୍ଚାର ପରିଧି ଭିତରକୁ ଆସିଲା। କେଉଁ ମାଲିକ କେତେ ଟଙ୍କା ଖର୍ଚ୍ଚ କରି ଏଭଳି ପରିକଳ୍ପନା କଲା ଏବଂ କେତେ ନାମୀଦାମୀ କଳାକାର ଏହି ପାର୍ଟିରେ କାର୍ଯ୍ୟ କରୁଛନ୍ତି ତାହା ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ଆଜିକାର ଯାତ୍ରୀ ପାର୍ଟିକୁ ଦେଖିଲେ ଏହାଏକ ମନୋରଞ୍ଜନ ଶିଳ୍ପ ବୋଲି ପୁରାପୁରି ଜଣାପଡେ। ଶିଳ୍ପରୁ ଯେଉଭଳି ଲାଭାଂଶ ମାଲିକ ନେବା ସହିତ କର୍ମଚାରୀଙ୍କୁ ଦେଇଥାଏ ସେହିଭଳି ଯାତ୍ରା ଶିଳ୍ପ ମଧ୍ୟ ସେହି ଧାରାରେ ଗତି କରିଛି।

ଆଗେ ବିଭିନ୍ନ ପର୍ବପର୍ବାଣୀ ସମୟରେ କେଉଁଠି କେମିତି ଯାତ୍ରା କରାଯାଉଥିଲା ବେଳେ ଏହା ଏବେ ୩୬୫ ଦିନର ଶିଳ୍ପ ପାଲଟିଛି। ଆଗରୁ ଯାତ୍ରା କଳାକାରମାନଙ୍କୁ ନାକ ଟେକୁଥିବା ଲୋକମାନେ ଏବେ ସେମାନଙ୍କୁ ସିନେମା କଳାକାରଙ୍କ ଭଳି ଆଦର କରୁଛନ୍ତି। ଯେହେତୁ ଅପେରାର ପରିଭାଷା ବଦଳି ଏବେ ଏହା ସିନେମାର ଛାପ ନେଇ ମଞ୍ଚସ୍ଥ ହେଉଛି ଓ ଏଥିରେ ଅଭିନୟ କରୁଥିବା ଅଭିନେତା, ଅଭିନେତ୍ରୀମାନେ ସମ୍ପୂର୍ଣ୍ଣ ତାଲିମପ୍ରାପ୍ତ ଓ ପେଷାଦାର କଳାକାର। ସେମାନଙ୍କ ନିଖୁଣ ଅଭିନୟ ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁ। ତେଣୁ ସେହି ଅନୁପାତରେ ଯାତ୍ରା କଳାକାରମାନେ ସିନେମା କଳାକାରଙ୍କ ଭଳି ଦର ତୁଟାଇ ଅଭିନୟକୁ ଆସିବା କିଛି ନୂଆକଥା ନୁହେଁ। କାରଣ ଦର୍ଶକଙ୍କ ପ୍ରାଣକୁ ଛୁଇଁଲା ଭଳି ସେମାନଙ୍କ ଅଭିୟନ ଯୋଗୁ ଯାତ୍ରା ଦଳର ବେପାର ବଢୁଛି। ତେଣୁ ମଞ୍ଚ ଅଭିନେତା ଅଭିନେତ୍ରୀମାନେ ନିଜର ପାରିଶ୍ରମିକ ଠିକ୍ ଦାବି କରିବା ମଧ୍ୟ ଯୁକ୍ତିଯୁକ୍ତ। ତେବେ ଯାତ୍ରା ଦଳ କ୍ଷତିରେ ଚାଲୁଛି କହୁଥିବା ମାଲିକମାନେ ଓଡ଼ିଆ ମଞ୍ଚ ଅଭିନେତା ଅଭିନେତ୍ରୀମାନଙ୍କୁ ଉପେକ୍ଷା କରି ବଲିଉଡ୍, ଓଲିଉଡ୍ ନାୟକ, ନାୟିକାମାନଙ୍କୁ ଆଣି ମଞ୍ଚରେ ଠିଆ କରାଇବା ପଛରେ କାରଣ ଯାହା ଥାଉ ନା କାହିଁକି ଏହାପାଇଁ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ହେଉଥିବାର ଜଣାପଡିଛି। ଯାତ୍ରା ମଞ୍ଚରେ ଅଭିନୟ ପାଇଁ ପେଶାଦାର କଳାକାରଙ୍କ ଅଭାବ ନଥିଲା ବେଳେ ଅନ୍ୟ କ୍ଷେତ୍ରର ଅଭିନେତା, ଅଭିନେତ୍ରୀଙ୍କୁ ଏଠାରେ ଆଣି ସୁଯୋଗ ଦେବା ଫଳରେ ଯାତ୍ରା ଦଳ ମାଲିକଙ୍କ ଲାଭ ନା କ୍ଷତି ହୁଏ? ଦର୍ଶକଙ୍କୁ ଅଧିକ ମନୋରଞ୍ଜନ ଦେଇ ଅଧିକ ଅର୍ଥ ଉପାର୍ଜନ ଆଶାରେ ଯାତ୍ରାଦଳ ମାଲିକମାନେ ଏଭଳି କରୁଥିବା କଥା ସମସ୍ତେ ଜାଣନ୍ତି। ଯେଉଁ ପାର୍ଟି ଏ ଦିଗରେ ବେଶୀ ଆଗୁଆ ସେ ଅଧିକ ଚର୍ଚ୍ଚିତ ହେବା ସହ ଯାତ୍ରା ସାମ୍ରାଜ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିବା କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ହୋଇଥାଏ। ଯାତ୍ରା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ। ଏହା ଆମ ସାଂସ୍କୃତିକ ଐତିହ୍ୟର ମାଇଲଖୁଣ୍ଟ ସଦୃଶ। ଅନ୍ୟ ଲୋକକଳା ଭଳି ଯାତ୍ରା ମଧ୍ୟ ଆମ ଜନଜୀବନର ଅଂଶବିଶେଷ। ତେବେ ଅନେକ ଲୋକକଳାର ପୃଷ୍ଠପୋଷକ ଅଭାବ ହେତୁ ଏହା ମରି ମରି ଯାଉଥିଲା ବେଳେ ଯାତ୍ରା ପାଇଁ ଅନେକ ପୃଷ୍ଠପୋଷକ ଆଗକୁ ଆସିଥାନ୍ତି। ଏହାର ଏକମାତ୍ର କାରଣ ପାଲା, ଦାସକାଠିଆ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମରୁ ସେଭଳି କିଛି ଉପାର୍ଜନ ହୋଇନଥାଏ। ହେଲେ ଯାତ୍ରା ପରିବେଷଣ ମାଧ୍ୟମରେ ଏଥିରେ ପୃଷ୍ଠପୋଷକତା କରିଥିବା ମାଲିକମାନଙ୍କ ହାତକୁ ବହୁ କଞ୍ଚା ପଇସା ଆସିଥାଏ। ସିନେମା ଶିଳ୍ପ ଏକ ଲାଭଜନକ ବ୍ୟବସାୟ ହୋଇଥିଲେ ବି ଏଥିରେ ଅନେକ ସମୟରେ ପ୍ରଯୋଜକମାନେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହାର ଭରଣା ପାଇଁ ସରକାର ସେମାନଙ୍କୁ କୌଣସି ସହାୟତା ପ୍ରଦାନ କରୁଥିବା ନଜରକୁ ଆସେନି। ନିଜର କଷ୍ଟାର୍ଜିତ ଅର୍ଥରେ ଚଳଚ୍ଚିତ୍ର ନିର୍ମାଣ କରୁଥିବା ପ୍ରଯୋଜକମାନେ କ୍ଷତିଗ୍ରସ୍ତ ହୋଇ ଦେବାଳିଆ ହେବା ପରେ ଆଉ ଏ ଦିଗରେ ମନ ବଳାଇ ନଥାନ୍ତି। ହେଲେ ସମ୍ପ୍ରତି ଯାତ୍ରା ଦଳ ମାଲିକମାନେ ଓଡ଼ିଶାରୁ ଯାତ୍ରାର ବିଲୋପ ପାଇଁ ନେଉଥିବା ପଦକ୍ଷେପ ଷଡଯନ୍ତ୍ର ନା ଆଉ କିଛି ଏହା ଲୋକେ ବିଚାର କରିବେ।

# ନେତୃତ୍ୱର ଅଦମ୍ୟ ଉଦ୍ୟମ : ନେତାଜୀ



ଅମିନୀଲୁ ରାୟ

୧୮୯୭, ଜାନୁୟାରୀ ୨୩ରେ ଓଡିଶାର ତତ୍କାଳୀନ ରାଜଧାନୀ କଟକସ୍ଥିତ ଓଡିଆ ବଜାରରେ ସଂଗ୍ରାମୀ ସୁଭାଷ ବୋଷଙ୍କ ଜନ୍ମ । ତାଙ୍କ ପିତାଙ୍କ ନାମ ଜାନକୀନାଥ ବୋଷ ଓ ମାତାଙ୍କ ନାମ ପ୍ରଭାବତୀ ଦେବୀ । ତାଙ୍କୁ ୫ ବର୍ଷ ବୟସରେ ୧୯୦୨ରେ ଏଠାରେ ଥିବା ପାଦ୍ରୀମାନଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ସ୍କୁଲରୁ ସେ ଶିକ୍ଷା ଆରମ୍ଭ କରି ୧୯୦୯ରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ ।

ପିତାଃ ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପଃ

ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ।

ପିଲାଦିନେ ଶିଖିଥିବା ଉକ୍ତ ଶ୍ଳୋକଟି ସେ ସମୟରେ ସୁଭାଷ ବୋଷଙ୍କୁ ବିଶେଷ ଭାବେ ପ୍ରବାବିତ କରିଥିଲା । ଏଥିରୁ ମାତାଙ୍କ ଅପେକ୍ଷା ପିତାଙ୍କ ମହତ୍ୱ ବେଶୀ ବୋଲି ସେ ଅନୁଭବ କରି ଯାହା ଫଳରେ ଭବିଷ୍ୟତ ଜୀବନରେ ସେ ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀର ଆଖ୍ୟା ଅର୍ଜନ କରିପାରିଥିଲେ। ଆଧାତ୍ମିକ ଶିକ୍ଷା ପ୍ରତି ମଧ୍ୟ ପିଲାଟି ଦିନରୁ ବିଶେଷ ଦୁର୍ବଳତା ଥିଲା ତାଙ୍କର । ତେଣୁ ସେ ସ୍ୱାମୀ ବିବେକାନନ୍ଦଙ୍କ ଲିଖିତ କେତୋଟି ପୁସ୍ତକ ପଢି ସେଥିରୁ ହୃଦୟଙ୍ଗମ କଲେ ଯେ - 'ଆତ୍ମନୋ ମୋକ୍ଷାର୍ଥମ୍ ଜଗଦ୍ଧିତାୟ' ହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ ହେବା ଉଚିତ୍ । ଅର୍ଥାତ୍ ନିଜ ଆତ୍ମାର ମୋକ୍ଷଲାଭ ତଥା ଜଗତର ହିତ ସାଧନ ନିମନ୍ତେ ମନୁଷ୍ୟ କର୍ମପ୍ରବଣ ହେବା ଉଚିତ୍ । କାରଣ ଜଗତର ହିତ ସାଧନ ମଧ୍ୟରେ ମାନବ ଜାତିର ହିତ ନିହିତ । ପୁନଶ୍ଚ ମାନବ ଜାତିର ସେବା ମଧ୍ୟରେ ଦେଶ ସେବା ମଧ୍ୟ ଜଡିତ । ଏସବୁ କଥା ସେ ଯେତେବେଳେ ଚିନ୍ତା କରୁଥିଲେ, ତାଙ୍କୁ ସେତେବେଳେ ମାତ୍ର ୧୫ ବର୍ଷ ବୟସ ହୋଇଥିଲା । ପୁନଶ୍ଚ ସେ ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଲିଖିତ କେତୋଟି କାବ୍ୟ ପାଠ କରିବା ସହିତ ବ୍ରହ୍ମଚର୍ଯ୍ୟ, ଧ୍ୟାନଯାଗ, ହଠଯୋଗ ଓ ରାଜଯାଗ ବିଷୟକ ବହିସବୁ ମଧ୍ୟ ପଢିଥିଲେ । ଲିଙ୍ଗ ନିୟନ୍ତ୍ରଣ ପାଇଁ ବ୍ରହ୍ମଚର୍ଯ୍ୟ, କାୟା ନିୟନ୍ତ୍ରଣ ପାଇଁ ହଠଯାଗ ଓ ମନ ନିୟନ୍ତ୍ରଣ ପାଇଁ ରାଜଯାଗ ଉଦ୍ଦିଷ୍ଟ । ସେ ସେଗୁଡିକୁ ବାସ୍ତବ କ୍ଷେତ୍ରରେ ସାଧନ କରିବାକୁ ଆରମ୍ଭ କଲେ । ଏସବୁ ଚିନ୍ତା, ଚର୍ଚ୍ଚା ଓ ଉଦ୍ୟମ ଫଳରେ ତାଙ୍କର ଅସଲ ପାଠ କ୍ଷତିଗ୍ରସ୍ତ ହୋଇଥିଲା । ପାଠପଢାରେ ପ୍ରବଳ ତୃଟି ଓ ଅବହେଳା ସତ୍ୱେ ୧୯୧୩ରେ ହୋଇଥିବା ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ସମଗ୍ର ଆସାମ, ବିହାର ଓ ଓଡିଶାରେ ସେ ୨ୟ ସ୍ଥାନ ଲାଭ କରବା ସହ ଉତୀର୍ଣ୍ଣ ହୋଇ ସେ ସମୟରେ ଓଡିଶାରେ ବ୍ୟାପିଥିବା ବିସୂଚିକା ଓ ବସନ୍ତ ରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ।

ସୁଭାଷ ବୋଷ ସୁଦୂର କଲିକତାରୁ ଆଇ.ଏ ପଢି ୧୯୧୫ରେ ୧ମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ ମଧ୍ୟ ୧ମ ଶ୍ରେଣୀ ନାମ ତାଲିକାରେ ତାଙ୍କର ନାମ ବହୁ ନିମ୍ନରେ ଥିବା ଦେଖି ସେ ଦୁଃଖିତ ହୋଇଥିଲେ । ବି.ଏ ପଢୁଥିବା ସମୟରେ ଛାତ୍ର ଆନ୍ଦୋଳନରେ ଯୋଗଦେଇ ଦଣ୍ଡାଦେଶ ଫଳରେ ତାଙ୍କର ୨ବର୍ଷ ନଷ୍ଟ ହୋଇଥିଲା । ଯାହାହେଉ ୧୯୧୯ରେ ସେ ଦର୍ଶନଶାସ୍ତ୍ରରେ ଅନର୍ସ ସହ ୧ମ ଶ୍ରେଣୀରେ ୨ୟ ସ୍ଥାନ ପାଇ ସଫଳତାର ସହ ଉତୀର୍ଣ୍ଣ ହୋଇଥିଲେ । ଏହାପରେ ଆଇ. ସି.ଏସ୍ ପଢିବା ପାଇଁ ସେ ବିଳାତ ଯାଇଥିଲେ। ୧୯୨୦ରେ ଉକ୍ତ ପରୀକ୍ଷା ଦେଇ ସୁଭାଷ ବୋଷ ୪ର୍ଥ ସ୍ଥାନ ଲାଭ କରିଥିଲେ । କିନ୍ତୁ ସ୍ୱଦେଶବତ୍ସଳ ଜାତିଗତପ୍ରାଣ ସୁଭାଷ ଚନ୍ଦ୍ର ବୋଷ ଦେଶୋଦ୍ଧାରକୁ ପରମ କର୍ତ୍ତବ୍ୟ ମନେକରି ଇଣ୍ଡିଆନ୍ ସିଭିଲି ସର୍ଭିସ୍‌ର ପରମ ସୌଭାଗ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ମହାତ୍ମା ଗାନ୍ଧି ସେହି ସମୟରେ ଭାରତରେ ସ୍ୱାଧୀନତା ଲାଭ ପାଇଁ ଅସହଯୋଗ ଆନ୍ଦୋଳନ କରିବାକୁ ପ୍ରସ୍ତାବ ରଖିଥାନ୍ତି । ଏହା ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଗୃହୀତ ହୋଇଥାଏ । ସୁଭାଷ ବୋଷ ବିଲାତରୁ ଭାରତ ଅଭିମୁଖେ ଯାତ୍ରା କରି ୧୯୨୧, ଅପ୍ରେଲ୍ ୧୬ରେ ମୁମ୍ବାଇରେ ପହଂଚି ସିଧାସଳଖ ଗାନ୍ଧିଜୀଙ୍କ ସହ ସାକ୍ଷାତ କରିଥିଲେ । ତାଙ୍କ ନିର୍ଦ୍ଦେଶରେ ସେ କଲିକତା ଯାଇ ସେଠାରେ ଦେଶବନ୍ଧୁ ଚିତରଂଜନ ଦାସଙ୍କ ନେତୃତ୍ୱରେ ଦେଶ କାମରେ ଯୋଗ ଦେଇଥିଲେ । ସେତିକିବେଳେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବାରୁ ଚିତରଂଜନ ଦାସଙ୍କ ନେତୃତ୍ୱରେ ସୁଭାଷ ବୋଷ ଉକ୍ତ ଆନ୍ଦୋଳନରେ ଯୋଗଦେଇ ଜେଲ୍ ଯାଇଥିଲେ । ପରେ ସେ କଲିକତା କର୍ପୋରେସନ୍‌କୁ ନିର୍ବାଚିତ ହୋଇ ଚିଫ୍ ଏକ୍ସିକ୍ୟୁଟିଭ୍ ଅଫିସର୍ ପଦରେ ଅଧିଷ୍ଠିତ ହେଲାବେଳେ ତାଙ୍କୁ ସେତେବେଳେ ମାତ୍ର ୨୭ ବର୍ଷ । ତେଣୁ ଇଂରେଜ ବିରୋଧୀ ସନ୍ତ୍ରାସବାଦୀମାନଙ୍କ ସହ ସୁଭାଷ ବୋଷଙ୍କର ସଂପର୍କ ରହିଛି ବୋଲି ସଂଦେହ କରି ସରକାର ତାଙ୍କୁ ଗିରଫ କରି ବର୍ମାର ମାଣ୍ଡାଲେ ଜେଲ୍‌କୁ ପଠାଇଦେଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଗୁରୁତର ଅବନତି ଘଟିବାରୁ ସରକାର ବାଧ୍ୟ ହୋଇ ତାଙ୍କୁ ୧୯୧୭, ମେ ୨୭ରେ ଜେଲରୁ ମୁକ୍ତ କରିଥିଲେ । ଏହାପରେ ପୁଣି ସୁଭାଷ ବୋଷ ଦେଶ କାମରେ ଲାଗି ପଡିଲେ । ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୩୦ ରେ ହୋଇଥିବା ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇଥିଲେ । ୧୯୩୮ ରେ ସୁଭାଷ ବୋଷ ହରିପୁରଠାରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମନୋନୀତ ହୋଇଥିଲେ । ସେ ଚାହୁଁଥିଲେ ବଳ ପ୍ରୟୋଗ ଦ୍ୱାରା ଭାରତ ପାଇଁ ସ୍ୱାଧୀନତା ସଂଭବ, କିନ୍ତୁ ଗାନ୍ଧିଜୀ ଏହାର ସଂପୂର୍ଣ୍ଣ ବିରୋଧୀ ଥିଲେ । ତେଣୁ ସେ ୧୯୩୯ ରେ ଗାନ୍ଧିଙ୍କ ନୀତିକୁ ବିରୋଧ କରି କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିଲେ ମଧ୍ୟ ଗାନ୍ଧିବାଦୀମାନଙ୍କ ଚାପରେ ଇସ୍ତଫା ଦେଇ ସେ ଏକ ନୂଆ ଦଳ ଗଠନ କରିଥିଲେ ଓ ଯାହାର ନାଁ 'ଫରୱାର୍ଡ ବ୍ଲକ୍' ।

ସୁତରାଂ ୨ୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ସୁଭାଷ ବୋଷ ୧୯୪୧, ଜାନୁୟାରୀ ୧୬ ନିଶାର୍ଦ୍ଧରେ ଛଦ୍ମବେଶରେ ଭାରତରୁ ଆଫ୍‌ଗାନିସ୍ଥାନ ଯାତ୍ରା କରିଥିଲେ । ତା' ପରେ ଜର୍ମାନୀ ଯାତ୍ରା କରି ସେ ସେଠାରେ ଶାସକ ହିଟ୍‌ଲର୍‌ଙ୍କ ସହାୟତାରେ ବନ୍ଦୀ ଭାରତୀୟ ସେନାଙ୍କୁ ନେଇ 'ଆଜାଦ୍ ହିନ୍ଦ୍ ଫୌଜ' ଗଠନ କରିଥିଲେ । ପୁ'ଣି ଆଜାଦ୍ ହିନ୍ଦ୍ କେନ୍ଦ୍ର ଓ ଆଜାଦ୍ ହିନ୍ଦ୍ ବେତାର କେନ୍ଦ୍ର ଗଢିବା ପରେ ସେ ଜର୍ମାନୀରୁ ଜାପାନ ଆସିଲେ ଓ ଜାପାନ ସରକାରଙ୍କ ସହାୟତାରେ ସିଙ୍ଗାପୁରଠାରେ ଭାରତୀୟ ସ୍ୱାଧୀନ ସରକାର ପ୍ରତିଷ୍ଠା କଲେ । ଆଜାଦ୍ ହିନ୍ଦ୍ ଫୌଜ ସଂଗଠିତ କରି ଯୁଦ୍ଧ ପାଇଁ ଭାରତୀୟ ନାଗରିକମାନଙ୍କୁ ତାଲିମ୍ ଦେଲେ ।' ଦିଲ୍ଲୀ ଚଲୋ' ଡାକରା ଦେଇ ଭାରତ ଅଭିମୁଖେ ଯୁଦ୍ଧ ଯାତ୍ରା କରିଥିଲେ । ଭାରତ ସୀମାରେ ପ୍ରବେଶ କରି ସେମାନେ ନାଗାଲ୍ୟାଣ୍ଡ ଅନ୍ତର୍ଗତ କୋହିମା ଦଖଲ କଲେ । ଏହାପରେ ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କଲେ ଓ ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଥିଲେ । ଏହି ସମୟରେ ୟୁରୋପରେ ଇଂରେଜ ପ୍ରଭୃତିଙ୍କ ଦ୍ୱାରା ଜର୍ମାନୀ ପରାସ୍ତ ହୋଇଥିଲାବେଳେ ଜାପାନ ଏଥିରେ ହତାଶ ହୋଇ ସୁଭାଷ ବୋଷଙ୍କୁ ସାହାଯ୍ୟ ଦେବା ପାଇଁ ଆଉ ସମର୍ଥ ହେଲା ନାହିଁ । ଯାହା ଫଳରେ ଇଂରେଜ ସୈନ୍ୟମାନେ ବହୁ ସଂଖ୍ୟକ ସୈନ୍ୟ ନେଇ ଇମ୍ଫାଲ ଆଡକୁ ମାଡିଆସିବା ଯୋଗୁଁ ଆଜାଦ୍ ହିନ୍ଦ୍ ଫୌଜ୍ ଇମ୍ଫାଲ ଛାଡି ଫେରିଆସିଥିଲେ । ଶୁଣାଯାଏ ୧୯୪୫, ଅଗଷ୍ଟ ୧୮ ରେ ସୁଭାଷ ବୋଷ ରୁଷ୍ ଯିବା ଉଦ୍ଦେଶ୍ୟରେ ସାଇଗନ୍‌ଠାରେ ବିମାନରେ ଯାତ୍ରା କରୁଥିବା ସମୟରେ ହଠାତ୍ ଯାନ୍ତ୍ରିକ ତୃଟି ଯୋଗୁଁ ଇଂଜିନ୍‌ରୁ ନିଆଁ ନିର୍ଗତ ହେବା ଫଳରେ ବିମାନଟି ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇଯାଇଥିଲା । ଆହତ ଅବସ୍ଥାରେ ତତ୍ କ୍ଷଣାତ୍ ତାଙ୍କୁ ନିକଟସ୍ଥ ହାସ୍‌ପାତାଳକୁ ନିଆଯାଇଥିଲେ ମଧ୍ୟ ସେହିଦିନ ରାତି ୧୧ଟା ୪୦ ମି.ରେ ତାଙ୍କର ମୃତ୍ୟୁ ହୋଇଥିଲା । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ବୋଷ ଜୟହିନ୍ଦ୍ ଡାକରା ଦେଇଥିବାରୁ ତାଙ୍କୁ ସମସ୍ତେ 'ନେତାଜୀ' ବୋଲି ସଂବୋଧନ କରୁଥିଲେ । ତାଙ୍କର ବଳିଷ୍ଠ ପ୍ରଭାବ ଭାରତୀୟ ସେନାବାହିନୀଙ୍କ ଉପରେ ପଡିବାର ଦେଖି ଇଂରେଜ ସରକାର ବାଧ୍ୟ ହୋଇ ଭାରତ ଛାଡି ଚାଲିଯିବା ପାଇଁ ପ୍ରସ୍ତୁତ ହୋଇଥିଲେ । ଯାହା ଫଳରେ ୧୯୪୭, ଅଗଷ୍ଟ ୧୫ ରେ ଭାରତବର୍ଷ ସ୍ୱାଧୀନତା ଲାଭ କରିପାରିଥିଲା। କହିଲେ ଅତ୍ୟୁକ୍ତି ହେବ ନାହିଁ ।

*ଜଗତ୍‌ସିଂହପୁର*
*ମୋ - ୯୯୩୭୪୧୨୫୧୫*

# ବିଚାରପତିଙ୍କ ବିଚାରହୀନତା

**ଜେ.ଏସ୍.କୁମାର**

ଚଳିତ ମାସ ୧୨ ଜାନୁଆରୀ ଶୁକ୍ରବାର ଦିନ ଦେଶରେ ଅକସ୍ମାତ୍ ବଜ୍ରପାତ ହେଲା ପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ସୁପ୍ରିମ୍‌କୋର୍ଟର ଚାରିଜଣ ବିଚାରପତି ଜେ.ଚେଲାମେଶ୍ୱର, ରଞ୍ଜନ ଗୋଗୋଇ, ମଦନ ବି. ଲୋକୁର୍ ଏବଂ କୁରିଆନ୍ ଯୋସେଫ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ଡ଼କାଇ ପ୍ରଧାନ ବିଚାରପତି ଦୀପକ ମିଶ୍ର ଏବଂ ଅନ୍ୟ ଜଣେ ବିଚାରପତି ଅରୁଣ ମିଶ୍ରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନାନାଦି ଅଭିଯୋଗମାନ ଆଣିଥିଲେ। ଭାରତର ସାମ୍ବିଧାନିକ ସୁରକ୍ଷା ଦାୟିତ୍ୱ ସର୍ବୋଚ୍ଚ ନ୍ୟାୟାଳୟ ଉପରେ ନ୍ୟସ୍ତ ଥିଲାବେଳେ ଏଠାକାର ଚାରିଜଣ କାର୍ଯ୍ୟାରତ ବିଚାରପତି ସାମୂହିକ ଭାବରେ ଅଭିଯୋଗ କରିବା ନେଇ ସମସ୍ତେ ବିସ୍ମିତ ହୋଇଥିଲେ। ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ସବୁଠି ଏହି ବିଷୟ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା। ଅଭିଯୋଗ ପରେ ପରେ ସୋସିଆଲ୍ ମିଡ଼ିଆରେ ଗୋହି ଖୋଲାଖୋଲି ଆରମ୍ଭ ହୋଇଯାଇଥିଲା। ଏଥିରେ ସରକାରଙ୍କ ସମର୍ଥକ ଏବଂ ବିରୋଧୀ ଗୋଷ୍ଠୀମାନେ ପରସ୍ପରକୁ ଦୋଷ ଦେବାରେ ଲାଗିପଡ଼ିଲେ। ଏହାର ପ୍ରଭାବରେ ସାଧାରଣ ଜନତାଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହେଲା। ଏକ ସୋସିଆଲ୍ ମିଡ଼ିଆରେ ବିଚାରପତି ଜେ.ଚେଲାମେଶ୍ୱରଙ୍କ ସହ କମ୍ୟୁନିଷ୍ଟ ନେତା ଡ଼ି.ରାଜାଙ୍କ ସମ୍ପର୍କକୁ ନେଇ ଏହି ଅଭିଯାନ ପଛରେ କମ୍ୟୁନିଷ୍ଟମାନଙ୍କ ସମ୍ପର୍କ ଥିବା ଅଭିଯୋଗ ହୋଇଥିଲା। ସେମିତି ରଞ୍ଜନ ଗୋଗୋଇଙ୍କ ପିତା ଅତୀତରେ ଆସାମରେ କଂଗ୍ରେସ ଦଳର ନେତା ଭାବେ ମୁଖ୍ୟମନ୍ତ୍ରୀ ଥିବା କୁହାଯାଇଥିଲା। ଅନ୍ୟଜଣେ ବିଚାରପତି କୁରିଆନ୍ ଖ୍ରୀଷ୍ଟିଆନ୍ ହୋଇଥିବା ହେତୁ କଂଗ୍ରେସର ସୋନିଆ ଗାନ୍ଧିଙ୍କୁ ଏବଂ ଦେଶରେ ଥିବା ବିଦେଶିପନ୍ଥୀ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ମତ ରଖିଥିବା ପ୍ରକାଶ ପାଇଥିଲା। କିନ୍ତୁ ଏହିସବୁ ବିଚାରପତିମାନେ ସୁପ୍ରିମ୍‌କୋର୍ଟର ଆଭ୍ୟନ୍ତରିଣ ବିଷୟକୁ ସର୍ବସାଧାରଣଙ୍କ ସମ୍ମୁଖକୁ ଆଣି ଯେପରି ପିଲାଳିଆମି ପ୍ରଦର୍ଶନ କଲେ ତାକୁ ସାଧାରଣ ଲୋକେ ମଧ୍ୟ ପସନ୍ଦ କଲେ ନାହିଁ।

ତେବେ ଏହି ଅନାକାଂକ୍ଷିତ ବିଷୟ ବଜାରକୁ ଆସିଲାପରେ ସୋସିଆଲ୍ ମିଡ଼ିଆରେ ସାଧାରଣ ଲୋକେ ଅତି କଟୁ ଭାଷାରେ ଚାରିଜଣ ବିଚାରପତିମାନଙ୍କୁ ଗାଳିଦେବାକୁ ଲାଗିପଡ଼ିଲେ। କେହିକେହି ସେମାନଙ୍କ ପାରିବାରିକ ସମ୍ପର୍କ ନେଇ ମଧ୍ୟ ମତ ରଖିଲେ। ସାଧାରଣ ଲୋକଙ୍କ ପାଖକୁ ବିଚାର ପାଇଁ ଆସି ଯେମିତି ଏମାନେ ସମାଲୋଚିତ ହେଲେ ତାହା ମଧ୍ୟ ବ୍ୟବସ୍ଥାକୁ ଜଟିଳ କରିଥିଲା। କାରଣ ସୁପ୍ରିମ୍‌କୋର୍ଟର ଅନ୍ୟ ୨୩ ଜଣ ବିଚାରପତି ଏବଂ ରାଜ୍ୟଗୁଡ଼ିକର ବାର୍ ଆସୋସିଏସନ୍‌ଗୁଡ଼ିକ ଏହାକୁ ନାପସନ୍ଦ କରିଥିଲେ। ଯେଉଁ ବିଷୟରେ ସାଧାରଣ ଲୋକେ କିଛି କରିପାରିବେ ନାହିଁ ସେ ବିଷୟକୁ ନେଇ ସାଧାରଣରେ ଆଲୋଚନା କରି ଅନ୍ୟମାନଙ୍କୁ ଭରସା ହରାଇବା ପରି ଘଟଣା ଘଟିଲା। ଏହା ସତ ଯେ ଅଳ୍ପ କେଇଦିନ ପାଇଁ ଏମାନଙ୍କ କାର୍ଯ୍ୟକାଳ ରହିଥିବାରୁ ଆଗାମୀ ଦିନମାନଙ୍କରେ ବିରୋଧୀଦଳର ଲୋକେ ରାଜ୍ୟସଭା କିମ୍ବା ଲୋକସଭା ପାଇଁ ଏହି ବିଚାରପତିମାନଙ୍କୁ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ରହିଥିବା ନେଇ ଆଲୋଚନା ଜୋର୍ ଧରିଛି। ଅଭିଯୋଗକାରୀ ଚାରି ବିଚାରପତି ଅବହେଳାର ଶିକାର ହେଉଥିବା କଥା କହିବାବେଳେ ଆଗାମୀ ଦିନମାନଙ୍କରେ ଏମାନଙ୍କୁ ଅଧିକ ଗୁରୁତ୍ୱ ନଦେବା ପାଇଁ ଦାବି ଉଠିଲାଣି। ବିଚାର ବ୍ୟବସ୍ଥାରେ ସଙ୍କଟ ସୃଷ୍ଟି କରି ଅପମାନକୁ ଡ଼ାକି ଆଣିଥିବା ଏହି ବିଚାରପତିମାନଙ୍କ ଯୁକ୍ତିକୁ ସାଧାରଣ ଲୋକେ ଗ୍ରହଣ କରିବା ବଦଳରେ ଏମାନଙ୍କ ଦୁର୍ନୀତି, ବଢ଼ନ୍ତା ବେତନ, ସ୍ୱତନ୍ତ୍ର ସୁବିଧା ଆଦି ନେଇ କଟୁ ମନ୍ତବ୍ୟମାନ ପ୍ରକାଶ କରିଛନ୍ତି। ସନ୍ତ୍ରାସବାଦୀକୁ ଫାଶି ଦଣ୍ଡାଦେଶ ଦେବା ବିରୁଦ୍ଧରେ ମତ ଦେବା, ଦୀପାବଳୀ ଉତ୍ସବକୁ ସୀମିତ କରିବାକୁ କହିବାକୁ ନେଇ ଲୋକେ ନାନାଦି ପ୍ରଶ୍ନମାନ ଏମାନଙ୍କ ବିରୁଦ୍ଧରେ ଉଠାଇଥିଲେ। ସେମିତି ସୋରାବୁଦ୍ଦିନ୍ ମାମଲାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ସିବିଆଇ ଓକିଲ ବି.ଏଚ୍. ଲୋୟାଙ୍କ ମୃତ୍ୟୁର ବିଚାର ଚାଲୁଥିବାବେଳେ ଏହାକୁ କେନ୍ଦ୍ର କରି ପ୍ରଶ୍ନ ଉଠିଥିଲା। ମୃତ ବିଚାରପତିଙ୍କ ପୁଅ ଏ ନେଇ ନିଜର ବିରକ୍ତି ପ୍ରକାଶ କଲାବେଳେ ଅପରପକ୍ଷେ କେତେକ ଗଣମାଧ୍ୟମ ସେ ଚାପରେ ଏ ସବୁ କହିଥିବା ନେଇ ଖବର ପ୍ରକାଶ କଲେ।

ସୁପ୍ରିମ୍‌କୋର୍ଟ୍ ଖୋଲିବା ପରେ ବରିଷ୍ଠ ଓକିଲ ଆର୍.ପି.ଲୁଥରା ଅଦାଲତରେ ଏକ ଦୀର୍ଘ ଭାଷଣ ଦେଇ ବିଚାରବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଚାଲିଥିବା ଷଡ଼ଯନ୍ତ୍ର ସମ୍ପର୍କରେ ଉଲ୍ଲେଖ କରିବା ସହ ଚାରିଜଣ ବିଚାରପତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ବୋଲି ମତ ଉପସ୍ଥାପନ କରିଥିଲେ। ତେବେ ସର୍ବୋଚ୍ଚ ବିଚାରପତି ଶ୍ରୀ ମିଶ୍ର ଏଥିରେ ସମ୍ମତ ନହୋଇଥିଲେ ମଧ୍ୟ ଲୁଥରାଙ୍କୁ ମତ ରଖିବାର ସୁଯୋଗ ଦେଇଥିଲେ। ବାର୍ କାଉନସିଲ୍ ଅଫ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ର ୭ ଜଣିଆ ପ୍ରତିନିଧିମଣ୍ଡଳୀ ନେଇ ମୁଖ୍ୟ ବିଚାରପତିଙ୍କୁ ସାକ୍ଷାତ କରି ଏହି ଘଟଣାକୁ ପାରିବାରିକ ମାମଲା ବୋଲି ଉଲ୍ଲେଖ କରିବା ସହ ସମାଧାନ ହୋଇଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ତେବେ ଏଥିରୁ ରାଜନୀତିକ ଦଳମାନେ ଫାଇଦା ନେବାକୁ ଚେଷ୍ଟା କଲେ ପରିଣାମ ଭଲ ହେବନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ଏହାକୁ ନେଇ କେହି ରଜନୀତିକରଣ ନ କରିବାକୁ ସେ ସମସ୍ତଙ୍କୁ କହିଥିଲେ।


ବିଚାରପତି ଅରୁଣ ମିଶ୍ରଙ୍କୁ ନେଇ ଯେଉଁ ସମାଲୋଚନା ସମ୍ମୁଖକୁ ଆସିଥିଲା ସେ ନେଇ ସ୍ୱୟଂ ବିଚାରପତି ମିଶ୍ର ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ଯୋଗ୍ୟତାକୁ ପୂର୍ବରୁ ମୁଖ୍ୟ ବିଚାରପତିମାନେ ପରଖି ସାରିଥିବା ସେ ପ୍ରକାଶ କରିଛନ୍ତି। ଗଣତନ୍ତ୍ରପ୍ରତି ସଙ୍କଟ ସୃଷ୍ଟି ହୋଇଥିବା କଥା ଅଭିଯୋଗକାରୀ ବିଚାରପତିମାନେ ଉଠାଇଥିଲେ। ଏହାକୁ ନେଇ ସନ୍ତ୍ରାସବାଦୀ ଆଫଜଲ ଗୁରୁର ସମର୍ଥକ କବିତା କ୍ରିଷ୍ଟନ୍, ସୋହେଲା ରସିଦ, ଜିଗ୍ନେସ ମେୱାଣି, କହ୍ନେୟା କୁମାର, ପ୍ରଶାନ୍ତ ଭୂଷଣ ପ୍ରମୁଖ ଗଣମାଧ୍ୟମ ସମ୍ମୁଖକୁ ବାହାରି ଆସିଥିଲେ। ମୁମ୍ବାଇ ବିସ୍ଫୋରଣ ମାମଲାରେ ସଂପୃକ୍ତ ଦାଉଦ୍‌ର ଭାଇ ଯାକୁବ୍‌ର ରକ୍ଷା ପାଇଁ ପ୍ରଶାନ୍ତ ଭୂଷଣ ଓକିଲାତି କରୁଥିବା ବିଷୟ ସମସ୍ତଙ୍କୁ ଜଣାଅଛି। ତେବେ ମୋଦି ବିରୋଧୀ କୁରିଆନ୍, ଆଧାରକାର୍ଡ଼ ବିରୋଧୀ ଚେଲାମେଶ୍ୱର, ଆସାମ୍‌ର କଂଗ୍ରେସ ନେତା କେଶବ ଗୋଗୋଇଙ୍କ ପରିବାର ସଦସ୍ୟ ରଞ୍ଜନ ଗୋଗେଇ ମିଳିତ ହେବାକୁ ନେଇ ସୋସିଆଲ୍ ମିଡ଼ିଆରେ ଢ଼େର୍ ସମାଲୋଚନା ହୋଇଛି।

ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଯେଉଁ ସବୁ ନିଷ୍ପତ୍ତି ଏବେ ଦେଶରେ ବିଶେଷ ଚର୍ଚ୍ଚା ହେଉଛି ସେସବୁ ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା କାଳରେ ଘଟିଥିବା ୧୦୦ରୁ ଅଧିକ ମାମଲାର ଆଦୌ ବିଚାର କରାନଯାଇ ବନ୍ଦ ଥିବା ମାମଲାକୁ ପୁନର୍ବାର ବିଚାର ପାଇଁ ଗ୍ରହଣ କରିବା, ଅଯୋଧରେ ରାମମନ୍ଦିର ମାମଲକୁ ରୀତିମତ ବିଚାର କରିବା, ସିନେମା ଗୃହରେ ବନ୍ଦେ ମାତରମ୍ ଗାନ କରିବା, ଯାକୁବ୍ ମେନନ୍‌କୁ ଫାଶିଦଣ୍ଡ ଦେବା ପ୍ରଭୃତି । ଶିଖ୍ ଦଙ୍ଗା ମାମଲାର ବିଚାର ଆରମ୍ଭ ହେଲେ ଅନେକ କଂଗ୍ରେସ ନେତା ଏଥିରେ ବଳିପଡ଼ିବାର ସମ୍ଭାବନା ଅଛି। ତେଣୁ ସେଥିପାଇଁ କଂଗ୍ରେସ ନେତାମାନଙ୍କ ଚିନ୍ତା ବଢ଼ିଗଲାଣି ।

ଆଗାମୀ ଦିନରେ ବିଚାର ବିଭାଗରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ବିଚାରପତିଙ୍କ ଲକ୍ଷ୍ୟ ରହିଛି। ତାଙ୍କ ସଫଳତା ଓ ଦକ୍ଷତାକୁ ନେଇ କେନ୍ଦ୍ର ସରକାର ସନ୍ତୁଷ୍ଟ ଥିଲାବେଳେ କେତେକ ବିଚାରପତିଙ୍କ ପ୍ରବଳ ଗାତ୍ରଦାହ ହୋଇଛି। ବିଚାରପତି ମିଶ୍ରଙ୍କ ଆଇନଗତ ସଂସ୍କାର ଯୋଜନା ଆଗାମୀ ଦିନରେ କାର୍ଯ୍ୟକାରୀ ହେଲେ ସେ ଅଧିକ ଲୋକପ୍ରିୟ ହେବେ ଏହା ସତକଥା। ତେଣୁ ଯେଉଁମାନେ ତାଙ୍କ ବିରୋଧରେ ଅଛନ୍ତି ସେମାନେ ଏବେ ସଂଗଠିତ ହୋଇଛନ୍ତି। ବର୍ତ୍ତମାନର ଅଭିଯୋଗକାରୀ ବିଚାରପତିଙ୍କ ତୁଳନାରେ ଶ୍ରୀ ମିଶ୍ରଙ୍କ ପୂର୍ବ ରେକର୍ଡ଼ ବହୁତ ଭଲଥିବା ହେତୁ ତାଙ୍କ ସମ୍ମାନହାନି କରିବାକୁ ଉକ୍ତ ଚାରିଜଣିଆ ଗୋଷ୍ଠୀ ଲାଗିପଡ଼ିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ବିଚାର ପାଇଁ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକୁ ସେମାନଙ୍କଠାରୁ କମ୍ ଅଭିଜ୍ଞତାସମ୍ପନ୍ନ ବିଚାରପତିମାନଙ୍କୁ ଦିଆଯିବା ନେଇ ମୁଖ୍ୟ ବିଚାରପତି ପାତରଅନ୍ତର କରୁଥିଲେ। ତେବେ ଏହି ଗୋଷ୍ଠୀର ଷଡ଼ଯନ୍ତ୍ର ଯେ ଶେଷ ହୋଇଛି ବୋଲି ଆମେ ମନେ କରିବା ଅନୁଚିତ୍ ବରଂ ଏବେଠାରୁ ଅଧିକ ସଚେତନ ଓ ସତର୍କ ରହିବା ଆବଶ୍ୟକ। କେନ୍ଦ୍ର ସରକାର ଏହି ମାମଲାରେ ହସ୍ତକ୍ଷେପ ନ କଲେ ମଧ୍ୟ ସାଧାରଣରେ କିପରି ସୁପ୍ରିମ୍‌କୋର୍ଟଙ୍କ ସମ୍ମାନହାନୀ ନହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିହାତି ଜରୁରୀ ହେଲାଣି।

*ଭାରତୀୟ ସମ୍ବାଦସେବା(ଭାସ୍)*
*ଭୁବନେଶ୍ୱର-୩*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭




# ଅମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା

**ବା**ଟରେ ଆସିବାବେଳେ ଅସମ୍ଭବ ନୀରବତା ଦୁହିଁଙ୍କ ଭିତରେ ରାଜୁତି କରୁଥିଲା। ଲାଗୁଥିଲା ସମସ୍ତେ ନିଜ ନିଜ ପୃଥିବୀରେ। ଖୁବ୍ ଅନ୍ତରାୟ ଦୁହିଁଙ୍କ ଭିତରେ ଯଦିଓ ସେମାନେ ମାତ୍ର କେଇ ଅଙ୍ଗୁଳ ଦୂରତାରେ ବସିଥିଲେ। ଗାଡି ଝର୍କାରୁ ବାହାରକୁ ଚାହିଁଥିଲା ରେଣୁକା। ତନ୍ଦ୍ରା ଚାହିଁଥିଲା ସାମ୍ନା ରାସ୍ତାକୁ। ଭବିଷ୍ୟତକୁ..! ତା ଶାମ୍ପୁକରା କେଶ ଉଡିବୁଲୁଥିଲା ମୁହଁଟା ସାରା। କେଶକୁ ନେଇ ଅସ୍ତବ୍ୟସ୍ତ ହୋଇପଡୁଥିବା ଝିଅଟି କିନ୍ତୁ ସୁନା ପିଲାଟି ପରି ବସିଥିଲା ଅବିଚଳିତ ମୁଦ୍ରାରେ! କିନ୍ତୁ ସ୍ୱାଭାବିକ ଦିନ ମାନଙ୍କରେ ଯେତେବେଳେ ଦେବଦାସ, ଦେବଦାସ ସାମନ୍ତ ନହୋଇ "ଚମ୍ପୁ" ଥିଲା ସେତେବେଳେ ଗୋଟେ ବେଧଡକ ଜୀବନ ଥିଲା..। ସୁନ୍ଦର ସ୍ୱଚ୍ଛ ଆକାଶଟେ ଥିଲା।

ସ୍ୱପ୍ନ ଭର୍ତି ମନ ଓ କଳ୍ପନା ରଂଜିତ ପୃଥିବୀରେ ଦୁହେଁ ମନଇଚ୍ଛା ଉଡି ବୁଲୁଥିଲେ। ବାଧାବନ୍ଧନକୁ ବେଖାତିର୍ କରି ଜୀବନକୁ ଫୁ' କରି ଉଡାଇ ଦେଉଥିଲେ। ଚମ୍ପୁରୁ ଦେବଦାସ ପାଲଟିଯାଇଥିବା ସେ ସରଳ,ନିରୀହ ପିଲାଟି ହଠାତ୍ କବ୍ଜା କରିନେଲା ସେମାନଙ୍କ ମନକୁ। ଅକ୍ତିଆର କରିନେଲା ସେମାନଙ୍କ ବନ୍ଧୁତ୍ୱକୁ। କାଲିଯାଏଁ ମୁହୂର୍ତେ ନୀରବତା ସହ୍ୟ କରିପାରୁନଥିବା ଝିଅ ଦୁଇଜଣ ଆଜିକାଲି କେବଳ ନୀରବତାରେ ହିଁ ସମୟ ଅତିବାହିତ କରୁଛନ୍ତି। ଝଗଡା ନାହିଁ..! କିନ୍ତୁ କ୍ଲାନ୍ତ ସେମାନେ! କୋଉ ଚିନ୍ତା ସେମାନଙ୍କ ମନକୁ ବିବର୍ତିତ କରିଦେଇଛି ଏମିତି ଅଜବ କରି! ସେମାନଙ୍କ ଜୀବନ ନାଟିକା ଏବେ କଣ କାହା ହାତମୁଠାରେ!

ନୀରବତା ଭାଙ୍ଗି ରେଣୁକା କହିଲା-ଆଜି ତୋର ଅନେକ ରୂପ ଦେଖିଲି ତନ୍ଦ୍ରା! ତୁ ଏତେ ବଦଳି ଯାଇପାରୁ? ସମୟ କଣ ତୋତେ ତ୍ରସ୍ତା ହରିଣୀ ପରି ପୋଷା ମନେଇପାରେ? ଆଶ୍ଚର୍ଯ୍ୟ! ସତରେ ଅସଂଭବ ହୋଇ କିଛି ବି ନାହିଁ ଏ ଦୁନିଆଁରେ!

କଣ କହିବାକୁ ଚାହୁଁଛୁ ତୁ? ଆମ ଭିତରେ ଏ ବଙ୍କା କଥା କେବେଠୁ ଆରଂଭ ହେଲାଣି! ସିଧା ସିଧା କହୁନୁ। ସାମାନ୍ୟ ବିରକ୍ତି ପ୍ରକାଶ କଲା ତନ୍ଦ୍ରା।

ଦେବଦାସ ନିଶାରେ ତୁ ଆଜିକାଲି ସବୁ ଭୁଲିଯାଉଛୁ। ସକାଳ ଆଠରେ ଉଠୁଥିବା ଝିଅଟି,ଛଅଟାରେ ଉଠି ନିଜ ହାତରେ କିଛି ଟିଫିନ୍ ବନାଉଛି କାହାପାଇଁ। ପୁଣି କେବେ ଦିନେ ନିଜ ବହିପତ୍ର କିମ୍ବା ପଢା ଟେବୁଲକୁ ସଜେଇ ନଥିବା ଝିଅଟି କାହାପାଇଁ ସବୁ ଜିନିଷ ସଜେଇ ନିଜଘର ଲୋକଙ୍କ ପରି ତାଗିଦ୍ କରି ଫେରୁଛି! ଅନ୍ୟର ସୁବିଧା ଅସୁବିଧା ପ୍ରତି ସଚେତନ ହୋଇ ବ୍ୟସ୍ତ ହେଉଛି,ସତେ କି ସେ ନିଜର ଦାୟିତ୍ୱ ନନେଲେ ତାର କିଛି ଅସୁବିଧା ହୋଇଯିବ!

ରେଣୁକା..ଆମେ ତାର ଏ ଦୁର୍ଦ୍ଦଶା ପାଇଁ ଦାୟୀ। ତୁ ଏକଥା ଭୁଲିଯାଉଛୁ ବୋଧେ। ମୁଁ କେବଳ ପ୍ରାୟଶ୍ଚିତ କରୁଛି। ଏକା ମୋ ପାଇଁ ନୁହଁ ତୋ ପାଇଁ ବି। ତନ୍ଦ୍ରା ତାଗିଦା କଲା ଭଳି କହିଲା।

ଆଚ୍ଛା। ତୁ ଖାଲି ତୋ କର୍ତବ୍ୟ କାରୁଛୁ? ଆଉ କିଛି ନୁହଁ? ତେବେ ସେ ରାତିର ଅନୁଭବ ସବୁ..? ପ୍ରଶ୍ନ କଲା ରେଣୁକା।

ସ୍ୱାଭାବିକ କଥା! ..ପିଲାଟାକୁ କେତେ ନ୍ୟୁନ ଦୃଷ୍ଟିରେ ଦେଖୁଥିଲି। କିନ୍ତୁ ଓଲଟା ପ୍ରମାଣିତ ହେଲା। ସେଥିପାଇଁ ଦୋଷୀ ଦୋଷୀ ଲାଗିଲା। ଆଉ କିଛି ନୁହଁ। ସଫେଇ ଦେଲା ତନ୍ଦ୍ରା।

ତୋ ବ୍ୟବହାର ବଦଳିଯାଇଛି ଯା'ଭିତରେ ତନ୍ଦ୍ରା।

ତୋ ମତିଭ୍ରମ ଖାଲି। ଅଧିକ ଭାବେନି। ମୁଁ ଯାହା ଥିଲି ସେଇଆ ଅଛି। ତନ୍ଦ୍ରା ଯୁକ୍ତି କଲା।

କିନ୍ତୁ ଅଧିକ କିଛି ଘଟିସାରିଛି।

କଣ ଘଟିଛି? ତୁ ବି ତ ବଦଳିଯାଇଛୁ ରେଣୁକା। ଏମିତି ବଙ୍କା କଥା ତ କେବେ କହୁନି।

ଏବେ ମୁଁ ସିରିୟସ୍ ତନ୍ଦ୍ରା। ଜୋକ୍ କରୁନି। ହଁ, ମୁଁ ବି ବଦଳିଛି। କିନ୍ତୁ ତୋ ପରିବର୍ତିତ ରୂପ ଦେଖି। ଅନେକ କଥା ଭୁଲିଯାଉଛୁ ତୁ ଆଜିକାଲି। ରେଣୁକା ଭିତରେ ତୀବ୍ର ଅଭିମାନର ବହ୍ନି!

କଣଟା ଭୁଲିଲି ଯେ! ତନ୍ଦ୍ରା କିଛି ମନେପକାଇବାକୁ ଚେଷ୍ଟା କରୁଥିଲାବେଳେ ରେଣୁକା ଚେତାଇ ଦେଲା-ଅଗଷ୍ଟ ପାଂଚ ତାରିଖ ତୋ କ୍ୟାଲେଣ୍ଡରରୁ କଟିଯାଇଛି ନା ଲିଭିଯାଇଛି. କହିପାରିବୁ?

ଅଗଷ୍ଟ ପାଂଚ..? ତୋ..ଜ..ନ୍ମ..ଦି..ନ!! ମାନେ ଗତକାଲି ଥିଲା..? ହେ..ଭଗବାନ୍। ଏ କଣ ହୋଇଗଲା ଯେ! ବିଳିବିଳେଇଲା ପରି କଣ କଣ ସବୁ କହିଗଲା ତନ୍ଦ୍ରା। ଆଜିଯାଏଁ କେବେ ବି ଏମିତି ଭୁଲ୍ ହୋଇନି ସଂପର୍କ ଆରଂଭଠାରୁ। ସବୁବେଳେ ପ୍ରଥମେ ମୁଁ ହିଁ ତୋତେ ୱିସ୍ କରିଛି।

(କ୍ରମଶଃ...)

## ବିଶେଷ କବିତା



# ଶାନ୍ତ୍ରୀ



ଶ୍ରୀଗୋବିନ୍ଦ



**ଧ**ଡ଼ି ଭିତରେ ଧାଡ଼ିଏ
ରହସ୍ୟ ହେଇ ରହିଗଲେ
ଅନେକ ଅଶରୀରି ପାପଙ୍କର ଆତ୍ମା।
ଅନେକ କଳଙ୍କକୁ
ଫୁଲପକା ଜହ୍ନ ରାତିରେ
ଶୁଖେଇ ଦଉ ଦଉ
ଅଟକି ଗଲେ ଅନେକ ଚରିତ୍ରଙ୍କ
ପୋଖତ ଆଖି
ତୋଳି ନେବାକୁ ଗୋଟେ
ସଜ ଚାହାଣୀ।
ଆର୍ଦ୍ର ହେଇ ଆସୁଥିବା
ଗୋଟେ ସିଲିସିଲିଆ ଯୌବନକୁ
ହାତ ଗୋଡ ବାନ୍ଧି
ଝୁଣ୍ଟେଇ ପକେଇବା
କି ଚାଲ୍ କେଜାଣି!
ଯେଉଁମାନେ ଚରିତ୍ରକୁ
କୁଞ୍ଚି ପକେଇ ପିନ୍ଧି ଜାଣିଲେ ସତୀ
ଯେଉଁମାନେ ଅସତର୍କର ଘୁଙ୍ଗୁରବାନ୍ଧି
ପୁରୁଷମାନଙ୍କ ପାଦରେ ପାଦ
ବଜେଇ ଜାଣିଲେ
ପାଲଟିଗଲେ
ଅସତୀ ଅହଲ୍ୟାର ଛାୟାମୂର୍ତ୍ତି।
ଦେହ ସମୁଦ୍ରକୁ
ଭୋକର ହୁଲି ଡଙ୍ଗାରେ
ରାତାରାତି ପାର ହେଇ ଆସିବା ପରେ
ଯେଉଁଠି ଅଟକିଗଲେ
ସେଇଠି ସକାଳ ହୋଇପାରେ;
ହେଇ ବି ପାରେ
ସତୀ ହେବାର ଅନେକ
ନିଃସର୍ତ୍ତ ଅବସ୍ଥିତି।
ରାତି ପରି ବି
ସକାଳ ଘୋଡେଇ ଜାଣେ
ତମ ଆମ ଚିହ୍ନା ମୁହଁ
ସମ୍ପର୍କାତୀତ
ସହଜପଣିଆର ପରିଣତି।

*ରାଜଘରପୋଖରୀ, ଭଦ୍ରକ*

# ବାଟ

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

**ରା**ଜେନ୍ଦ୍ର କଲେଜ୍‌କୁ ପଢିଯିବା ପାଇଁ ସାଙ୍ଗମାନଙ୍କ ସହିତ ବାହାରିଥିଲି ମୁଁ ଲଛିପୁରିଆ ସରକାରୀ ବସ୍‌ରେ ବଲାଙ୍ଗିର। ସହରରେ ମୋ ପରି ଗାଉଁଲି ପିଲାଟିଏ ଭଡ଼ାଘରେ ଚଳିବା ମୁସ୍କିଲ୍ ହେଲା। ବାର ହୀନସ୍ତା ହଟହଟା କଲେ ସେଠାକାର ବିପଥଗାମୀ କେଇଜଣ ଯୁବକ। ତାସ୍ ଖେଳିବା ସଙ୍ଗେ ସଙ୍ଗେ ସିଗାରେଟ୍ ପିଇବାକୁ ବାଧ୍ୟକଲେ ସେମାନେ। ତେଣୁ ଅନ୍ୟ ଉପାୟ ନପାଇ ସହରରେ ନେଇଥିବା ଭଡାଘର ଛାଡ଼ିଦେଲି। ତା ପରେ ପ୍ରତିଦିନ ଗାଁରୁ ସହରକୁ ଯିବା ଆସିବା କରୁଥିଲି ଏଇ ବସ୍‌ରେ। ଲୋଇସିଙ୍ଗା ଷ୍ଟେସନ୍‌ରେ ବସ୍ ରହିଲା। ସଙ୍ଗେ ସଙ୍ଗେ ବସ୍‌କୁ ଚଢ଼ି ଆସିଲେ ଆମ ଗାଁର ମିଶ୍ର ଭାଇନା। ଆଜିକାଲି ବଲାଙ୍ଗିର୍ ସହରେ ରହୁଛନ୍ତି ସେ। ଗାଁ ଗାଁ ବୁଲି ପ୍ରବଚନ ଦେଉଛନ୍ତି। ବିବାହ ବ୍ରତ, ସପ୍ତସତୀ ଚଣ୍ଡିପାଠ, ମହାମତ୍ୟୁଞ୍ଜୟ ମନ୍ତ୍ର ଜପ, ଶନିଶ୍ଚରମେଳା, ତ୍ରିନାଥ ମେଳା, ଏମିତି କେତେ କଣ ପୂଜାପାଠ କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି ସେ। ଆଜିକାଲି କୁଆଡ଼େ ଏମିତିକା କର୍ମାଣୀଆ ବ୍ରାହ୍ମଣଙ୍କର ଘୋର ଅଭାବ ଏଇ ସହରମାନଙ୍କରେ। ତେଣୁ ମିଶ୍ର ଭାଇନାଙ୍କ ଖୁବ୍ କାଟ୍ତି ରହିଛି ବଲାଙ୍ଗିର ଆଉ ଆଖପାଖ ଅଂଚଳରେ।

"ପ୍ରଣାମ ଭାଇନା! ଆସ, ବସ।" ସମ୍ମାନର ସହ ସିଟ୍‌ଟିଏ ଛାଡ଼ିଦେଲୁ ଆମେ ପିଲାମାନେ। ଟିକିଏ ଆଡ୍‌ଜଷ୍ଟ୍ ହେଇ ବସିଲୁ ସମସ୍ତେ। ଭାଇନା ଆରାମରେ ବସିଲା ପରେ ପଚାରିଲେ "କୁଆଡ଼େ ବାହାରିଛ ତୁମେସବୁ? କଣ ବଲାଙ୍ଗିରରେ କିଛି କାମ ଅଛି?"

"ନାଇଁ ଭାଇନା, ଆମେମାନେ ଗାଆଁରୁ ପ୍ରତିଦିନ ଏମିତି କଲେଜ୍‌କୁ ଯିବା ଆସିବା କରୁଛୁ ଏଇ ବସ୍‌ରେ। ଆମପରି ଗାଉଁଲି ପିଲାଙ୍କ ଚଳିବା ପାଇଁ ଭାରି ଅସୁବିଧା ସହରରେ। ମନଦେଇ ପାଠ ପଢ଼ି ହେଲାନାହିଁ। ଏଣୁ ଗାଁରୁ ଯିବାଆସିବା କରୁଛୁ।" କହିଲି ମୁଁ।

"ହଉ ହଉ, ପଢ ପଢ।" କହିଲେ ମିଶ୍ରଭାଇନା। "ମନଧ୍ୟାନ ଦେଇ ପାଠ ପଢ। ମାଆବାପାଙ୍କ ନାଆଁ ବି ଉଜ୍ଜଳ କର। ଆମେ ବ୍ରାହ୍ମଣମାନେ ଏଇ ପଢାଶୁଣାକୁ ଛାଡ଼ି ଆଉ ଅନ୍ୟ କି କାମ ହେଲେ କରିପାରିବା ଯେ? ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ ହେଉଛି ବ୍ରାହ୍ମଣର ଧର୍ମ। ବୁଝିଲ ପିଲାମାନେ, କେବଳ ପଢ଼ିବା ଆଉ ପଢ଼ାଇବା ପାଇଁ ଆମକୁ ଜନ୍ମ ଦେଇଛନ୍ତି ଈଶ୍ୱର। ସେଇ କାମ ଆମେ ଠିକ୍ ଭାବେ କରିବା ଉଚିତ।"

"ହଁ ଭାଇନା, ଆମେ ପଢୁଛୁ ତ। ବାକି ସବୁ ଈଶ୍ୱରଙ୍କ ଇଚ୍ଛା। ପ୍ରଭୁ ଜଗନ୍ନାଥ କେବେ ଦୟା କରିବେ ଯେ? ପଢ଼ା ଶେଷ ହେଉ ହେଉ ଶିଘ୍ର ଶିଘ୍ର ଚାକିରୀବାକିରୀ ଖଣ୍ଡେ ମିଳିଯାଆନ୍ତା ହେଲେ। ଆମ ମାଆବାପାଙ୍କ ଦୁଃଖ ଯାଆନ୍ତା।" ମୁଁ ଟିକେ ଡରିଡରି କହଲି।

"ମିଳିବ, ମିଳିବ, ଜରୁର୍ ମିଳିବ। ଏତେ ପରିଶ୍ରମ କରୁଛ ଯେତେବେଳେ ନମିଳିବ କାହିଁକି?" କହିଲେ ମିଶ୍ର ଭାଇନା "ହେଲେ କଣ କରିବା? ସେକଥା ତୁମେମାନେ ବି ଜାଣିଛ। ଏତେ ବଡ଼ ହେଲଣି ପରା, କେମିତି ବା ଜାଣିବ ନାହିଁ? ଆମ ସରକାରମାନେ ଅନ୍ୟ ଧର୍ମକୁ ଯେତିକି ମୁଣ୍ଡରେ ଚଢ଼େଇଛନ୍ତି, ଆମ ଧର୍ମକୁ କଣ ସେତିକି ଭଲ ଦୃଷ୍ଟିରେ ଦେଖୁଛନ୍ତି? ଆମ ଲୋକମାନେ କେତେ ହୀନସ୍ତା ହଟହଟା ହେଉଛନ୍ତି। ସେସବୁ କଣ କାହା ଆଖିରେ ପଡୁଛି? କିଏ ବା ବୁଝୁଛି ଆମ ଲୋକଙ୍କ ଦୁଃଖ? ଆଉ ଏଇ ଆମ ନେତାମାନେ କ୍ଷମତା ହାତେଇବା ପାଇଁ ଭୋଟ ରାଜନୀତି କରୁଛନ୍ତି ଯାହା। ତୁଷ୍ଟିକରଣର ରାଜନୀତି। କାହା ପ୍ରତି ତାଙ୍କ ମନରେ ଦରଦ ନାହିଁ। ତାଙ୍କ ପାଇଁ ରାମ ମଲେ କେତେ? ରାବଣ ମଲେ କେତେ? ନା ଆଉ କଣ କହୁଛ?"

"ସେମିତି କଥା କାହିଁକି କହୁଛ ଭାଇନା?" ମୁଁ ଟିକେ ଡରିଡରି କହିଲି "ଈଶଶ୍ୱରଙ୍କ ସୃଷ୍ଟିରେ ସବୁ ଧର୍ମ ସମାନ। ଆମ ସଂବିଧାନ୍ ମଧ୍ୟ ସବୁଧର୍ମକୁ ସମାନ ମର୍ଯ୍ୟାଦା ଦେଇଛି। ଜାତି ଧର୍ମ ଯାହାର ଯାହା ହେଲେ ହେଉ ବି ଆମେ ସମସ୍ତେ ଭାଇ ଭାଇ। ଆମେ ପରା ଗୋଟିଏ ମାଆର ସନ୍ତାନ? ଭାରତ ମାଆର ସନ୍ତାନ।"

"ବାୟାଟେ କିରେ ତୁ?" ମିଶ୍ର ଭାଇନା କହିଲେ " ବ୍ରାହ୍ମଣଘର ପିଲା ହୋଇ କେମିତି ସବୁଧର୍ମକୁ ସମାନ ବୋଲି କହିପାରୁଛୁ ତୁ? ଅକାଳ କୁଷ୍ମାଣ୍ଡ କୋଉଠିକାର? ପାଠ ପଢୁଛୁ କି ନାଟ ଶିଖୁଛୁ କେଜାଣି? ଏମିତି ହେଲେ ତ ବାପାମାଆଙ୍କ ସୁନାମରେ କଳଙ୍କ କାଳିମା ଲେପିବାକୁ ବେଶିବେଳ ଲାଗିବନି ତୋତେ? ଆରେ ଗଜମୁର୍ଖ, ହିନ୍ଦୁଧର୍ମକୁ ଛାଡ଼ି ବାକି ଯେତେ ଧର୍ମ, ଧର୍ମ ପଦବାଚ୍ୟ ନୁହେଁ। ସେସବୁ ଅଧର୍ମ। ନର୍କକୁ ବାଟ ଦେଖାନ୍ତି ସେମାନେ। ଆଚ୍ଛା, ସେଇ ଧର୍ମସବୁ ତୋ ଆଖିକୁ କେମିତି ସମାନ ଦିଶିଲେ କହୁନୁ? ଗାଈ ପରା ଆମର ମାଆ? ତାଙ୍କ ଦେହରେ ତେତିଶ କୋଟି ଦେବତା ବାସ କରନ୍ତି। ସେଇ ଗାଈକୁ ନିର୍ଦ୍ଦୟ ଭାବେ ହତ୍ୟାକରି ତା ମାଂସକୁ ଆନନ୍ଦରେ ଖାଇ ଯାଉଥିବା ଲୋକକୁ ତୁ ଧାର୍ମିକ ବୋଲି କହି ପାରୁଛୁ? ସେ ଧର୍ମ ପାଳନ କଲେ ଈଶ୍ୱର ମିଳିବେ ନାହିଁରେ ବାୟା। ସ୍ୱର୍ଗ ବି ମିଳିବ ନାହିଁ। ତୋତେ ନର୍କକୁ ବାଟ କଢେଇ ନେବ ସେସବୁ ଧର୍ମ। ବୁଝିଲୁ ଭାଇ, ଏଯାଏଁ ତୁ ଛୁଆଟିଏ ହୋଇଛୁ। ଧର୍ମର ଏତେ ଗହନ କଥା କାହୁଁ ବୁଝିବୁ ତୁ? ବଡ଼ ହେଲେ ସବୁକଥା ଆପେ ଆପେ ବୁଝିପାରିବୁ ଯେ।"

"ହଁ ଭାଇନା, ମୁଁ ତ ବାଳୁତ ଛୁଆଟିଏ। ତୁମପରି ଏତେ ଏତେ ଜ୍ଞାନଧ୍ୟାନ ମୋର ନାହିଁ। ତଥାପି ମୁଁ ମୋର କ୍ଷୁଦ୍ର ବୁଦ୍ଧିରେ ଯେତିକି ଜାଣିଛି, ସେତିକି କହୁଛି। ପ୍ରଥମେ ମୋ କଥା ଟିକେ ମନଦେଇ ଶୁଣ। ନିଜର ସୁଖ ସୁବିଧା ପୁରଣ ପାଇଁ ଦେବାଦେବୀଙ୍କ ପାଖରେ ମାନସୀକ କରୁଛ ତୁମେମାନେ। କରୁଛ ନା ନାଇଁ? ବଳି ଦେଉଛ ଛେଳିମେଣ୍ଢା, ପୋଡ଼ ମଇଁଷୀ, ପାରା କୁକୁଡ଼ା ଏମିତି କେତେ କଣ ଜୀବଜନ୍ତୁ। ପ୍ରସାଦ ନାଁରେ ତୁମେ ବି ମାଂସଭାତ ଖାଉଛ କେବେ କେମିତି। ଏଇ ମାଂସ ଭାତ ଖାଇବା ପାଇଁ ମହାପ୍ରଭୁ କେଉଁଠି କାହାକୁ କେବେଦିନେ କହିଛନ୍ତି କି ଭାଇନା? ଯାହାକୁ ଯାହା ରୁଚିକର ଲାଗିଲା, ସେତକ ସେ ଖାଇଲା। ଏଇ ଆମ ଧର୍ମର କିଛିଲୋକ ବି ତ ଆଜି ମଧ୍ୟ ମୃତ ଗାଈ ବଳଦର ମାଂସ ଖାଉଛନ୍ତି। ତେବେ ସେମାନେ କଣ ଆମ ଧର୍ମର ନୁହଁନ୍ତି? କାହାର ଖାଇବା ରଙ୍ଗଢଙ୍ଗରୁ ତା' ଧାର୍ମିକପଣକୁ ତଉଲି ହେବନାହିଁ ଭାଇନା। ବାକି ରହିଲା ବାଟ କଥା? ସନ୍ଥ ରାମକୃଷ୍ଣ ପରମହଂସ ପରା କହିଛନ୍ତି 'ଯତୋ ମତ୍, ତତୋ ପଥ୍।' ଯେତେ ମତବାଦ ରହିବ, ଈଶ୍ୱରଙ୍କ ନିକଟକୁ ସେତେଟା ଅଧୀକ ବାଟ ଫିଟିବ। ପ୍ରତିଟି ସ୍ୱତନ୍ତ୍ର ମତବାଦରୁ ସୃଷ୍ଟି ହୋଇଛି ଗୋଟିଏ ଗୋଟିଏ ନୂତନ ଧର୍ମ, ନୂତନ ବିଶ୍ୱାସ। ଈଶ୍ୱରଙ୍କ ନିକଟତର ହେବା ପାଇଁ, ଈଶ୍ୱରଙ୍କ ରାଜ୍ୟକୁ ପହଂଚିବା ପାଇଁ ଗୋଟିଏ ଗୋଟିଏ ନୂଆ ବାଟ ଦେଖାଉଛି ଏଇ ଧର୍ମ। ଯାହାର ଧର୍ମ ଯାହା ହେଉ ପଛେ ଲକ୍ଷ୍ୟ କିନ୍ତୁ ଏକମାତ୍ର ଈଶ୍ୱର ପ୍ରାପ୍ତି ବା ମୋକ୍ଷ। ଯିଏ ଯେଉଁବାଟରେ ଚାଲୁଛି ଚାଲୁ ଭାଇନା, ଆମେ ଈଶ୍ୱରଙ୍କ ନିକଟରେ ପହଂଚି ପାରିଲେ ହେଲା।"

"କଣ କହିଲୁ ଅପଦାର୍ଥ? ସବୁ ଧର୍ମ ଗୋଟିଏ ଗୋଟିଏ ବାଟ?" ରାଗରେ ପାଚି ଲାଲ୍‌ହୋଇ ଯାଇଥିଲା ମିଶ୍ର ଭାଇନାଙ୍କ ମୁହଁ। ରାଗ ତମତମ ହୋଇ ସେ କହିଲେ "ଚାଳିଆକୁ ଚଢ଼ି ଛପର ଫାଡ଼ି ଚୋରପରି ଘର ଭିତରକୁ ଡେଇଁ ପଶିବାକୁ ବି ତୁ ବାଟ କହି ପାରୁଛୁ? ମୁର୍ଖ କୋଉଠିକାର? ଯେଉଁ ବାଟ ସଳଖ ସୁନ୍ଦର ନୁହେଁ, ସେଇଟା କି ବାଟ କିରେ ମାଙ୍କଡ଼? କି ପାଠ ପଢୁଛୁ ତୁ? ଦେଖୁଛି, ଖୁବ୍ ବଡ଼ି ଗଲାଣି ତୋ ବହପ? ଏବେ ଯେମିତି ହେଉଛୁ, କେତେବେଳେ ବିଧର୍ମୀ ହୋଇଯିବା ବଡ଼କଥା ନୁହଁ। ରହ ରହ ଏକଥା ମୋ କକେଇଙ୍କୁ କହୁଛି। ବକଟେ ବୋଲି ପିଲା ତୁ, ସେଥିରେ ପୁଣି ମୋ ପରି ତ୍ରିକାଳଦର୍ଶୀ ପଣ୍ଡିତକୁ ପଢେଇବାକୁ ଚାହୁଁଛୁ ଧର୍ମର ପାଠ। ଆରେ...।"

"ଚାଳିଆକୁ ଚଢ଼ି ଛପର ଫାଡ଼ି ଚୋରପରି ହେଉ କି ସଳଖ ସୁନ୍ଦର ପକ୍କାବାଟରେ ରାଜାଥାଟରେ ହେଉ, ଘରକୁ ପହଂଚି ପାରିଲେ ହେଲା। କାହିଁକି ନା ଘରକୁ ପହଂଚିବାଟା ହେଉଛି ପଥିକର ଲକ୍ଷ୍ୟ। ଏକଥା ସ୍ୱୀକାର କରିବ ତ ଭାଇନା? ମୋ ଗୁରୁ ଗୁରୁଜନଙ୍କ ଦୟାରୁ ସବୁ ଧର୍ମକୁ ମୁଁ ସମାନ ଦୃଷ୍ଟିରେ ଦେଖି ଆସିଛି ମୋ ପିଲାଦିନୁ। ମୋ ଜାଣିବାରେ ଭଲକଥା ଶିଖାଇଥାଏ ପ୍ରତିଟି ଧର୍ମ। ଭଲ ମଣିଷ ବା ସତ୍‌ପୁରୁଷ ହେବାକୁ କହିଥାଏ। ଏକଥା ତୁମେ ବି ଜାଣିଥିବ? ଆମ ହିନ୍ଦୁଧର୍ମ କହେ ମର୍ନୁଭବ। ଅର୍ଥାତ ମଣିଷ ହୁଅ। ମିଳିମିଶି ଚଳ। ସୁଖ ଆଉ ଶାନ୍ତିରେ ରହ। ମୋ ଜାଣିବାରେ ପ୍ରତିଟି ଧର୍ମର ଏକମାତ୍ର ଲକ୍ଷ୍ୟ ହେଲା ଈଶ୍ୱର ପ୍ରାପ୍ତି। ସକଳ କର୍ମ ବନ୍ଧନରୁ ମୁକ୍ତି। ଆଉ ଏଇ ମୁକ୍ତିର ବାଟ ଦେଖାଏ ଧର୍ମ। ଅବଶ୍ୟ ଏକଥା ଅଲଗା ଯେ କିଏ କେଉଁ ବାଟରେ ଚାଲିବ? କିଏ କେଉଁ ଧର୍ମର ଉପଦେଶ ପାଳିବ? ତୁମେ ଏକଥା ମାନ କି ନମାନ ଭାଇନା, ସବୁ ଧର୍ମ ସମାନ। ଏହା ସୂର୍ଯ୍ୟ ଚନ୍ଦ୍ର ପରି ସତ୍ୟ। ଏକଥା ମୁଁ ବାରମ୍ବାର କହିବି।"


ଏତିକି କଥା ଭିତରେ ବଲାଙ୍ଗିର ବସ୍‌ଷ୍ଟେସନକୁ ଗାଡ଼ି ପହଂଚି ସାରିଥିଲା। "ପ୍ରଣାମ ଭାଇନା, ଆମେ ଆସୁଛୁ।" କହି ବସ୍‌ରୁ ତରତର ହୋଇ ଓହ୍ଲାଇ ପଡ଼ିଲୁ ଆମେ। ଆମର ଆସିବା ବାଟକୁ ଝରକା ଦେଇ ଏକଲୟରେ ଚାହିଁ ରହିଥାନ୍ତି ମିଶ୍ର ଭାଇନା।

*ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*
*ମୋ – ୯୪୩୭୬୪୦୩୧୬*

# ପାଲଟା ସମୟ



ନିରଞ୍ଜନ ସେଠୀ



**ନ**ରମ ପାପୁଲିରେ ଆଞ୍ଜୁଳାଏ ଆୟୁଷ
କଜ୍ଜଳ ନିପା ଆଖି ପଠାରେ ଧାପେ ସପନ
ନାକ ପୁଡିଆରେ ଦି'ଯୋଡା ଆତଯାତ ପବନ
ଦେହ ଇଲାକାରେ ପହଁରୁ ଥିବା ଅଳ୍ପାୟୁଷ
ଫୁଲେଇ ଯୌବନ
ସାଗର ବୁକୁରେ ହୁଲି ଡଙ୍ଗା ପ୍ରାଏ ଥଳ ଥଳ
ସଂସାର ଛାତିରେ ଅସ୍ଥିର ଜୀବନ
ଜିଇଁବାକୁ ଟିକେ ଆୟୁଷ୍ମାନ କଳା
ଲୋଡା ବୋଲି ତ ଅଧିଆ ପଡିଛି ତୋ
ଦୁଆରେ ରାତି ଦିନ,
ଗୁହାରି କରୁଛି ଦେବୁ ବୋଲି
ତୋ ଦେହରୁ ଟିପରେ ଟିପେ କଳା
ସବୁ କଳା ଯେଣୁ ତୋ ଦେହରେ ବୋଳାରେ
କାଳିଆ ରେ!
ଆଗେ ଆଗେ ବୋଉ ପଛେ ପଛେ ବାପା
ଆଗ ପଛ ହେଇ ଚାଲି ଗଲା ପରେ
ଆକାଶକୁ ଛୁଇଁବାର ଆସ୍ପର୍ଦ୍ଧା ରଖିଥିବା ଘରଟା
ଆଖି ପିଛୁଳାକେ ପାଲଟି ଗଲା କାଗଜର ଘର
ପବନର ମୃଦୁ ପରଶରେ ଭୁଷୁଡି
ମାଟିରେ ମିଶିଲା
ଏକ ନାହି ବେନି ଫାଳ, ବଳ କଷାକଷି
ବିନା ଯୁଦ୍ଧେ ନମିଳଇ ସୂଚ୍ୟଗ୍ରେ ମେଦିନୀ।
ବଡ ଭାଇ ବାପା ସମାନ ବୋଲି
କହୁଥିବା ଶାସ୍ତ୍ର ଏବେ ଅଲୋଡା
ବାପା ଯିବାର ଦିନ କେଇଟାରେ
ବଡ ଭାଇ ପାଲଟିଲା ବଇରୀ।
ସଜ ମାଛରେ ପୋକ ସାଲୁବାଲୁ
ଘର ସାରା ପୋଡା ଶୁଖୁଆର ଗନ୍ଧ
ଦିନରୁ ରାତି ଯାଏ ଗୋଇ ଖୋଳା ଖୋଳି
ନିଗିଡା ସମୟଟା ବିଗିଡି ଯାଇଛି
ସତେ ଅବା ମୁହେଁ ବୋଲି କାଳି!

*ଭିଏ-୧୦/୧, ୟୁନିଟ-୨, ଭୁବନେଶ୍ୱର*

# କୁନାବାପାଙ୍କ କୁନିକଥା

୩୩



**ଗ**ଲା ରବିବର ଥିଲା ମକର ସଂକ୍ରାନ୍ତି। ଓଡ଼ିଶାର ଘରେ ଘରେ ମକର ଓ ଖଇର ସମ୍ଭାର। ସାହିତ୍ୟ କ୍ଷେତ୍ରରେ ମଧ୍ୟ ମକରମେଳା ମାନ ବହୁବର୍ଷହେଲା ମହାଆଡମ୍ବରରେ ପାଳିତ ହୋଇ ଆସୁଛି। ଏବର୍ଷ ଏମିତି ଏକ ମେଳାକୁ ଯିବାକୁ ନିମନ୍ତ୍ରଣଟିଏ ପାଇଥିଲେ କୁନାବାପା। ସକାଳୁ ଗାଧୋଇଇସାରି ପୂଜାପାଠ ସାରିଲେ, ବଡ ଶ୍ରଦ୍ଧାର ସହ ମକର ମଧ ତିଆରି କରି ଭୋଗ ଲଗାଇଲେ। ପୂଜାପାଠ ସାରି ତରତରରେ ବାହାରିଲେ ମକର ସାହିତ୍ୟ ମିଳନକୁ। ବହୁ ବନ୍ଧୁଙ୍କ ସହ ଦେଖାହେବ, ବହୁ ବିଶିଷ୍ଟ ଓ ବରିଷ୍ଠଙ୍କ ସହ ମଧ୍ୟ ମିଶିବାର ସୁଯୋଗକୁ ହାତଛଡା କରିବାକୁ ଚାହୁଁନଥିଲେ। କିନ୍ତୁ ଗୋଟେ ନୂଆକଥା ମୁଣ୍ଡକୁ ଜୁଟିଲା। ଭାବିଲେ ମକର ସଂକ୍ରାନ୍ତି ଆମ ସଂସ୍କୃତିର ଏକ ବିଶେଷ ଅଙ୍ଗ, ତେଣୁ ପାରମ୍ପରିକ ବେଶଭୂଷାରେ ଯିବେ। ଆଲମିରାରୁ ବାହାରକଲେ ନୂଆ ମଠାଯୋଡ, ଭଲକରି କୁଞ୍ଚ କରି ପିନ୍ଧିଲେ, ଉତ୍ତରିୟକୁ ଅଣ୍ଟାରେ ଯୋରକରି ଭିଡିଲେ। ନୂଆ ଖଦଡ ପଞ୍ଜାବିଟିଏ ଥିଲା, ତାକୁ ପିନ୍ଧିଲେ। ନାମାବଳି ଗାମୁଛାକୁ ମୁଣ୍ଡରେ ପାଗ ଭିଡିଲେ। ଆଉ କାନ୍ଧରେ ଟସର ସାଲ୍। ପାଦକୁ ପିନ୍ଧିଲେ କଳା ନାଗରା। କୁନାବାପା ତ' ପ୍ରତିଦିନ ଠାକୁର ପୂଜାବେଳେ ମଠା ପିନ୍ଧନ୍ତି, ତେଣୁ ଘରେ କାହାରିକୁ କିଛି ନୂଆ ଲାଗିଲାନି। କୁନାକକା ଖାଲି କହିଲେ, ଭାଇନା ମଟର ସାଇକେଲ କିମ୍ବା ସ୍କୁଟି ନୁହେଁ, କାର ନେଇଯିବ, ନହେଲେ ଷ୍ଟାଣ୍ଡରେ ଲୁଗା ଲାଗିଯିବ। କୁନାବାପା ବି ତାଙ୍କ କଥା ମାନି କାର ନେଇ ବାହାରିଗଲେ। ମାତ୍ର ଅଧଘଣ୍ଟାରେ ପହଞ୍ଚିଗଲେ ଗନ୍ତବ୍ୟ ସ୍ଥଳରେ। ଗାଡି ପାର୍କ କରିବା ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡର 'ବାବା' ବୋଲି ସମ୍ବୋଧନଟି ଯେତିକି ଆଶ୍ଚର୍ଯ୍ୟ ସେତିକି ଅପ୍ରତ୍ୟାଶିତ ବୋଧହେଲା। ତେବେ ସିଧା ସଭା ଆୟୋଜନ ହେଉଥିବା ସଭାଗୃହ ଆଡେ ଏକମୁହାଁ ହୋଇ ପାଦ ପକେଇଲେ କୁନାବାପା। ସଭା କାର୍ଯ୍ୟ ଅର୍ଦ୍ଧାଧିକ ସରିଯାଇଥାଏ ସେତେବେଳକୁ। ତଥାପି ଗୋଟିଏ ଚଉକିରେ ବସି ରାଜ୍ୟ ବାହାରୁ ଆସିଥିବା ଅତିଥି ଲେକଙ୍କ ବକ୍ତବ୍ୟକୁ ଶୁଣି ବାହାରକୁ ବାହାରିବା ବେଳକୁ ଜଣେ ପୁରାତନ ବନ୍ଧୁ ଦେଖାହେଲେ। ଆଶ୍ଚର୍ଯ୍ୟର କଥା, ବନ୍ଧୁ ଭଲମନ୍ଦ ଦୁଃଖ ସୁଖ କଥା ନ ପଚାରି ଏଇ ଡ୍ରେସରେ ଗୋଟେ ସେଲଫି ହେଉ ବୋଲି ଭିଡିନେଲେ ନିଜ ପାଖକୁ ଓ ଦି ଚାରିଟା ଫଟୋ ଧଡାଧଡ ଉଠେଇଲେ। ଏମିତି ପ୍ରାୟ ସବୁ ପରିଚିତ ବ୍ୟକ୍ତି ଠିଆ କରେଇ ଫଟୋ ନେଲେ। ସତେକି, କୋଉ ଆମ୍ୟୁଜମେଣ୍ଟ ପାର୍କର ଗୋଟେ ସୁପର ହିରୋର ପ୍ରତୀକ। କିଛି ବନ୍ଧୁ ପ୍ରଶଂସା କଲା ବେଳକୁ କିଛି ପଛରେ ଗୁଲି ମଧ୍ୟ କଲେ। କିଏ କିଏ ପୁଣି ତାଙ୍କ ପାଇଁ ଖଣ୍ଡିଏ ଲେଖା ଯୋଗାଡ କରିବାରେ ବରାଦ ବି ଦେଲେ। ତେବେ ଭାରତରେ ଏବଂ ପୁଣି ଓଡ଼ିଶାରେ, ଯେଉଁଠି ଇଫତାର ପାର୍ଟିକୁ ଯିବା ପାଇଁ ଚେକ ଗାମୁଛା ଓ ଜାଲିଟୋପି କିଣାହୁଏ ୟୁନିଅନ ଚର୍ଚ୍ଚରେ ବଡଦିନ ପାଳନ କରିବା ପାଇଁ ଖାଣ୍ଟି ବିଦେଶୀ ଟାଇ କୋର୍ଟ ଓ ରାସ୍ତା ଘାଟରୁ ସାଣ୍ଟକ୍ଲସ ଟୋପି କିଣାହୁଏ ସେଠି ଖାଣ୍ଟି ଓଡ଼ିଆ ପରିଧାନକୁ କଟାକ୍ଷ କେତେଦୂର ଯୁକ୍ତିଯୁକ୍ତ, ତାହା କେବଳ ଆତ୍ମଚିନ୍ତନ କରିବା ଆବଶ୍ୟକ। ସୁବିଧା ଆଳରେ ନିଜ ସଂସ୍କୃତିଠୁ ଦୂରେଇ ଯାଉଥିବା ଏବଂ ଅନ୍ୟର ସଂସ୍କୃତିର ହନୁକରଣ କରିବା କେତେ ଯେ ମାରାତ୍ମକ ତାହା ସମୟ ହିଁ କହିବ। ସର୍ବେ ଭବନ୍ତୁ ସୁଖୀନଃ।

– ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪




**ଲା**କା, ଲାକା,ଲାକା, ଲାକା, ତୁମେ ଯାହା କୁହ ତୁମ ବିନା ମୁଁ କିଛି ବି ନୁହଁ..। ହିଲି, ହିଲି, ହିଲି, ହିଲି ହଁ କି?...। ସତ କହୁଛି କିଏ ଭାତ ଖାଇଲେ ବଞ୍ଚୁଛି, ମୁଁ କିନ୍ତୁ, ତୁମ ହଁ କି ଶୁଣିଦେଲେ ସାରା ଆୟୁଷର ଭୋକ ମାରିଦେଉଛି। ହିଲି, ହିଲି, ହିଲି, ହିଲି, ହେ ସେମିତି କୁହନି କଥାରେ କ'ଣ ପେଟ ପୁରେ; ନିଜକୁ ଦେଖିଲେ ପବନ ଦେଲେ ଉଡିଯିବ ଦେହର ଯତ୍ନ ନିଅ। ଲାକା, ଲାକା, ଲାକା, ଲାକା ପ୍ରେମିକର କ'ଣ ଦେହଟା ନିହାତି ଜରୁରୀ...। ହିଲି, ହିଲି, ହିଲି, ହିଲି ତୁମର ସବୁବେଳେ ସେଇକଥା; ପ୍ରେମ ଫ୍ରେମ ଛଡା ଆଉ କିଛି ଜାଣ ନା ନାହିଁ। ଲାକା, ଲାକା, ଲାକା, ଲାକା ବିନା ପ୍ରେମରେ ତ ମୁଁ ପାଣି ବି ଛୁଏଁନି। ହଁ କି..। ଲାକା, ଲାକା, ଲାକା, ଲାକା ଓ ହୋ... ତୁମେ ସାର ଜୀବନ କେବଳ ହଁ କି କୁହ ବାସ୍ ଆଉକିଛି ଲୋଡାନାହିଁ। ହିଲି, ହିଲି, ହିଲି, ହିଲି ଆରେ ତୁମର ତାହାଲେ ଜୀବନ ଅଛି; ଲାକା, ଲାକା, ଲାକା, ଲାକା କାଇଁ ତୁମର ନାଇଁକି...। ଢେର ହେଇଗଲା ସେ ହିଲି ହିଲି ଲାକାଲାକା ମୁଁ ତୁମକୁ କେବେବି ଭଲପାଇ ପାରିବିନି; ମୁଁ ସେମିତି ନିରବରେ ଚାହିଁଥିଲି ତାକୁ। ଆମେ ଦୁହେଁ ପରୀକ୍ଷା କରୁଥିଲୁ ମରିଗଲା ପରେ ଭୂତ ଭୁତୁଣୀ ହେଇ ନୂଆ ଭାଷାରେ ପ୍ରେମ କରିବାର କଥା...। ହଁ ହେଲାନି ଛାଡ଼.... କୋଉ ଛାଡି ହେଉଛି ଯେ ତାଙ୍କୁ ନିଜକୁ ନିଜେ କହି ଉଠିଆସିଲି ତାଙ୍କ ପାଖରୁ। ସିଏ କେବେଠୁ ପାର୍କ ଛାଡି ହଷ୍ଟେଲ ଚାଲି ଯାଇଥିଲେ; ଏବେ ସେ ପାର୍କରେ ମୁଣ୍ଡ ତଳକୁ କରି ମୋ ହୃଦୟ ଝୁଲୁଛି...। ହିଲିହିଲି ଲାକାଲାକା ଆଉ ଶୁଭୁନି ତଥାପି ଲୋକେ କହୁଛନ୍ତି ଭୁତୁଣୀ ପାର୍କ ତାକୁ। ସେ ଏବେ ବେଶ୍ ଖୁସିରେ... ମୁଁ କିନ୍ତୁ ଏବେବି ତାଙ୍କ ହଁ କି ଶୁଣିବା ଅପେକ୍ଷାରେ...।

### ଗ୍ରାମାଞ୍ଚଳରେ ଫେଲ୍ ମାରିଛି ସ୍ୱାସ୍ଥ୍ୟସେବା

# ନକଲି ଡାକ୍ତରଙ୍କ ଭରସାରେ ରୋଗୀ

**ସୁବର୍ଣ୍ଣପୁର :** କେନ୍ଦ୍ର ତଥା ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ଡିଣ୍ଡିମ ପିଟୁଛନ୍ତି। ହେଲେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ହାତରେ ରହିଥିବା ଦେଖାଯାଉଛି। ଏପରିକି ନକଲି ଡାକ୍ତର ବା କ୍ୱାକ୍ ମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଅନେକ ରୋଗୀ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ଏହା ସତ୍ତ୍ୱେ ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନଥିବାରୁ ସେମାନେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଉତ୍ସାହିତ ହେଉଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଅନେକ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଗ୍ରାମାଞ୍ଚଳର ଜନସାଧାରଣ ଯେପରି ସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚକରି ଉପଯୁକ୍ତ ମାନର ଔଷଧ ଯୋଗାଣ ହେଉଛି। ପ୍ରତ୍ୟେକ ଗ୍ରାମରେ ରହିଥିବା ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଔଷଧ ଯୋଗାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳରେ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ବିଶେଷକରି ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର, ଡୁଙ୍ଗୁରିପାଲି, ତରଭା, ସୋନପୁର, ବିନିକା ଓ ଉଲୁଣ୍ଡା ବ୍ଲକ ଅଞ୍ଚଳର ଉପାନ୍ତ ଅଞ୍ଚଳରେ ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ଦୌରାତ୍ମ୍ୟରେ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ଏ କ୍ଷେତ୍ରରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ମଧ୍ୟ ସେମାନେ ନିରୀହ ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି। ଅନେକ ନକଲି ଡାକ୍ତର ବା କ୍ୱାକ୍ କଲିକତା, ଦିଲ୍ଲୀ ଓ ବମ୍ବେରୁ ତଥା କଥିତ ପାଠପଢ଼ା ପ୍ରମାଣପତ୍ର ଆଣି ଗ୍ରାମାଞ୍ଚଳରେ ଗୋଟିଏ ଲେଖାଏଁ ସାଇନ୍‌ବୋର୍ଡ ଲଗାଇ ଯେରାଗୀ ଚିକିତ୍ସା କରୁଥିବା ଜଣାଯାଏ। ଏହିସବୁ ନକଲି ଡାକ୍ତର ବା କ୍ୱାକ୍ ପାଇଥିବା ପ୍ରମାଣପତ୍ର କେତେ ସତ ତାକୁ ତଦାରଖ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରି ସ୍ଥିତିରେ ସେମାନେ ଆହୁରି ଉତ୍ସାହିତ ହୋଇ ହଜାର ହଜାର ଟଙ୍କା ନିରୀହ ଜନସାଧାରଣ ତଥା ରୋଗୀ ଠାରୁ ଲୁଟି ନେଉଛନ୍ତି। ନକଲି ଡାକ୍ତର ବା କ୍ୱାକ୍‌ମାନେ କିଛି ଅନାମଧେୟ କମ୍ପାନୀର ଔଷଧ ଲୋକଙ୍କୁ ଚଢ଼ା ଦରରେ ଦେଉଥିବା ଜଣାଯାଏ। ଏହିସବୁ ଔଷଧ ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ପାଖକୁ କିପରି ଓ କାହା ଠାରୁ ଯାଉଛି ତାହା ତଦନ୍ତ ସାପେକ୍ଷ। ଅନେକ ନକଲି ଡାକ୍ତର ବା କ୍ୱାକ୍ ନିଜ ଘରେ ମିନି ଡାକ୍ତରଖାନା ଖୋଲି ରୋଗୀଙ୍କୁ ଔଷଧ ସାଙ୍ଗକୁ ସାଲାଇନ ମଧ୍ୟ ଦେଉଥିବାର ଅଭିଯୋଗ ହେଉଛି। ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ଆବଶ୍ୟକ ଜ୍ଞାନର ଅଭାବ ଯୋଗୁଁ ଅନେକ ସମୟରେ ରୋଗୀଙ୍କୁ ଚିକିତ୍ସା କରି ଶେଷ ସମୟରେ ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥାନ୍ତି। ଫଳରେ ରୋଗୀ ଗୁରୁତର ହୋଇ ଡାକ୍ତରଖାନା ଆସିବା ବାଟରେ ମୃତ୍ୟୁ ମୁଖରେ ପଡିଥାଏ। ନକଲି ଡାକ୍ତର ବା କ୍ୱାକ୍‌ମାନେ ବେଆଇନ ଗର୍ଭପାତ କରିବା ସହ ଗ୍ରାମାଞ୍ଚଳରେ ରହିଥିବା ଗର୍ଭବତୀ ମହିଳା ଓ ଶିଶୁଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିବା ଦ୍ୱାରା ସେମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଅନ୍ୟପକ୍ଷରେ ସରକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତ୍ୟେକ ଗ୍ରାମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି, ସ୍ୱାସ୍ଥ୍ୟକର୍ମୀ ଆଦି ନିଯୁକ୍ତି ଦେବା ସହ ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟ କାନ୍ଥ କରାଯାଇଛି। ହେଲେ ଏହିସବୁ କର୍ମଚାରୀ ପ୍ରତ୍ୟେକ ଓ ପରୋକ୍ଷ ଭାବରେ ନକଲି ଡାକ୍ତର ବା କ୍ୱାକ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବାରୁ ସେମାନଙ୍କୁ ଦମନ କରିବା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇପଡିଛି। ଅନେକ ନକଲି ଡାକ୍ତର ବା କ୍ୱାକ୍ ସମ୍ପୃକ୍ତ ଅଞ୍ଚଳରେ ଥିବା କିଛି ସରକାରୀ ଡାକ୍ତର ତଥା ଲାଭଖୋର ବିଭାଗୀୟ କର୍ମଚାରୀଙ୍କୁ ମୋଟା ହାତଗୁଞ୍ଜା ଦେଇ ବେଆଇନ କାର୍ଯ୍ୟକଳାପକୁ ଚାଲୁ ରଖିଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଖୋଲାରେ ପଡିରହିଛି ବସ୍ତା ବସ୍ତା ଧାନ

**ଭବାନୀପାଟଣା :** ଗତ ଡିସେମ୍ବର ୨୬ ତାରିଖ ଠାରୁ କଳାହାଣ୍ଡି ଲୋକ ମହୋତ୍ସବ ପାଳନ ପାଇଁ ଜିଲ୍ଲା ପ୍ରଶାସନ ଏବଂ ନିର୍ବାଚିତ ପ୍ରତିନିଧି ମାନେ ଉତ୍ସବରେ ମାତି ଯାଇ ଭୁଲି ଯାଇଛନ୍ତି ଜିଲ୍ଲାର ଚାଷୀଭାଇମାନଙ୍କ କଥା । ଚାଷୀ କେମିତି ଧାନ ବିକିବ ଏବଂ କେତେ ଦିନ ପର୍ଯ୍ୟନ୍ତ ଶୀତ କାକରରେ ସଢୁଥିବ ତାହାକୁ ଦେଖିବା ପାଇଁ କେହିନାହାଁନ୍ତି । ନିସହାୟ ବେସାହାର ଭଆବରେ ଚାଷୀ ଧାନ ବିକିବା ପାଇଁ ଜଗି ବସିଥିବା ବେଳେ ବାଧ୍ୟ ହେଉଛି ମିଲର୍ସ ଏବଂ ଦଲାଲଙ୍କ ଶୀକାର ସାଜିବା ପାଇଁ । କଟନି ଟ୍ରିରେ ଜିଲ୍ଲାର ଚାଷୀ ବେହାଲ ହୋଇ ପଡିଛି । କୁଇଣ୍ଟାଲ ପ୍ରତି ୮/୧୦ କି.ଗ୍ରା. ଧାନ କାଟୁଛନ୍ତି ମିଲର୍ସ । ଏହାକୁ ବିରୋଧ କଲେ ଚାଷୀର ଧାନକୁ ଛାଡି ଦେଉଛନ୍ତି । ମଣ୍ଡିରେ ସ୍ୱର ଉତ୍ତୋଳନ କରୁଥିବା ଚାଷୀର ପାଟିକୁ ବନ୍ଦ କରିବା ପାଇଁ ମିଲର୍ସଙ୍କ ଦଲାଲମାନେ ମଣ୍ଡିରେ ଚାଷୀଙ୍କୁ ଗୁରୁତ୍ୱ ଦିଆଯାଉନାହିଁ । ଅସାଧୁ ବ୍ୟବସାୟଙ୍କୁ ପ୍ରଥମେ ସମବାୟ ଟୋକନ ଦେଉଥିବାରୁ ସେମାନଙ୍କ ଧାନ ଆଗେ ବିକ୍ରି ହେଉଛି ଓ ଚାଷୀ ଭକୁଆ ସାଜି ଦେଖୁଛି । ମିଲର୍ସ ଓ ସମବାୟ ସମିତି କର୍ମଚାରୀଙ୍କୁ ସଲାସୁତୁରା କରି ଅସାଧୁ ବେପାରୀମାନେ ନିଜ ନିଜ ଘରେ ଧାନ ଲୋଡିଂ ଦେଇ ବିକ୍ରି କରୁଥିବା ବେଳେ ଚାଷୀ ଶୀତ ଆକାରରେ ମଣ୍ଡିରେ ଦିନ ଦିନ ଗଡିରହିଛି । ଜିଲ୍ଲାର ବିଭିନ୍ନ ମଣ୍ଡିରେ ବହୁ ପ୍ରଭାବଶାଳୀ ପରିବାରର ଲୋକେ ଅସାଧୁ ଧାନ ବେପାରୀ ସାଜି ଚାଷୀଙ୍କୁ ଠାରୁ ୯ ଶହରୁ ୧ ହଜାର ଟଙ୍କାରେ ଧାନ କିଣି ସରକାରୀ ମୂଲ୍ୟରେ ମଣ୍ଡିରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।

## କୋମାରେ କର୍ମ ନିୟୋଜନ କାର୍ଯ୍ୟାଳୟ

**ଖୋର୍ଦ୍ଧା :** ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟରୁ ଆଗରୁ ପଞ୍ଜିକୃତ ବେକାର ଯୁବକ ଯୁବତୀମାନଙ୍କ ନିକଟକୁ ବିଭିନ୍ନ ସରକାର ଓ ବେସରକାରୀ କାର୍ଯ୍ୟାଳୟରେ ଖାଲି ପଡୁଥିବା ପଦବୀ ଏବଂ ନୂଆପଦବୀରେ ନିଯୁକ୍ତି ସଂକ୍ରାନ୍ତ ସୂଚନା ପ୍ରଦାନ କରାଯାଉଥିବା ବେଳେ ଏବେ ଏହା କାଁ ଭାଁ ହେଉଛି। ଖୋରଧା ଜିଲ୍ଲାରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଁ ଯେତିକି ବେକାରୀ ପଞ୍ଜିକୃତ ହେଉଛନ୍ତି ତାହାର କାଣିଚାଏ ଏବେ ନିଯୁକ୍ତି ପାଇ ନାହାଁନ୍ତି। ଯେଉଁମାନେ ବି ନିଯୁକ୍ତି ପାଉଛନ୍ତି ସେହି ତଥ୍ୟ ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ରହୁନି। ତେବେ ସମ୍ପୃକ୍ତ ନିଯୁକ୍ତି ପ୍ରଦାନ କାରୀ ସଂସ୍ଥା ଗୁଡ଼ିକ ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟକୁ ଜିଲ୍ଲାରୁ ପ୍ରଦାନ କାରୀ ସଂସ୍ଥା ଗୁଡ଼ିକ ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟକୁ ଜିଲ୍ଲାରୁ ବେକାର ଯୁବକ ଯୁବତୀଙ୍କ ନିଯୁକ୍ତି ସମ୍ପର୍କରେ କୌଣସି ସୂଚନା ଦେଉ ନଥିବାରୁ ଏଭଳି ସ୍ଥିତି ଉପୁଯିଥିବାର କୁହାଯାଉଛି। ପୂର୍ବରୁ କର୍ମ ନିୟୋଜନ କାର୍ଯ୍ୟାଳୟ ମାଧ୍ୟମରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ନିଯୁକ୍ତି ବିଜ୍ଞାପନ ଦେଉଥିବା ବେଳେ ସେମାନେ ଏବେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା କରୁଥିବାର ଜଣା ଯାଇଛି। ଫଳରେ କେଉଁ ସଂସ୍ଥା କେତେ ଜଣଙ୍କୁ ନିଯୁକ୍ତି ଦେଉଛି ତାହାର ହିସାବ କର୍ମ ନିୟୋଜନ ସଂସ୍ଥା ପାଖରେ ରହୁ ନଥିବାର ଜଣାଯାଉଛି। ଏଣୁ କର୍ମ ନିୟୋଜନ ସଂସ୍ଥା ନାମକୁ ମାତ୍ର ରହିଛି। ପୂର୍ବରୁ କର୍ମ ନିୟୋଜନ କାର୍ଯ୍ୟାଳୟ ବିଭିନ୍ନ ସଂସ୍ଥାରେ ବାହାରୁଥିବା ନିଯୁକ୍ତି ସମ୍ପର୍କରେ ପଞ୍ଜିକୃତ ବେକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଉ ଥିଲା ଯାହା ଏବେ ହେଉ ନାହିଁ ସରକାରୀ ଚାକିରୀ କ୍ଷେତ୍ରରେ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରିବା ବାଧ୍ୟତା ମୂଳକ ହୋଇଥିବା ସ୍ଥଳେ ସରକାରୀ ନିଯୁକ୍ତି ସମ୍ପର୍କିତ ସଠିକ୍ ତଥ୍ୟ ମିଳି ପାରୁ ନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।




*ଭୁବନେଶ୍ୱର : ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ୍‌ର ମେୟର ଡ. ପ୍ରୀତି ଅଗ୍ରୱାଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ବିଏଏମ୍‌ସି ମେୟରଙ୍କୁ ସାକ୍ଷାତ କରୁଛନ୍ତି।*

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦିଙ୍କୁ ...

ନେତାନ୍ୟାହୁ ଏଠାର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ନେତାନ୍ୟାହୁଙ୍କୁ ମୋଦି ଓ ରାଜ୍ୟର ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ଏହା ପରେ ସେମାନେ ରୋଡ୍ ସୋ'ରେ ସାବରମତୀ ଆଶ୍ରମ ଅଭିମୁଖେ ଯାତ୍ରା କରିଥିଲେ। ଦୁଇ ପ୍ରଧାନମନ୍ତ୍ରୀଙ୍କୁ ଧରି ରାସ୍ତାରେ 'କାଭାଲ୍‌କେଡ୍' ଆଗକୁ ଆଗକୁ ମାଡ଼ିଚାଲିବା ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ଜନସାଧାରଣ ଦଣ୍ଡାୟମାନ ହୋଇ ଦୁଇ ଦେଶର ପତାକା ହଲାଇ ସେମାନଙ୍କୁ ଅଭିବାଦନ ଜଣାଇଥିଲେ। ରାସ୍ତାର ମଝିରେ ମଝିରେ ୫୦ଟି ମଞ୍ଚ ନିର୍ମାଣ କରାଯାଇଥିଲା ଏବଂ ସେହି ମଞ୍ଚଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଓ ପତ୍ନୀ ସାରାଙ୍କୁ ଧରି ମୋଦି ରୋଡ୍ ସୋ'ରେ ଯାଇ ସାବରମତୀ ଆଶ୍ରମରେ ପହଞ୍ଚିବା ପରେ ସେଠାରେ ସେମାନଙ୍କୁ ଆଶ୍ରମର ମହାନ ପରମ୍ପରା ଓ ରୀତିନୀତି ସମ୍ପର୍କରେ ଅବଗତ କରିଥିଲେ। ନେତାନ୍ୟାହୁ ମୋଦିଙ୍କ ସହ ଆଶ୍ରମର ବିଭିନ୍ନ ଭାଗ ବୁଲି ଦେଖିଥିଲେ। ସେ ଚରଖାରେ ସୂତା କାଟିଥିଲେ। ଏହି ଅବସରରେ ମୋଦି ତାଙ୍କୁ ଗୁଡ଼ି ଉଡ଼ା ଦେଖାଇଥିଲେ। ଦୁଇ ନେତା ସାବରମତୀ ନଦୀ ସମ୍ମୁଖରେ କିଛି ସମୟ କଟାଇଥିଲେ। ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ଏହାର ବିକାଶ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ୨୦୧୭ ସେପ୍ଟେମ୍ବରରେ ଏହି ସ୍ଥାନକୁ ମୋଦିଙ୍କ ସହ ଆସିଥିଲେ। ତା ପୂର୍ବରୁ ୨୦୧୪ରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ସସ୍ତ୍ରୀକ ଏହି ସାବରମତୀ କୂଳକୁ ମୋଦିଙ୍କ ସହ ଆସି ବସିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମୋଦିଙ୍କ ସହ ଆଉ କେତେକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ। ଦୁଇ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦର ଦେଓ ଧୋଲେରା ଗାଁରେ 'ଆଇ କ୍ରିଏଟ୍' କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହା ପରେ ସେମାନେ ଷ୍ଟାର୍ଟ ଅପ୍ ପ୍ରଦର୍ଶନୀ ବୁଲିଥିଲେ ଏବଂ ଷ୍ଟାର୍ଟ ଅପ୍ ସିଇଓମାନଙ୍କ ସହ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍‌ସିଙ୍ଗ୍ ଜରିଆରେ ଦୁଇ ନେତା ବନସ୍‌କାନ୍ଥା ଜିଲ୍ଲାର ସୁଇଗାମ ତାଲୁକ୍‌ରେ ଏକ ଭ୍ରାମ୍ୟମାଣ ଜଳ ପରିବର୍ତ୍ତନ (ଲୁଣା ଜଳରୁ ମଧୁର ଜଳ) ପରିବର୍ତ୍ତନ ଭ୍ୟାନ୍ ଉତ୍ସର୍ଗ କରିଥିଲେ। ଏହା ପରେ ଉଭୟ ନେତା ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ଏହି ଗସ୍ତକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୨ଟି ଟିମ୍ ଚେତକ କମାଣ୍ଡୋ, କୁଇକ୍ ରେସ୍‌ପନ୍ସ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ ଓ ଗୁଜରାଟ ପୁଲିସ୍‌କୁ ମୁତୟନ କରାଯାଇଥିଲା।

ଗୁଜରାଟ ଗସ୍ତ ଅବସରରେ ଦେଓଧୋଲେରା ଠାରେ ଯୁବ ଉଦ୍ୟୋଗୀ ଓ ବ୍ୟବସାୟୀ ଗୋଷ୍ଠୀଙ୍କୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଉଦ୍‌ବୋଧନ ଦେବା ବେଳେ ମୋଦିଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ମୋଦିଙ୍କ ଅଭିନବ ପଦକ୍ଷେପ ଭାରତକୁ ବଦଳାଇବାରେ ସହାୟକ ହୋଇଛି। ଇସ୍ରାଏଲ୍ ଭାରତ ସହ ପ୍ରତି କ୍ଷେତ୍ରରେ ଭାଗିଦାରୀ ପାଇଁ ଚାହୁଁଛି। କେବଳ ବ୍ୟାକ୍‌ପ୍ୟାକ୍ ନୁହେଁ, ଲ୍ୟାପ୍‌ଟପ୍‌ରେ ମଧ୍ୟ ଆମେ ଭାରତ ସହ ସାମିଲ ହେବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ଏଠାରେ 'ଆଇ କ୍ରିଏଟ୍'କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଅବସରରେ ମୋଦି କହିଲେ, ୨୦୧୧ରେ ସେ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଏହା ଆରମ୍ଭ ହୋଇଥିଲା। ମୁଁ ଚାହୁଁଛି, ଇସ୍ରାଏଲ୍‌ର ଯୁବ ଉଦ୍ୟୋଗୀମାନେ ଭାରତ ଆସନ୍ତୁ। ସେମାନେ କେବଳ ବ୍ୟାକ୍‌ପ୍ୟାକ୍ ନୁହେଁ, ଲ୍ୟାପ୍‌ଟପ୍ ଧରି ଆସନ୍ତୁ। ଭାରତ ଗସ୍ତରୁ ଫେରିଯିବା ପୂର୍ବରୁ ନେତାନ୍ୟାହୁ ବଲିଉଡ୍ ଅଭିନେତାଙ୍କୁ ଭଲ ପାଉଥିବାରୁ ଅମିତାଭ ବଚ୍ଚନଙ୍କ ସହିତ ସେଲ୍‌ଫି ନେଇଥିଲେ।

## ପ୍ରମିଳାଙ୍କ ...

ସମ୍ପର୍କରେ ହୋଇଥିବା ଗୁରୁତର ଅଭିଯୋଗର ତଦନ୍ତ କରିଛନ୍ତି ଶ୍ରୀମତୀ ମଲ୍ଲିକ। ଏଥିସହ ତଦନ୍ତରେ ସାଂସଦ ସହଯୋଗ କରୁନଥିବା କଥା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରମିଳାଙ୍କ ଏଭଳି ଟିପ୍ପଣୀକୁ ଶ୍ରୀ ପଣ୍ଡା ଟ୍ୱିଟ୍ ମାଧ୍ୟମରେ ଖାରଜ କରିଛନ୍ତି। ଟ୍ୱିଟ୍ କରି କହିଛନ୍ତି ଯେ, ଶ୍ରୀମତୀ ମଲ୍ଲିକଙ୍କ ସହିତ ସେ କଥା ହୋଇଛନ୍ତି ଏବଂ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଜବାବ ସେ ଠିକ୍ ସମୟରେ ରଖିବେ। ତାଙ୍କ ବିରୋଧରେ ହୋଇଥିବା ଷଡଯନ୍ତ୍ରର ଅସଲ ଚେହେରା କ'ଣ ବୋଲି କିଛି ଫଟୋ ଜାରି କରି ଦଳୀୟ କର୍ମୀମାନଙ୍କର ଛଳନା ଓ ଅସଲ ଚେହେରାକୁ ପଦାରେ ପକାଇ ଦେଇଛନ୍ତି। ବୈଜୟନ୍ତଙ୍କ ସପକ୍ଷବାଦୀଙ୍କ ସୂଚନା ଅନୁସାରେ ସାଂସଦ ଭାବେ ଶ୍ରୀ ପଣ୍ଡା ଏହି ଲୋକସଭା ନିର୍ବାଚନ ମଣ୍ଡଳୀରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଫଳତାର ସହିତ କରିଛନ୍ତି। ତାଙ୍କ ସମୟରେ ଏହି ଜିଲ୍ଲାର ଅନେକ ବିକାଶ ସାଧିତ ହୋଇଛି। କେନ୍ଦ୍ରାପଡ଼ାକୁ ଏକ ଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବା ପାଇଁ ସେ ସର୍ବଦା ଚେଷ୍ଟା କରି ଆସିଛନ୍ତି। ସେହିଭଳି ଏସବୁ ଲଢ଼େଇ ଭିତରେ କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ପଣ୍ଡାଙ୍କ ପାଇଁ ମୁହଁ ଖୋଲିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ। ସେ ଖୋଲାଖୋଲି ବୈଜୟନ୍ତଙ୍କୁ ସମର୍ଥନ କରିବା ସହିତ ମନ୍ତ୍ରିମଣ୍ଡଳରୁ ତାଙ୍କ ବହିଷ୍କାର ଲାଗି ତିନିଜଣ ଯୁବ ବିଧାୟକଙ୍କୁ ଦାୟୀ କରିଛନ୍ତି। ଯଦିଓ ସେ କାହାର ନାଁ ନେଇନାହାନ୍ତି ତଥାପି ଏହା ଆଗାମୀ ଦିନରେ ବିସ୍ଫୋରକ ରୂପ ନେବାର ଆଶଙ୍କା ଦେଖାଦେଇଛି। ତେଣୁ ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

## କେନ୍ଦ୍ର ଆଭିମୁଖ୍ୟକୁ ...

ଯୋଗଦେଇ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓଡ଼ିଶା ସରକାର ବେଆଇନ୍ ଖଣି କାରବାର ରୋକିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ଖଣି ମଞ୍ଜୁରୀ ସଂକ୍ରାନ୍ତୀୟ ସୂଚନା ପାଇବା କ୍ଷେତ୍ରରେ ଆରମ୍ଭ କରାଯାଇଥିବା ମୋବାଇଲ୍ ଆପ୍‌କୁ ମଧ୍ୟ ସେ ସମର୍ଥନ କରିଛନ୍ତି। ଏହା ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍‌କୁ ସହାୟତା କରିବ ବୋଲି ସେ କହିଛନ୍ତି। ସେହିପରି ଖଣି ଖନନ କ୍ଷେତ୍ରରେ ଆରମ୍ଭ କରାଯାଇଥିବା ଷ୍ଟାର୍ ରେଟିଂ ଏବଂ ମାଇନିଂ ସର୍ଭାଏଲେନ୍ସ ସିଷ୍ଟମ୍ ଏଦିଗରେ ଥିବା ବିଭିନ୍ନ ଅନିୟମିତତାକୁ ରୋକିପାରିବ। ୨୦୨୦ ସୁଦ୍ଧା ଲିଜ୍ ଅବଧି ଶେଷ ହେବାକୁ ଥିବା ୩୦ଟି ଖଣିର ପୁନଃ ନିଲାମ ନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ସେ ଏହି ବୈଠକରେ ସୂଚନା ଦେଇଛନ୍ତି। ଏବର୍ଷ ବନ୍ଦ ରହିଥିବା ୭ଟି କୋଲ୍ ବ୍ଲକ ପୁଣିଥରେ ଖୋଲାଯିବା ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ସେହିପରି ଜିଲ୍ଲା ଖଣିଜ ପାଣ୍ଠିରି ନିମନ୍ତେ ୩,୮୮୪ କୋଟି ଟଙ୍କା ଆଦାୟ ହୋଇଥିବା ସେ ବୈଠକରେ କହିଛନ୍ତି। ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାରେ ଏହି ଅର୍ଥର ବିନିଯୋଗ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ସେ ଏହି ବୈଠକରେ ଅବଗତ କରାଇଛନ୍ତି। ଗୋଆର ପାଣାଜୀ ଠାରେ ହୋଇଥିବା ଏହି ବୈଠକରେ କେନ୍ଦ୍ର ଖଣିମନ୍ତ୍ରୀଙ୍କ ସମେତ କେନ୍ଦ୍ର ଖଣି ରାଜ୍ୟ ମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧୁରୀ, ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର୍ ତଥା ଖଣିଜ ସମ୍ପଦ ଥିବା ୬ଟି ରାଜ୍ୟର ଖଣିମନ୍ତ୍ରୀମାନେ ଯୋଗ ଦେଇଥିଲେ। ନୂତନ ଏମଏମଡିଆର୍ ଆକ୍ଟ ଲାଗୁ ହେବା ପରେ ଖଣିଜ ଉତ୍ତୋଳନ ଏବଂ ରପ୍ତାନି କ୍ଷେତ୍ରରେ ଏବେ ପୂର୍ବାପେକ୍ଷା ଅଧିକ ସୁବିଧା ଉପଲବ୍ଧ ହେଉଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ନୂତନ ଆଇନରେ ରାଜ୍ୟ ସରକାର ମାନଙ୍କ ବିଭିନ୍ନ ଦାବିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଥିବା କେନ୍ଦ୍ର ଖଣିମନ୍ତ୍ରୀ ଶ୍ରୀ ତୋମାର କହିଥିଲେ।

## ରହିତାଦେଶ ...

ଯାହାକି ଜାନୁଆରୀ ୨୧ ତାରିଖକୁ ନିର୍ବାଚନ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। ଯାହାକୁ ନେଇ ଆତ୍ମାପ୍ରକାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେହେତୁ ଏହା ରାଜ୍ୟସ୍ତରରେ ଓକିଲ ସମୂହଙ୍କ ସର୍ବୋଚ୍ଚ ପରିଷଦ ହୋଇଥିବାରୁ ଏହାକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ଏଥିରେ ସେ ଦର୍ଶାଇଥିଲେ। ହାଇକୋର୍ଟରେ ଏହାର ଦୀର୍ଘ ସମୟ ଶୁଣାଣି ପରେ ଏହା ଉପରେ ରହିତାଦେଶ ନୋଟିସ୍ ଜାରି ହୋଇଛି। ଆସନ୍ତା ୧୯ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୨୧ ତାରିଖରେ ଅଧକ୍ଷ ପଦବୀ ପାଇଁ ନିର୍ବାଚନ ହେବାର ଥିଲା। ତେବେ ନିର୍ବାଚନ ପାଇଁ ଜଣେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରି ନିର୍ବାଚନ ପ୍ରକ୍ରିୟାକୁ ସିସିଟିଭି ଦ୍ୱାରା ରେକର୍ଡିଂ କରିବାକୁ ମାନସ ଚାନ୍ଦଙ୍କ ପକ୍ଷରୁ ଆବେଦନ ହୋଇଥିଲା ବେଳେ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ ଏପରି ବିଜ୍ଞପ୍ତି ଆଡ୍‌ଭୋକେଟ୍ ଆକ୍ଟ ୧୯୬୧ ଆଧାରରେ ହୋଇନାହିଁ ବୋଲି ମଧ୍ୟ ଆତ୍ମାପ୍ରକାଶ ମହାନ୍ତିଙ୍କ ପକ୍ଷରୁ କୁହାଯାଇଥିଲା।

## ସ୍ମାର୍ଟ ଜନପଥ ...

ଅନ୍ୟାନ୍ୟ ମୌଳିକ ସେବା ପାଇଁ ବ୍ୟବସ୍ଥା ରହିବ। ଶିଶୁ ଭବନଠାରୁ ବାଣୀବିହାର ପର୍ଯ୍ୟନ୍ତ ବ୍ୟାପ୍ତ ୫.୫ କିଲୋମିଟର ରାସ୍ତାକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ମାଷ୍ଟର୍ କ୍ୟାଣ୍ଟିନ୍‌ଠାରୁ ରେଲ୍‌ୱେ ଷ୍ଟେସନ୍ ଯାଏ ଶହେ ମିଟର ରାସ୍ତାକୁ ଏଥିରେ ସଂପୃକ୍ତ କରାଯିବା ଯୋଗୁ ଏହା ସମୁଦାୟ ପରିସର ୫.୮ କିଲୋମିଟରକୁ ବୃଦ୍ଧି ପାଇଛି। ଏଥିରେ ମେଡିଆନ୍‌କୁ ମିଶାଇ ଯାନବାହନ ଚଳାଚଳ ପାଇଁ ୨୧ ମିଟର ରାସ୍ତା ରହିବାକୁ ଥିବା ବେଳେ ଅଧିକାଂଶ ସ୍ଥାନ ପଦଚାରୀଙ୍କ ପାଇଁ ସଂରକ୍ଷିତ ରହିବ। ସୂଚନାଯୋଗ୍ୟ, ସ୍ମାର୍ଟ ଜନପଥ ପାଇଁ ଚଳିତ ବର୍ଷ ଜାନୁୟାରୀ ୧୯ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିବା ପାଇଁ ମେ ୧୫ତାରିଖ ଆବେଦନର ଶେଷ ତାରିଖ ଥିଲା। ଜନପଥ ନିର୍ମାଣ ପାଇଁ ଆର୍ନ୍ତଜାତିକ ଖ୍ୟାତି ସମ୍ପନ୍ନ ୫ଟି ସଂସ୍ଥା ଆଗ୍ରହ ପ୍ରକାଶ କରିଥିବା ବେଳେ ଆର୍‌କେଡି ଏବଂ ଏନ୍‌ସିସି ଲିମିଟେଡ୍ ସଂସ୍ଥା ଆବଶ୍ୟକ ଡକ୍ୟୁମେଣ୍ଟ ସହ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ତେବେ ଉଭୟ ସଂସ୍ଥାର ଭେରିଫିକେସନ୍ ଏବଂ ଟେକ୍‌ନିକାଲ୍ ପ୍ରେଜେଣ୍ଟେସନ୍‌କୁ ଅନୁଧ୍ୟାନ କରି ଟେଣ୍ଡର୍ କମିଟି ଗାଇଡ୍‌ଲାଇନ୍ ଅନୁସାରେ ଆର୍‌କେଡି କନଷ୍ଟ୍ରକ୍ସନକୁ କାର୍ଯ୍ୟାଦେଶ ଦେଇଥିଲେ।

## ଜଙ୍ଗଲରେ ...

ଭାବରେ ଆଜକୁ ଦୀର୍ଘଦିନ ହେବ ଚାଲୁ ରହିଛି। ଏହି ଛକରେ ବିନିକା, ବୁର୍ଡା, ବରଗଡ଼, ସମ୍ବଲପୁର, ସୋନପୁର ଓ ବଲାଙ୍ଗିର ରାସ୍ତା ସଂଯୋଗ ହୋଇଥିବାରୁ ଯାନବାହନ ଯିବା ଆସିବାରେ ଏଠାରେ ଭିଡ ହୋଇଥାଏ। ଏହି ଅର୍ଜୁନପୁର ଛକ ଚାରିପଟେ ଜଙ୍ଗଲ ଘେରି ରହିଥିବାରୁ ଯେକୌଣସି କାର୍ଯ୍ୟ କଲେ ମଧ୍ୟ ଅନ୍ୟ କେହି ଜାଣିପାରନ୍ତି ନାହିଁ। କେତେକ ଏପରି ଘଟଣା ଲୋକଲୋଚନକୁ ମଧ୍ୟ ଆସିଛି। ଦୁଇଜଣ ଯୁବତୀ (ବୟସ ୨୪ ଓ ୨୮) ନିୟମିତ ଭାବରେ ଏହି ଅର୍ଜୁନପୁର ଛକକୁ ବସ୍ ଯୋଗେ ଆସିଥାନ୍ତି। ଜଣେ ଯୁବତୀ ବରଗଡ଼ ଅଞ୍ଚଳରୁ ଆସୁଥିବା ବେଳେ ଅନ୍ୟଜଣେ ଯୁବତୀ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳରୁ ଆସିଥାନ୍ତି। ଦୁଇଜଣ ଯାକ ଯୁବତୀ ମଝିରେ ମଝିରେ ସାଙ୍ଗ ହୋଇ ମଧ୍ୟ ଆସିଥାନ୍ତି ଅର୍ଜୁନପୁର ଛକକୁ। ହାତରେ ଡାଏରୀ ଓ କାନ୍ଧରେ ଭ୍ୟାନିଟ୍ ବ୍ୟାଗ୍ ପଡିଥାଏ। କଲେଜ ଛାତ୍ରୀ ଭଳି ଜଣେ ଦେଖା ଯାଉଥିବା ବେଳେ ଅନ୍ୟଜଣେ କୌଣସି ସରକାରୀ ଚାକିରୀ କରୁଥିବା ଭଳି ଦେଖାଯାଆନ୍ତି। ଯୁବତୀ ଦ୍ୱୟଙ୍କ ଚାଲିଚାଲନ ଓ ବ୍ୟବହାର ଫଳରେ ସାଧାରଣ ଲୋକେ ଏମାନଙ୍କୁ ସନ୍ଦେହ କରିପାରନ୍ତି ନାହିଁ। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଦାମୀ କମ୍ପାନୀର ମୋବାଇଲ ଧରିଥିବା ଦେଖାଯାଏ। ଯୁବତୀ ଦ୍ୱୟ ଉଚ୍ଚ ଶିକ୍ଷିତା ମଧ୍ୟ। ଏମାନେ ଏପରି ସମୟରେ ଆସିଥଶନ୍ତି ଯେ, ଅର୍ଜୁନପୁର ଛକରେ ସେତେବେଳେ ବିଶେଷ ଲୋକ ଗହଳି ନଥାଏ। ଯୁବତୀ ଦ୍ୱୟ ବସ୍‌ରୁ ଓହ୍ଲାଇବାର ୧୦/୧୫ ମିନିଟ୍ ପରେ ତାଙ୍କର ଗ୍ରାହକମାନେ ସେଠାରେ ପହଞ୍ଚି ଯାଆନ୍ତି। ବେଳେ ବେଳେ ଗ୍ରାହକମାନେ ପୂର୍ବରୁ ପହଞ୍ଚିଥାନ୍ତି। ତା'ପୂର୍ବରୁ ଦରଦାମ (ମୂଲ୍ୟ) ଛିଣ୍ଡି ଯାଇଥାଏ। ସମ୍ପୃକ୍ତ ଯୁବତୀ ମାନଙ୍କ ସହ କିଛି କଥାବାର୍ତ୍ତା ହୋଇସାରିବା ପରେ ଓ ଅର୍ଜୁନପୁର ଛକରୁ କିଛିବାଟ ଯିବା ପରେ ଏପାଖ ସେପାଖ ଦେଖି କରି ଜଙ୍ଗଲ ମଧ୍ୟକୁ ପଶିଯାଆନ୍ତି ଜଙ୍ଗଲ ମଧ୍ୟରେ ଯଦିଓ ସେପରି କିଛି ସୁବିଧା ନାହିଁ ତଥାପି ଏପରି କାର୍ଯ୍ୟ କରିବା ପାଇଁ କିଛି ଅସୁବିଧା ନାହିଁ। ମଝିରେ ମଝିରେ ଯୁବତୀ ଦ୍ୱୟ ବଲାଙ୍ଗୀର ଓ ବୌଦ୍ଧ ଅଞ୍ଚଳକୁ ଯାଇ ହୋଟେଲ ଓ ଲଜ୍ ମାନଙ୍କରେ ଯୋଗ ଦେଇଥାନ୍ତି। ଏଥିପାଇଁ ଯୁବତୀ ଦ୍ୱୟଙ୍କୁ ମୋଟା ଅଙ୍କ ମଧ୍ୟ ମିଳିଥାଏ ବୋଲି ଜଣାପଡିଛି। ଅନ୍ୟ ସ୍ଥାନରୁ ମଧ୍ୟ ଅର୍ଜୁନପୁର ଜଙ୍ଗଲକୁ ପ୍ରେମୀ ଯୁଗଳମାନେ ଆସିଥାନ୍ତି। ଜଙ୍ଗଲ ମଧ୍ୟରେ କୌଣସି ଘର ନଥାଇ ମଧ୍ୟ ରାତି ସମୟରେ ଏଠାରେ ଦେହ ବ୍ୟବସାୟ ଚାଲିଛି। ଦିନ ବେଳା ମଧ୍ୟ ଦେହ ବ୍ୟବସାୟ ଚାଲିଛି। କେତେକ ସମୟରେ ଯୁବକ ଯୁବତୀଙ୍କୁ ଅସଂଯତ ଅବସ୍ଥାରେ ଦେଖିବାକୁ ମିଳୁଛି ଏହି ଜଙ୍ଗଲ ମଧ୍ୟରେ। ଏଠାକୁ ଆସୁଥିବା ଯୁବତୀ ଦ୍ୱୟଙ୍କ ସଠିକ୍ ଠିକଣା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଯୁବତୀ ଦ୍ୱୟଙ୍କ ବିଷୟରେ ଅଧିକ ତଦନ୍ତ ଜାରି ରହିଛି। ଯୁବତୀ ଦ୍ୱୟ ଏସବୁ କାର୍ଯ୍ୟ ଚତୁରତାର ସହ କରୁଥିବାରୁ ଏମାନଙ୍କ ବିଷୟରେ କିଛି ଅଧିକ ତଥ୍ୟ ଜାଣିହେଉନାହିଁ। ଅପରପକ୍ଷରେ ଜଣାଯାଏ ଯେ, ସହରମାନଙ୍କରେ ଥିବା ଲଜ୍ ଗୁଡିକରେ ଏପରି କାର୍ଯ୍ୟ କରିବା ପାଇଁ ଏମାନେ ନିରାପଦ ମଣୁନାହାନ୍ତି। ଫଳରେ ଏମାନେ ଜଙ୍ଗଲକୁ ଦେହ ବ୍ୟବସାୟ କେନ୍ଦ୍ରରେ ପରିଣତ କରି ଜଙ୍ଗଲକୁ ନିରାପଦ ସ୍ଥାନ ଭାବରେ ବାଛି ନେଇଛନ୍ତି। ଦିନକୁ ଦିନ ଏହି ଅର୍ଜୁନପୁର ଜଙ୍ଗଲରେ ଦେହ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶଥାଉ କି, ସଂଧ୍ୟା ହେଲେ ଜନଶୂନ୍ୟ ହୋଇପଡେ ଅର୍ଜୁନପୁର ଛକ ଉଠା ଦୋକାନୀମାନେ ନିଜ ନିଜ ଘରକୁ ଫେରି ଯାଆନ୍ତି। ଜଙ୍ଗଲ ମଧ୍ୟରେ ହିଂସ୍ରଜନ୍ତୁ ନଥିବାରୁ ଦେହ ବ୍ୟବସାୟ ପାଇଁ କିଛି ଅସୁବିଧା ହେଉନାହିଁ। ଏହି ଦେହ ବ୍ୟବସାୟରେ ଦୁଇଜଣ ଦଲାଲ ମଧ୍ୟ କାମ କରୁଥିବା ଜଣାଯାଏ। ଦଲାଲ ଦ୍ୱୟ ଗ୍ରାହକ ଠିକ୍ କରିଥାନ୍ତି ଓ ଯୁବତୀ ଦ୍ୱୟଙ୍କୁ ତାରିଖ ଓ ସମୟ ଜଣାଇଥାନ୍ତି। ଏହି ଯୁବତୀ ଦ୍ୱୟଙ୍କୁ (ଯେଉଁମାନେ ଏମାନଙ୍କ ସମ୍ପର୍କରେ ଅଳ୍ପ କିଛି କିଛି ଜାଣିଛନ୍ତି ସେମାନେ) 'ରାଣୀ ମହୁମାଛି' ବୋଲି କହୁଥିବା ଶୁଣାଯାଉଛି। 'ରାଣୀ ମହୁମାଛି' ଜଙ୍ଗଲରେ ରହିବ ନାହିଁ ତ ଅନ୍ୟ କେଉଁଠି ରହିବ? ଏହି 'ରାଣୀ ମହୁମାଛି' ଦ୍ୱୟ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର କେତେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। 'ରାଣୀ ମହୁମାଛି' ଦ୍ୱୟଙ୍କ କାର୍ଯ୍ୟକଳାପକୁ ସୋନପୁର ପୋଲିସ ତରଫରୁ ସତର୍କ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ପୋଲିସ ଏଠାରେ ସାଧା ପୋଷାକରେ ରହି ଗ୍ରାହକଙ୍କ ଗତିବିଧିକୁ ଲକ୍ଷ୍ୟ କରିପାରିଲେ ଭଲ ହୁଅନ୍ତା। ହେଲେ ଏଥିପ୍ରତି ପୋଲିସର କିଛି କର୍ତ୍ତବ୍ୟ ନଥିଲା ପରି ଜଣାପଡେ। ନହେଲେ ଏସବୁ ଜାଣିଶୁଣି ପୋଲିସ ନିରବ ରହୁଛି କିପରି? ଦେହ ବ୍ୟବସାୟରେ ଲିପ୍ତ ଆସାମୀମାନଙ୍କୁ ଗିରଫ କରିପାରିଲେ ପୋଲିସର ପାରିଲା ପଣିଆ ଜଣାପଡନ୍ତା। ଦେଖାଯାଉ କ'ଣ ହେଉଛି। ଏଥିପ୍ରତି ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବେଆଇନ ପାଥୋଲୋଜି ଉପରେ ରୋକ୍ ଲାଗୁ

**ଖୋରଧା :** ସହରରେ ବହୁ ପାଥୋଲୋଜି ସଂସ୍ଥା ବେଆଇନ ଭାବରେ ଚାଲୁଛି। ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରଶାସନ, ପୋଲିସ ଗୁରୁତ୍ୱ ଦେଉ ନାହାଁନ୍ତି। ବେଆଇନ ଭାବରେ ଚାଲୁଥିବା ଏହି ପାଥୋଲୋଜି ସଂସ୍ଥା ଗୁଡ଼ିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯନ୍ତ୍ରପାତି କିଣି ପାରୁଥିବା ବେଳେ କିଛି ଟଙ୍କା ପାଇଁ ସରକାରୀ ଆଇନକୁ ମାନୁ ନାହାଁନ୍ତି। ସମସ୍ତ ପ୍ରଶାସନ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ବିଷୟରେ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାଁନ୍ତି। କିଛି ସଂସ୍ଥା ପଞ୍ଜିକୃତ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ନବୀକରଣ ହୋଇ ନାହାଁନ୍ତି। ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ଏହିପରି ବେଆଇନ ସଂସ୍ଥା ଖୋଲା ଖୋଲି ଭାବରେ ଚାଲୁଥିଲେ ମଧ୍ୟ ପଞ୍ଜିକୃତ ସଂସ୍ଥାମାନ ଅଭିଯୋଗ ପ୍ରତିବାଦ କରନ୍ତି ନାହିଁ। ବରଂ ବେଆଇନ କାର୍ଯ୍ୟକୁ ପ୍ରଶୟ ଦେଉଛନ୍ତି। ଗଣ ମାଧ୍ୟମରେ ଏହି ପରି ଖବର ବହୁବାର ପ୍ରକାଶିତ ହେଉଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନଥିବାରୁ ବେଆଇନ ସଂସ୍ଥାମାନେ ବେଧଡ଼କ ଚାଲୁଥିବା ଜଣାପଡ଼ିଛି। ରୋଗୀମାନଙ୍କ ଠାରୁ ରକ୍ତ ପରୀକ୍ଷା ପାଇଁ ଅଧିକ ଅର୍ଥ ଦାବୀ କରିବା ଓ ଭୁଲ ରିପୋର୍ଟ ପ୍ରଦାନ କରିବା ପରି ଅଭିଯୋଗ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଚୁପ୍ ହୋଇ ବସିରହିବା କେତେ ଦୂର ଠିକ୍ ତାହା ଚିନ୍ତାର ବିଷୟ। ଏହିପରି ବେଆଇନ ସଂସ୍ଥା ଗୁଡ଼ିକ ବନ୍ଦ କରାଗଲେ ରୋଗୀମାନେ ଉପକୃତ ହୋଇ ପାରିବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।



# ଭୋଜବଂଶୀୟ ରାଜାଙ୍କ ସନ୍ତକ-ଚନ୍ଦ୍ରେଶ୍ୱର ମନ୍ଦିର

**ଗୋ**ଆରେ ଯେ ଏତେ ସଂଖ୍ୟକ ହିନ୍ଦୁ ମନ୍ଦିର ରହିଛି ତାହା ବୋଧହୁଏ ମୋତେ ପ୍ରଥମରୁ ଜଣାନଥିଲା। ତେବେ ପୂର୍ବଦିନ ଆମିଷ ଭକ୍ଷଣ ପରେ ମନ୍ଦିର ଯିବା ବନ୍ଦ ହୋଇଥିବା କଥା ମୁଁ ପୂର୍ବସ୍ତମ୍ଭରେ ଆପଣମାନଙ୍କୁ ସୂଚନା ଦେଇଥିଲି। ହେଲେ ବାହାରିଥିଲି ଗୋଆର ଏକ ପ୍ରସିଦ୍ଧ ଶିବ ମନ୍ଦିର ଦେଖିବା ପାଇଁ। ଯାହାର ନାଁ ଥିଲା ଚନ୍ଦ୍ରନାଥ ମନ୍ଦିର। ଏହି ମନ୍ଦରଟି ଥିଲା ଚନ୍ଦ୍ରନାଥ ପର୍ବତର ପ୍ରାୟ ୩୫୦ ମିଟର ଉପରେ। ଯାହା ପାରୋଡାର କୋପେମ୍ ଠାରେ। ତେବେ ସକାଳ ସମୟରେ ଯାତ୍ରା ଆରମ୍ଭ ହୋଇଥିଲା ଆଉ ମାଡଗାଓଁ ଠାରୁ ପ୍ରାୟ ୧୪ କିଲୋମିଟର ଯିବା ପରେ ଏହି ସ୍ଥାନରେ ପହଞ୍ଚିଥିଲୁ। ମନ୍ଦିର ନିକଟରେ ପହଞ୍ଚିବା ପରେ ଆମେ ଦେଖିବାକୁ ପାଇଲୁ ଅନେକ ପାହାଡ ଯାହା ଏହି ମନ୍ଦିରକୁ ଯିବା ପାଇଁ ଉଦ୍ଦିଷ୍ଟ ଥିଲା। ଯେହେତୁ ଏହା ଏକ ପର୍ବତର ଶିଖର ଦେଶରେ ଅବସ୍ଥିତ ଥିଲା ତେଣୁ ଆପଣ ଯେତେବେଳେ ସେଠାକୁ ଯିବେ ଆପଣଙ୍କୁ କିଛି ପାହାଚ ଅତିକ୍ରମ କରି ମନ୍ଦିର ନିକଟରେ ପହଞ୍ଚିବାକୁ ପଡିବ। ଅବଶ୍ୟ ଆମ ରାଜ୍ୟରେ ମଧ୍ୟ ଏମିତି ଅନେକ ମନ୍ଦିର ଆମେ ପାହାଡ ଉପରେ ଅବସ୍ଥିତ ହୋଇଥିବା ଦେଖିଛେ। ଯେମିତିକି ଢେଙ୍କାନାଳର କପିଳାସ ମନ୍ଦିର, ବ୍ରହ୍ମପୁରର ମା'ତାରା ତାରିଣୀ ମନ୍ଦିର। ତେବେ ଚନ୍ଦ୍ରନାଥ ପର୍ବତର ପାଦ ଦେଶରେ ପହଞ୍ଚିବା ପରେ ପାହାଚ ଚଢ଼ି ଚନ୍ଦ୍ରନାଥଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲୁ। ପର୍ବତ ଉପରେ ପହଞ୍ଚିବା ପରେ ସେଠାକାର ଦୃଶ୍ୟ ଦେଖି ଖୁବ୍ ଆତ୍ମସନ୍ତୋଷ ଲାଭ କରିଥିଲୁ। ଏକ ଶାନ୍ତ କାନ୍ତ ପରିବେଶରେ ଏହି ମନ୍ଦିରଟି ଅବସ୍ଥିତ। ତେବେ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ଥିବା ପୂଜକ ମାନଙ୍କ ଠାରୁ ଜାଣିବାକୁ ପାଇଲୁ ଯେ ଚନ୍ଦ୍ରନାଥ ମନ୍ଦିରରେ ଉପାସିତ ହେଉଥିବା ଦେବ ଦେବ ମହାଦେବଙ୍କୁ ଚନ୍ଦ୍ରେଶ୍ୱର ନାମରେ ଭକ୍ତମାନେ ପୂଜା କରିଥାନ୍ତି। ଶୀତଳ ଆଲୋକ ପ୍ରଦାନକାରୀ ଚନ୍ଦ୍ରଙ୍କର ଈଶ୍ୱର ଭାବରେ ସେ ଏଠାରେ ଚନ୍ଦ୍ରେଶ୍ୱର ଭାବରେ ପୂଜା ପାଉଛନ୍ତି। ତେବେ ଚନ୍ଦ୍ରେଶ୍ୱରଙ୍କୁ ଦର୍ଶନ କରିବା ପରେ ମୋର ପ୍ରଥମ କର୍ତ୍ତବ୍ୟ ଥିଲା ତାଙ୍କ ନିକଟରେ କ୍ଷମତା ପ୍ରାର୍ଥନା କରିବା, କାରଣ ପୂର୍ବଦିନ ଆମିଷ ଭକ୍ଷଣ ଯୋଗୁଁ ମୁଁ ତାଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲି। ତେବେ ଚନ୍ଦ୍ରେଶ୍ୱର ଦେବଙ୍କୁ ଦର୍ଶନ କରିବା ପରେ ମୁଁ ଜାଣିବାକୁ ପାଇଲି ଯେ ଏହି ମନ୍ଦିରଟି ଖୁବ୍ ପୁରୁଣା ଏବଂ ଏଠାରେ ଥିବା ଶିବଲିଙ୍ଗ ସ୍ୱୟଂ ପ୍ରକଟ ହୋଇଛନ୍ତି। ଏପରିକି ପ୍ରତ୍ୟେକ ପୂର୍ଣ୍ଣିମା ତିଥିରେ ଏହି ଶିବଲିଙ୍ଗ ଉପରେ ଚନ୍ଦ୍ରକିରଣ ଆପେ ଆପେ ପଡିଥାଏ ଏବଂ ଚନ୍ଦ୍ରକିରଣ ପଡିବା ପରେ ଶିବଲିଙ୍ଗରୁ ଜଳ ନିର୍ଗତ ହେଉଥିବାର ବିଶ୍ୱାସ ରହିଛି। ଏପରିକି କେହି କେହି କହିଥାନ୍ତି ଯେ, ଏହି ମନ୍ଦିର ଏପରି ନିର୍ମିତ ହୋଇଛି ଯେ, ପୂର୍ଣ୍ଣିମା ତିଥିରେ ଏଥିରେ ଚନ୍ଦ୍ରକିରଣ ଆପେ ଆପେ ପଡିଥାଏ। ଏହି ମନ୍ଦିରର ଇତିହାସ ଜାଣିବାକୁ ଚାହିଁବାରୁ ସ୍ଥାନୀୟ ଜଣେ ପୂଜକ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗୋଆରେ ଯେତେବେଳେ ଭୋଜ ବଂଶୀୟ ରାଜାମାନେ ଶାସନ କରୁଥିଲେ ସେହି ସମୟରେ ଚନ୍ଦ୍ରନାଥ ଥିଲେ ସେମାନଙ୍କର ଉପାସ୍ୟ ଦେବତା ଏବଂ ଭୋଜରାଜାମାନେ ସେମାନଙ୍କ ରାଜଧାନୀର ନାମ ମଧ୍ୟ ଚନ୍ଦ୍ରନାଥଙ୍କ ନାମାନୁସାରେ ଚନ୍ଦ୍ରପୁର ରଖିଥିଲେ। ପର୍ତ୍ତୁଗୀଜ ମାନଙ୍କ ଆଗମନ ପୂର୍ବରୁ ଅଷ୍ଟମ ଶତାବ୍ଦୀର ମଧ୍ୟ ଭାଗ ଯାଏଁ ଏହି ପରମ୍ପରା ରହିଥିବା କଥା ବିଶ୍ୱାସ କରାଯାଏ। ତେବେ ଏହି ମନ୍ଦିର ମଧ୍ୟରେ ଭୂତନାଥଙ୍କର ମଧ୍ୟ ଅନ୍ୟଏକ ମନ୍ଦିର ରହିଥିବାର ଦେଖିବାକୁ ପାଇଲୁ। ଏହି ସ୍ଥାନରେ ପ୍ରତ୍ୟେକ ସୋମବାର ଦିନ ଚନ୍ଦ୍ରନାଥ ମହାଦେବଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ବିରାଜିତ କରାଯାଇ ପରିକ୍ରମା କରିବାର ନୀତି ରହିଛି। ଏହି ସମୟରେ ଚନ୍ଦ୍ରନାଥ ମହାଦେବଙ୍କୁ ବିଭିନ୍ନ ଭୋଗ ଅର୍ପଣ କରାଯିବାର ପରମ୍ପରା ମଧ୍ୟ ରହିଛି। ଏହାଛଡ଼ା ହନୁମାନ ଜୟନ୍ତୀ, ଶିବ ରାତ୍ରୀ ସମୟରେ ଏଠାରେ ବିଶେଷ ଉତ୍ସବ ମାନ ପାଳିତ ହୋଇଥାଏ। ତେବେ ଚନ୍ଦ୍ରନାଥଙ୍କୁ ଦର୍ଶନ ସାରି ବାହାରିବା ବେଳକୁ ସକାଳ ପ୍ରାୟ ୧୦ଟା ୩୦ ପାଖାପାଖି ହୋଇଥିଲା। ଆମେ ନିଷ୍ପତ୍ତି ନେଲୁ ଯେ ଏବେ ଆଉ ହୋଟେଲକୁ ନ ଫେରି ନିକଟରେ ଥିବା ଆଉଏକ ମନ୍ଦିରକୁ ବୁଲିବା ପରେ ମଧ୍ୟାହ୍ନ ଭୋଜନ ପାଇଁ ହୋଟେଲକୁ ଫେରିବୁ। ଏହା ଅବଶ୍ୟ ଆମ ଗାଡିଚାଳକଙ୍କ ମନକୁ ଖୁବ୍ ପାଇଥିଲା। ସେ ମେ' ମୁହଁକୁ କିଛି ସମୟ ଲକ୍ଷ୍ୟ କରିବା ପରେ କିଛି କହିବା ପାଇଁ ଚାହିଁଥିଲେ। ମୁଁ ପଚାରିବାରୁ ସେ କହିଲା ଯେ ଗତକାଲି ଯେଉଁ ଭୁଲ୍ ଆମେ ହୋଟେଲ୍ ଫେରିବା ପରେ କହିଥିଲୁ (ଆମିଷ ଭକ୍ଷଣ) ତାର ପୁନରାବୃତ୍ତି ନ ହେବା ପାଇଁ ବୋଧେ ମୁଁ ଏପରି କରୁଥିଲି। ମୁଁ ମଧ୍ୟ ତା'ର କଥାକୁ ସମ୍ମାନ ଜଣାଇ କହିଥିଲି ଯେ, ମଣିଷ ଭୁଲ୍ କଲେ ହିଁ ଅନେକ ଶିକ୍ଷା ପାଇଥାଏ। ହୁଏତ ଗୋଆ ବୁଲିବା ଭିତରେ ଏହା ମୋ ପାଇଁ ସବୁଠାରୁ ବଡ ଶିକ୍ଷା ଥିଲା। ***କ୍ରମଶଃ...***







ଉପସ୍ଥାପନା
ଜାହ୍ନବୀସୁତ

# ଆସ ବୁଲିଯିବା ଗୋଆ

## ଯୋଜନା ନାଁରେ ହରିଲୁଟ୍

**ଖୋରଧା :** ସରକାରଙ୍କର ଅନେକ ଯୋଜନାକୁ ସରକାରୀ ଲୋକ ହିଁ ଖାଇ ଧ୍ୱଂସ କରି ଦେଉଛନ୍ତି। ଇନ୍ଦିରାଆବାସ, ମୋକୁଡ଼ିଆ ଏବଂ ବିଜୁଆବାସ ଯୋଜନାରେ ଗରିବକୁ ଘର ଯୋଗାଇ ଦେବାର ବ୍ୟବସ୍ଥା ଥିଲା ବେଳେ ସରପଞ୍ଚ ବିଧାୟକ ଏବଂ ବିଡ଼ିଓଙ୍କ ସଲାସୁତୁରାରେ ଥିଲା ଘରର ଲୋକ ଏକାଧିକ ଘର ହାତେଇ ନେଉଛନ୍ତି। ପ୍ରାୟତଃ ଦଳୀୟ ଲୋକ ହିଁ ଏହାର ଲାଭ ଉଠାଉଛନ୍ତି ଏ ଅନିୟମିତତା ଏବଂ ଲାଞ୍ଚ ଅଭିଯୋଗ ବିଷୟରେ ବିଡ଼ିଓ କହନ୍ତି ଲଟେରୀରେ ସବୁ କିଛି ହେଉଛି। ଅନିୟମିତତା କିଛି ହୋଇ ନାହିଁ। ଏଭଳି ଘଟଣା ଓଡ଼ିଶାର ଅଧିକାଂଶ ଜାଗାରେ ହେଉଛି। ଯୋଜନା ନାଁରେ ଲୋକଙ୍କ ଠାରୁ ଅର୍ଥ ହରିଲୁଟ୍ କରାଯାଉଛି। ଏ କ୍ଷେତ୍ରରେ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ସମୟ କହିବ।

## ଫିଟ୍‌ନେସ୍ ନାହିଁ, ଗାଡ଼ି ଗଡୁଛି

**ଖୋରଧା :** ଏହାର ଆଖପାଖ ଅଞ୍ଚଳରେ ଯାତାୟତ କରୁଥିବା ୮୦ ପ୍ରତିଶତ କାଗଜ ପତ୍ର ନାହିଁ। ଗାଡ଼ି ଗୁଡ଼ିକ ଚେଚିସର ଗୋଟିଏ ନମ୍ବର ହୋଇଥିବା ବଡିଗୁଡ଼ିକର ଆଉଗୋଟିଏ ନମ୍ବର ବୋଲି କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଅଧିକାଂଶ ଗାଡ଼ିର ଫିଟ୍‌ନେସ୍ ନଥିବା ବେଳେ କାଗଜପତ୍ର ବୋଲି କିଛି ନାହିଁ। ଅଥଚ ଏମାନେ କ୍ଷମତା ଠାରୁ ୩ ରୁ ୪ଗୁଣା ଯାତ୍ରୀମାନଙ୍କୁ ନେଇ ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଏ ସବୁ ଗାଡ଼ିଗୁଡ଼ିକ ଦୁର୍ଘଟଣା ଗ୍ରସ୍ତ ଯାତ୍ରୀମାନେ କ୍ଷତି ପୂରଣ ବାବଦକୁ ଟଙ୍କାଟିଏ ବି ପାଇବା ସମ୍ଭବ ନୁହେଁ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ହେଲା କାଗଜ ପତ୍ର ନଥିବା ଓ ଭୂତ ନମ୍ବର ରଖି ବିନା ଫିଟ୍ ନେସରେ ଅବଧି ସରିଯାଇଥିବା ବହୁ ଗାଡ଼ି ଓଭର ଲୋଡ଼ିଂ କରି ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଯାତାୟତ କରୁଛନ୍ତି। ଏମିତି ପରିବହନ ବ୍ୟବସ୍ଥାକୁ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ସମସ୍ତେ ଦେଖୁଥିଲେ ମଧ୍ୟ କେହି ଏହାର ପ୍ରତିବାଦ କରୁ ନାହାଁନ୍ତି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ରବି ଚାଷ ପାଇଁ ତଳମୁଣ୍ଡକୁ ପାଣି ଦାବି

**ଭବାନୀପାଟଣା :** ଗତ ୧୩.୦୧.୨୦୧୮ ଗତ ତା. ୧୨.୦୧.୨୦୧୮ ରିଖ ଅପରାହ୍ନ ୫ ଘଣ୍ଟା ସମୟରେ ଦକ୍ଷିଣ ମୁଖ୍ୟ କେନାଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ମୁଖିଗୁଡା, ଦକ୍ଷିଣ ମୁଖ୍ୟ କେନାଲ ଆର୍.ଡି. ୨୦ କିମି ପର୍ଯ୍ୟନ୍ତ ପାଣି ଦେବା ପାଇଁ ଚୁଡାନ୍ତ ନିଷ୍ପତ୍ତି ନେଇଥିଲେ। ଏହା ଶୁଣି କଲମପୁର, ଦାସିଗାଁ, ଚିଲିଗୁଡା, ରାଜପୁର, ବଣିଜରା, କୋଲିଗାଁ, ଜୁନାଗଡର ଅନ୍ୟୁନ୍ୟ ୨୦୦ ଜଣରୁ ଉର୍ଦ୍ଧ ଚାଷୀ କଲମପୁର ସବ୍‌ଡିଭିଜନ୍ ଅଫିସ୍ ଘେରାଉ କରି ଏସ୍.ଡି.ଏ., ଜେ.ଇ. ଓ ଡିଷ୍ଟ୍ରିବ୍ୟୁଟାରୀ ସଭାପତି, ସଂପାଦକଙ୍କୁ ପ୍ରାୟ ୬ ଘଣ୍ଟା ଅଟକ ରଖିଲାପରେ ଦକ୍ଷିଣ ମୁଖ୍ୟ କେନାଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଆପୋଷିକ ବୁଝାମଣାରୁ ଜଣାପଡିଲା ଯେ, ପ୍ରାୟତଃ ଦକ୍ଷିଣ ମୁଖ୍ୟ କେନାଲରେ ରବିଚାଷ ପାଇଁ ପାଣି ଛଡାଯିବ। ତେଣୁ ଚାଷୀ ବୃନ୍ଦ ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଅଭିଯୋଗ କରିଛନ୍ତି ଯଦି, ଦକ୍ଷିଣ ମୁଖ୍ୟ କେନାଲରେ ପାଣି ଛାଡୁଛନ୍ତି, ତାହାହେଲେ ମୁଖିଗୁଡା ଠାରୁ ତଳମୁଣ୍ଡ ଯାଏ ୮୪ କିମି ପର୍ଯ୍ୟନ୍ତ ଛଡାଯାଉ। ନଚେତ୍ ସଂପୂର୍ଣ୍ଣ ପାଣି ବନ୍ଦ କରାଯାଉ। ଯଦି ଅଧାପନ୍ତରିଆରେ ନିଷ୍ପତ୍ତି ନିଆଯାଏ, ତାହାହେଲେ ଦକ୍ଷିଣ କେନାଲର ଅଧୀନରେ ଥିବା ସମସ୍ତ ଚାଷୀ ବୃନ୍ଦ ରାଜରାସ୍ତାକୁ ଅବରୋଧ କରିବା ପାଇଁ ବାଧ୍ୟ ହେବୁ। ଯଦି ଏହାର ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି, ତାହା ହେଲେ ଆସନ୍ତା ତା.୧୫୮.୦୧.୨୦୧୮ ରିଖ ସକାଳ ୮ ଘଣ୍ଟା ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ-୨୬କୁ ନିର୍ବାହୀ ଯନ୍ତ୍ରୀ ଜୁନାଗଡ ନଂ.-୨ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରିବା ପାଇଁ ବାଧ୍ୟ ହେବୁ। ଏଥିରେ କୌଣସି କ୍ଷୟକ୍ଷତି ଘଟେ, ତାହାହେଲେ ପ୍ରଶାସନ ସଂମ୍ପୂର୍ଣ୍ଣ ଦାୟୀ ରହିବେ। ସମସ୍ତ ଚାଷୀଙ୍କ ସ୍ୱାର୍ଥ୍ୟକୁ ଆଖି ଆଗରେ ରଖି ପାଣି ଯୋଗାଇବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ସମସ୍ତ ଚାଷୀ ଚିରୋପକୃତ ହେବେ। ଏଥିପାଇଁ ଏକ ଦାବୀ ପତ୍ର କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦେବାପରେ ଆମ୍ଭେ ଏକମାତ୍ରର ନିଜ ପ୍ରତିନିଧିକୁ ମଧ୍ୟ ଦିଆଯାଇଅଛି। ଏକମାତ୍ର ତରଫରୁ ଜିଲ୍ଲା ପ୍ରସାସନକୁ ନିବେଦନ ଆଗାମୀ ଭବିଷ୍ୟତରେ ଯେପରି ଜନଆନ୍ଦୋଳନ ସୃଷ୍ଟିନହେଉ ସେଥିପାଇଁ ଧ୍ୟାନ ଦେବେ।

ଗତ ୧୦ ତାରିଖ ଦିନ ମୁଖିଗୁଡା ସ୍ଥିତ କାର୍ଯ୍ୟାନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦ୍ୱିତୀୟ ଦିନରେ ମଧ୍ୟ ଚାଷୀଙ୍କ ବିକ୍ଷୋଭ ଓ ଗଣଧାରଣ ଜାରି ରହିଛି। ଏପଟେ ଜମିର ମାଟି ଶୁଖିବାକୁ ବସିଥିବାବେଳେ ଆଗାମୀ ଦିନରେ ଡାଲି ଜାତୀୟ ଫସଲ କରିବା ଅସମ୍ଭବ ମନେ ହେବାରେ ଲାଗିଛି। ଏପରିସ୍ଥଳେ କୃଷି ବିଭାଗ ଦକ୍ଷିଣ ମୁଖ୍ୟ କେନାଲ ଉପରେ ନିର୍ଭରଶୀଳ କିଛି ଚାଷୀକୁ ଡାଲି ଜାତୀୟ ବିହନ ଯୋଗାଇ ଦିଆଯାଇଥିବା ଜଣାପଡିଛି। ବିଭାଗୀୟ ଅଧିକାରୀ କୌଣସି ନିଷ୍ପତ୍ତି ନେବାର ତ ଦୂରର କଥା କୁମ୍ଭକର୍ଣ୍ଣ ନିଦ୍ରାରେ ଶୟନ ହୋଇଛି। ଏପଟେ ଜଳସେଚନ ନ ହେଲେ ଧାନ ଫସଲ ଅମଳରୁ ବଂଚିତ ହେବାର ସମ୍ଭାବନା ଥିବାବେଳେ ବର୍ତ୍ତମାନ ବିଳମ୍ବତା କାରଣରୁ ଡାଲି ଜାତୀୟ ଫସଲ ଅମଳରୁ ମଧ୍ୟ ବଚିଂତ ହେବାର ସମ୍ଭାବନା ଦେଖା ଦେଇଛି। ଉଭୟ ଚାଷରୁ ଚାଷିମାନେ ବଂଚିତହେଲେ ହେକ୍ଟର ପ୍ରତି ୧୦ ହଜାର ଟଙ୍କା କ୍ଷୟକ୍ଷତି ଦାବୀ କରାଯିବବୋଲି ମଧ୍ୟ ନିଷ୍ପତ୍ତିନେଇଥିବା ଜଣାପଡିଛି।

### ସପ୍ତମ ଆରଡିପିଏସି ବୈଠକ

## ଯୋଜନା ଓ ଥଇଥାନ ଉପରେ ଦୃଷ୍ଟିପାତ

**ଭବାନୀପାଟଣା :** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନା ପ୍ରକଳ୍ପର ସପ୍ତମ ଆରଡିପିଏସି ବୈଠକ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଆଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲାପାଳ ଅଞ୍ଜନ କୁମାର ମାଣିକ, କୋରାପୁଟ ସାଂସଦ ଝିନ ହିକକା, ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝୀ, ସଦର ବିଧାୟକ ଅନାମ ନାଏକ, ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂହ ଦେଓ, ଜିଲ୍ଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରମଣି ବଡନାୟକ, ଅତିରିକ୍ତ ଏସ୍.ପି. ଅକ୍ଷୟ ଦାସ, ବେଦାନ୍ତ ଅଧିକାରୀ, ବେଦାନ୍ତ ଦ୍ୱାରା ବିସ୍ତାପିତ ପରିବାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଆର୍‌ପିଡିଏସ୍‌ସି ବୈଠକରେ ବେଦାନ୍ତ ଆଲୁମିନାର ସିଇଓ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ନଥିବାରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସମେତ ବିଧାୟକ ଓ ସାଂସଦ ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ବୈଠକରେ ବେଦାନ୍ତ ଆଲୁମିନା ପ୍ରକଳ୍ପର ଜମି ଅଧିଗ୍ରହଣ ସମ୍ପର୍କିତ ବର୍ତ୍ତମାନ ସ୍ଥିତି, ବିସ୍ଥାପିତ ଗ୍ରାମ ବନ୍ଧଗୁଡା, କୋଠଦୁଆର ଓ ରେଙ୍ଗୋପାଲି ଗ୍ରାମର ବିସ୍ଥାପିତ ମାନଙ୍କ ଥଇଥାନ ଓ ପୁନର୍ବାସ ସ୍ଥିତି, ବିସ୍ଥାପିତ ପରିବାରଙ୍କ ନିଯୁକ୍ତି ସ୍ଥିତି ଏବଂ ଏହି ତିନୋଟି ଗ୍ରାମର ସାମାଜିକ ଅର୍ଥନୈତିକ ସର୍ଭେ, ଲାଞ୍ଜିଗଡ ପାରିପାର୍ଶ୍ୱିକ ବିକାଶର ସ୍ଥିତି ବେଦାନ୍ତ ଦ୍ୱାରା ପ୍ରଭାବିତ ହୋଇଥିବା ୩୪୪ ପରିବାରଙ୍କୁ ଏକକାଳୀନ ଦିଆଯାଇଥିବା ଅର୍ଥର ସ୍ଥିତି, ୨୦୦୬ ଆର୍ ଆର୍ ପଲିସି ଅନୁଯାୟୀ ଯୋଜନା, ଆର୍ଥିକ ଦୃଷ୍ଟିରୁ ଅନୁପଯୁକ୍ତ ଏବଂ ଦୁର୍ଗମ ଅଞ୍ଚଳ ଏବଂ ରାୟଗଡା ଜିଲ୍ଲା ଟିକିରି ଠାରେ ଥିବା ଉତ୍କଳ ଆଲୁମିନା ପ୍ରକଳ୍ପ ପାଇଁ ସୂର୍ଯ୍ୟଗଡ, ଦୁର୍ମିସି, କନରପାସ ଓ କେନ୍ଦୁମୁଣ୍ଡି ଗ୍ରାମ ବିସ୍ଥାପନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବେଦାନ୍ତ ପ୍ରକଳ୍ପ ପ୍ରଭାବିତ ପରିବାର ମାନେ ସେମାନଙ୍କୁ ଚାକିରିର ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଆଜିପର୍ଯ୍ୟନ୍ତ ଚାକିରି ଦିଆଯାଇନାହିଁ ବୋଲି ଅଭିଯୋଗ ଆଣିଥିଲେ। ସେହିପରି ଉତ୍କଳ ଆଲୁମିନା ବଫଲାମାଳୀର କଳାହାଣ୍ଡି ଜିଲ୍ଲାରେ ଥିବା ଅଞ୍ଚଳରେ ବେଆଇନ୍ ଭାବେ ବ୍ଲାଷ୍ଟିଂ କରୁଛି। ଫଳରେ କଳହାଣ୍ଡିର ସୂର୍ଯ୍ୟଗଡ, ଦୁର୍ମୁସି, କନରପାସ ଓ କେନ୍ଦୁମୁଣ୍ଡି ଗ୍ରାମବାସୀ ମାନେ ପ୍ରଭାବିତ ହେଉଛନ୍ତି ଏବଂ କ୍ଷତିଗ୍ରସ୍ଥ ହେଉଛନ୍ତି ବୋଲି ଆସିଥିବା ଅଭିଯୋଗ ଉଫରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ୭ ଦିନ ମଧ୍ୟରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ଏହି ଘଟଣାର ତଦନ୍ତ ଓ ସର୍ଭେ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡିଲେ ନିଜେ ବଫଲା ମାଳିକୁ ଯାଇ ଏହି ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରିବି ବୋଲି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଗ୍ରାମବାସୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୨ - ୨୮ ଜାନୁଆରୀ, ୨୦୧୮
Bhubaneswar, 22nd - 28th January, 2018





# ୨୭ରେ 'ଦି ଟଲ୍ ମ୍ୟାନ୍ ବିଜୁ ପଟ୍ଟନାୟକ' ପୁସ୍ତକ ଉନ୍ମୋଚନ ଉତ୍ସବ



**ଭୁବନେଶ୍ୱର :** ବିଜୁ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ 'ଦି ଟଲ୍ ମ୍ୟାନ୍ ବିଜୁ ପଟ୍ଟନାୟକ' ପୁସ୍ତକ ଉନ୍ମୋଚନ ଉତ୍ସବ ଆସନ୍ତା ଜାନୁଆରୀ ୨୭ ତାରିଖରେ ଭୁବନେଶ୍ୱରସ୍ଥ ଉତ୍କଳ ମଣ୍ଡପରେ ଅପରାହ୍ଣ ୪.୩୦ରେ ଅନୁଷ୍ଠିତ ହେବ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବକୁ ବିଶିଷ୍ଟ ଅତିଥି ଭାବେ ଦେଶର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ା, ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଏବଂ କମ୍ୟୁନିଷ୍ଟ ନେତା ସୀତାରାମ ୟେଚୁରୀ ଯୋଗଦେବେ। ବିଶିଷ୍ଟ ଲେଖକ ତଥା ଗବେଷକ ସୁନ୍ଦର ଗଣେଶନ୍‌ଙ୍କ ଦ୍ୱାରା ସଂକଳିତ ଏହି ପୁସ୍ତକରେ ବିଜୁବାବୁଙ୍କ ଜୀବନ ଓ ବହୁମୁଖୀ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସଂପର୍କରେ ସବିଶେଷ ତଥ୍ୟ ସହ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରାଯାଇଛି। ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ରାଜନୈତିକ ବିଶ୍ଳେଷକ ପ୍ରଭୁ ଚାୱାଲା ଏହି ପୁସ୍ତକଟି ସମୀକ୍ଷା କରିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରିବେ ବୋଲି ବିଜୁ ପଟ୍ଟନାୟକ ଶତବାର୍ଷିକୀ କମିଟିର ଆବାହକ ବେଦପ୍ରକାଶ ଅଗ୍ରୱାଲା, ଜାତୀୟ ଓ ଆନ୍ତର୍ଜାତୀୟ ସମନ୍ୱୟ କମିଟିର ଆବାହକ ଦେବୀ ପ୍ରସାଦ ମିଶ୍ର, ସ୍ମରଣିକା ଓ ଡକ୍ୟୁମେଶନର ଆବାହକ ଅଶୋକ ଚନ୍ଦ୍ର ପଣ୍ଡା, ସମନ୍ୱୟ କମିଟିର ଆବାହକ ତଥାଗତ ସତପଥୀ ଆଜି ଭୁବନେଶ୍ୱର ସ୍ପେଶାଲ ସର୍କିଟ୍ ହାଉସ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।


ବିଜୁବାବୁଙ୍କୁ ଭଲ ପାଉଥିବା, ବିଜୁବାବୁଙ୍କ ସହିତ କାମ କରିଥିବା ତଥା ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଯୁବ-ଛାତ୍ର ବର୍ଗ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ରାଜ୍ୟ ତଥା ଦେଶକୁ ଗୌରାବନ୍ୱିତ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଜୁ ପଟ୍ଟନାୟକ ଶତବାର୍ଷିକୀ କମିଟି ପକ୍ଷରୁ ଅନୁରୋଧ କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ପଟ୍ଟନାୟକ ଶତବାର୍ଷିକୀ କମିଟିର ଆବାହକ ବେଦପ୍ରକାଶ ଅଗ୍ରୱାଲା, ଜାତୀୟ ଓ ଆନ୍ତର୍ଜାତୀୟ ସମନ୍ୱୟ କମିଟିର ଆବାହକ ଦେବୀ ପ୍ରସାଦ ମିଶ୍ର, ସ୍ମରଣିକା ଓ ଡକ୍ୟୁମେଶନର ଆବାହକ ଅଶୋକ ଚନ୍ଦ୍ର ପଣ୍ଡା, ସମନ୍ୱୟ କମିଟିର ଆବାହକ ତଥାଗତ ସତପଥୀ, ସଦସ୍ୟ ଅତନୁ ସବ୍ୟସାଚୀ ନାୟକ, ସଂଜୟ କୁମାର ଦାସବର୍ମା, ଅରୁଣ କୁମାର ସାହୁ, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମ ଜରିଆରେ ଦଳମତ ନିର୍ବିଶେଷରେ ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ଭଲ ପାଉଥିବା ସମସ୍ତ ବ୍ୟକ୍ତିବିଶେଷ ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଶତବାର୍ଷିକୀ କମିଟି ପକ୍ଷରୁ ନିବେଦନ କରାଯାଉଛି ବୋଲି ସୂଚନା ଦେଇଥିଲେ।


# କିସ୍‌କୁ ଏନର୍ଜୀ ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର-୨୦୧୭

**ଭୁବନେଶ୍ୱର :** କିସ୍‌କୁ ଏନର୍ଜୀ ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର ୨୦୧୭ ପ୍ରଦାନ କରାଯାଇଛି। ଇରାନ୍‌ର ରାଜଧାନୀ ତେହେରାନ୍‌ରେ ମଙ୍ଗଳବାର ଆୟୋଜିତ ଏକ ଭବ୍ୟ ଉତ୍ସବରେ ବିଶ୍ୱର ଏହି ସମ୍ମାନଜନକ ପରିବେଶ ପୁରସ୍କାରର ଚୂଡ଼ାନ୍ତ ପର୍ଯ୍ୟାୟରେ ଭାରତର କିସ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱର ୧୭୮ଟି ଦେଶର ୨ହଜାର ପ୍ରକଳ୍ପ ବିଭିନ୍ନ ବର୍ଗ ଯଥା ଭୂମି, ଅଗ୍ନି, ଜଳ, ବାୟୁ ଓ ଯୁବ ଆଦିରେ ପ୍ରତିଯୋଗିତା କରିଥିଲେ। ଚୂଡ଼ାନ୍ତ ପର୍ଯ୍ୟାୟରେ ଅଗ୍ନି ବର୍ଗରେ ଥାଇଲ୍ୟାଣ୍ଡ ଓ ସ୍ପେନ୍‌କୁ ପଛରେ ପକାଇ ଭାରତର କିସ୍ ଏହି ପୁରସ୍କାର ଲାଭ କରିଛି। କିସ୍‌ର ପ୍ରତିନିଧି ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ୬୦ଟି ଦେଶ ଯୋଗ ଦେଇଥିବାବେଳେ ବିଶ୍ୱବ୍ୟାପୀ ଏହାର ପ୍ରାସାରଣ କରାଯାଇଥିଲା। ବାୟୋଗ୍ୟାସ୍ ପ୍ଲାଣ୍ଟ ଯୋଗେ ଅତ୍ୟାଧୁନିକ ଉପାୟରେ ୨୭ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି, ବାଷ୍ପ ଭିତ୍ତିକ ରନ୍ଧନ ବ୍ୟବସ୍ଥା, ସୌରଶକ୍ତି ଚାଳିତ ଜଳତାପନ ବ୍ୟବସ୍ଥା ଏବଂ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ପାଇଁ କିସ୍‌କୁ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶ୍ୱର ଏହି ସର୍ବୋଚ୍ଚ ଓ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କିସ୍‌କୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସୁଥିବା ରାଷ୍ଟ୍ରନେତା, ରାଷ୍ଟ୍ରଦୂତ, ନୀତି ନିର୍ଦ୍ଧାରକ, ପ୍ରଶାସକ, ନୋବେଲ୍ ପୁରସ୍କାର ବିଜେତାମାନେ କିସ୍‌ର ସବୁଜ ପ୍ରକଳ୍ପରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଆସୁଛନ୍ତି। କିସ୍‌କୁ ଏନର୍ଜୀ ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର- ୨୦୧୭ ମିଳିବା ପରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି, ଏହା କେବଳ କିସ୍ ଓ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ସେ କହିଛନ୍ତି, କିସ୍ ସର୍ବଦା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଆସୁଛି। ବର୍ତ୍ତମାନ ସମୟରେ ବିଶ୍ୱ ତାପନ ଯୋଗୁ ପରିବେଶ ଜନିତ ସମସ୍ୟା ଉଗ୍ର ହୋଇଥିବା ବେଳେ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ସମସ୍ତେ ପରିବେଶ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଶ୍ରୀ ସାମନ୍ତ କହିଛନ୍ତି।



## ଆମେ ପାଇଛୁ




# ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପିତ



**ଭବାନୀପାଟଣା :** କଳା, ସଂସ୍କୃତି ଓ ଐତିହ୍ୟର ମହାମିଳନ କୁମ୍ଭ ମେଳା କଳାହାଣ୍ଡି ଉତ୍ସବ ଘୁମୁରା କେବଳ କଳା ସଂସ୍କୃତିର ପର୍ବ ନୁହେଁ ଏହା ଏକ ମିଳନର ପର୍ବ ଅଟେ । ଏହି ଉତ୍ସବର ମହତ୍ତ୍ୱ ହେଉଛି ସମସ୍ତଙ୍କୁ ମିଳିମିଶି ଏକାଠି ରଖିବା ଓ କଳାରେ ବାନ୍ଧି ରଖିବାର ଏକ ସୁନ୍ଦର ପ୍ରୟାସ ଅଟେ । ସାଂସ୍କୃତିକ ଦଳ ହିଁ ଉତ୍ସବକୁ ଋଦ୍ଧିମନ୍ତ କରିଛି । ଏ ମାଟିର ସଭ୍ୟତା ସିନ୍ଧୁ ସଭ୍ୟତାକୁ ମଧ୍ୟ ବଳିଯାଇଛି । କଳାହାଣ୍ଡି ଏବେ ଭାତହାଣ୍ଡିରେ ପରିଣତ ହୋଇଛି । ଏକଦା ଭୋକର ଭୂଗୋଳ ଥିବା କଳାହାଣ୍ଡିକୁ ଭାତହାଣ୍ଡିରେ ପରିଣତ କରିବା ପାଇଁ ପ୍ରୟାସ କରିଥିବା ସେହି ଗୁରୁଜନମାନେ ନମସ୍ୟ । ଏ ଉତ୍ସବ ଜିଲ୍ଲାରେ ନୁହେଁ ରାଜ୍ୟ ଓ ଦଶ ତଥା ଦେଶ ବାହାରେ ଏହି କଳାହାଣ୍ଡି ଉତ୍ସବର ଗରିମା, ମର୍ଯ୍ୟାଦା ତଥା ସୁନାମ ରହିଛି । ସେହିଭଳି ମହାବୀର ସାଂସ୍କୃତିକ ଅନୁଷ୍ଠାନ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଓ ପ୍ରତିଭା କଳାହାଣ୍ଡିର ଲୋକ ନୃତ୍ୟକୁ ଜାତୀୟ ତଥା ଆନ୍ତର୍ଜାନୀୟ ସ୍ତରରେ ପରିବେଷଣ କରି ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଚାଲିଥିବା ୨୨ ତମ ଜିଲ୍ଲା ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ଅଂଜନ ମାଣିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାର ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦ ଅର୍କକେଶରୀ ଦେଓ, ସମ୍ମାନିତ ଅତିଥି ଭାବେ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଜିଲ୍ଲା ଅତିରିକ୍ତ ଏସପି ଅକ୍ଷୟ ଦାସ, ଓଡିଶା ଜୀବିକା ମିସନ ସଂଯୋଜକ ତଥା ସିଇଓପ୍ରଣବ ଜ୍ୟୋତି ନାଥ ପ୍ରମୁଖ ଉଦବୋଧନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରମଣି ବଡନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରିଚାଳନା କରିଥିଲେ ଭାନୁ ପ୍ରକାଶ ରଥ । ଏହି ଅବସରରେ ସ୍ୱର୍ଗତ ଉଦୟନାଥ ନନ୍ଦଙ୍କୁ କଳାହାଣ୍ଡି ରତ୍ନରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିଭଳି ଜୁନାଗଡ ବ୍ଲକ ନୂଆଗୁଡାର କାହ୍ନୁ ବିଶି, ଭବାନୀପାଟଣା ବଜାରପଡାର ଅଭିନେତା ଅବଦୁବ କାଦିର୍, ଧର୍ମଗଡ ଗମ୍ଭାରିଗୁଡାର ଶ୍ୟାମ ସୁନ୍ଦର ଜାଲ, ଲେଖିକା ଦେବହୁତି କର, ଲଡୁକେଶ୍ୱର ମହାପାତ୍ର ତଥା ଜିକିଜା ହେଲଥ କେୟାର ଲିମିଟେଡ ୧୦୮ ଆମ୍ବୁଲାନ୍ସ ସେବା ନିମନ୍ତେ କଳାହାଣ୍ଡି ବରପୁତ୍ର ସମ୍ମାନରେ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ବ୍ଲକସ୍ତରୀୟ କଳାହଣ୍ଡି ଉତ୍ସବ ଘୁମୁରା ଆୟୋଜନରେ ପ୍ରଥମ ପୁରସ୍କାର ଭାବରେ ଜୁନାଗଡ ବ୍ଲକ, ଦ୍ୱିତୀୟ ପୁରସ୍କାର ଭାବରେ କେସିଙ୍ଗା ବ୍ଲକ୍ ଓ ତୃତୀୟ ପୁରସ୍କାର ଭାବରେ କେସିଙ୍ଗା ବ୍ଲକ୍ ଓ ତୃତୀୟ ପୁରସ୍କାର ଯୁଗ୍ମ ଭାବରେ ଥୁଆମୁଳ ରାମପୁର ଓ କୋକସରା ବ୍ଲକ ପୁରସ୍କୃତ ହୋଇଥିଲେ । ସେହିଭଳି ସ୍ୱତନ୍ତ୍ର ପୁରସ୍କାର ଭବାରେ ଧର୍ମଗଡ ଏନଏସିକୁ ପ୍ରଦାନ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରୟ ଅନୁଷ୍ଠିତ ହୋଇଥିଲା । ସହିଦ ରେଣ୍ଡୋ ମାଝୀ ମଞ୍ଚରେ ଶୁଭେନ୍ଦୁ ମହାପାତ୍ର, ଭାନୁପ୍ରକାଶ ରଥ ଓ ଲୋଚନୀ ବାଗଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭବାନୀପାଟଣା ମହ୍ଲାର କଳାନିକେତନ ଦ୍ୱାରା ସଂଗୀତ ଗାନ କରାଯାଇଥିଲା । ପରେ ବାଙ୍ଗୋଲୋର ନିତ୍ୟାନ୍ତର ଓଡିଶୀ ନୃତ୍ୟ, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ଘୁମୁରା, ଜେକେ ଡ୍ୟାନ୍ସ ୱାର୍ଲଡର ଲୋକ ନୃତ୍ୟ, ରାଜସ୍ଥାନ ସଂସ୍କୃତି ପରିଷଦର ମଙ୍ଗନିହାର, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଲୋକ ନୃତ୍ୟୁ, ଭବାନୀପାଟଣା ପ୍ରତିଭାର ସିଙ୍ଗାରୀ, ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଲୋକନୃତ୍ୟ, ଡିଆରଡିଏର ସଚେତନତା ଧର୍ମ ନୃତ୍ୟ, ଜିଲ୍ଲା ସଂସ୍କୃତି ପରିଷଦର ଲୋକନୃତ୍ୟ, ଭବାନୀପାଟଣା ମୃଣ୍ମୟୀର ଲୋକ ନୃତ୍ୟ, ବଲାଙ୍ଗୀର ଜିଲ୍ଲା ସଂସ୍କୃତି ପରିଷଦର ଲୋକନୃତ୍ୟ, ପାଞ୍ଚିକୁଡ଼ିର ଲୋକନୃତ୍ୟ ଲୋକଙ୍କୁ ବିମୋହିତ କରିଥିଲା। ସେହିଭଳି ପରବା ମଞ୍ଚରେ ଜେକେ ୱାର୍ଲଡ, ଏନଏସଏ, କାମଠଣାର କେଜିବିଭି, କୋଲକାତା ପୂର୍ବାଚଂଳ ସାସଂତିକ କେନ୍ଦ୍ରର ପାଇକା ନୃତ୍ୟ, ବୋଡୋ ନୃତ୍ୟ, ଥୁଆପଦର ସ୍କୁଲ, ଭବାନୀପାଟଣା ସଂଗମ, ପ୍ରଭୂ ଡ୍ୟାନ୍ସ ଗ୍ରୁପ, ଝାଡଖଣ୍ଡର ଛଉନୃତ୍ୟ, ଢେମସା ନୃତ୍ୟ, ଫ୍ୟୁଜନ ଡ୍ୟାନ୍ସ ଗ୍ରୁପ, ବିଜୁ ପଟ୍ଟନାୟକ ଏକତାକ୍ଲବ, ମାହେଶ୍ୱୀର ଡ୍ୟାନ୍ସ ଗୃପ ଦର୍ଶକଙ୍କୁ ବିମୋହିତ କରିଥିଲା ।




ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ କଳାର ଉତ୍ତୋରତ୍ତର ଉନ୍ନତି ପାଇଁ ମା'ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା କରୁଛି।



ମନୋରଞ୍ଜନ ମହାପାତ୍ର
ଅଧ୍ୟକ୍ଷ
ପୁଣ୍ୟ ଉତ୍କଳ ଫାଉଣ୍ଡେସନ





# ରଙ୍ଗାରଙ୍ଗ୍‌ରେ ପାଳିତହେଲା ବିଏନ୍ ସ୍କୁଲର ବାର୍ଷିକ ଉତ୍ସବ



**ଭୁବନେଶ୍ୱର :** ସ୍ଥାନୀୟ ଜାଗମରା ସ୍ଥିତ ବି.ଏନ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ଯୁବକ ସଂଘ ଠାରେ ଆୟୋଜିତ ଏହି ଇଂରାଜୀ ମାଧ୍ୟମ ପବ୍ଲିକ ସ୍କୁଲର ଉତ୍ସବରେ ସ୍କୁଲର ଅଧିକାଂଶ କୁନିକୁନି ଛାତ୍ରଛାତ୍ରୀ ମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ କବି ତଥା ଆଇ.ଏ.ଏସ୍. ମହେନ୍ଦ୍ର କୁମାର ମଲ୍ଲିକ୍, ଚଳଚ୍ଚିତ୍ର ଅଭିନେତା ଚକ୍ରଧର ଜେନା, ଅଭିନେତ୍ରୀ ସ୍ୱର୍ଣ୍ଣମୟୀ ମିଶ୍ର, ଉପଦେଷ୍ଟା ତଥା ପୁଣ୍ୟଉତ୍କଳର ଅଧ୍ୟକ୍ଷ ମନରଂଜନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ତୁଷାର କାନ୍ତ ଜେନା ଓ ସଂପାଦକ କିଶୋର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉନ୍ମୁକ୍ତା ଦାଶ ଉକ୍ତ କାର୍ଯ୍ୟକ୍ରମକୁ ପରିଚଳାନା କରିଥିବା ବେଳେ ଅନ୍ୟାନ୍ୟ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ।


ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ବାଇଁଶିରିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରାନ୍ତ ପ୍ରଗତି ମହାନ୍ତି (ଚିଲୁ)
ସମାଜସେବୀ
ଇଚ୍ଛାପୁର, ବାଇଁଶିରିଆ
ମୋ : ୮୮୯୫୦୬୩୦୪୦

ବରୀ ବ୍ଲକର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ନବବର୍ଷ ଓ ଶ୍ରୀପଞ୍ଚମୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ସଭିଏଁ ପଢନ୍ତୁ, ସଭଏଁ ବଢନ୍ତୁ





ଅଭୟ କୁମାର ବେହେରା
ବ୍ଲକ ଶିକ୍ଷା ଅଧିକାରୀ, ବରୀ


# ମହର୍ଷି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ



**ରାୟଗଡା (ଅମୂଲ୍ୟ ନିଶଙ୍କ) :** ଗତ ୧୯.୦୧.୨୦୧୮ ରେ ମହର୍ଷି ଜନ୍ମ ଶତାବ୍ଦୀ ଉପଲକ୍ଷେ ରାୟଗଡାର ମହର୍ଷି ବିଦ୍ୟା ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ରାୟଗଡ଼ାର ଉପଜିଲ୍ଲାପାଳ ପ୍ରବୀର କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ କେ. ପଦ୍ମଜା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଶ୍ରୀମତି କ୍ଷିରବ୍ଧୀ ମିଶ୍ର ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନୀୟ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜିର ଶିଶୁ କାଲିର ନାଗରିକ, ଭାରତ ବର୍ଷ ସୂଚାରୁ ରୁପେ ଗଢିବା ପାଇଁ ଶିଶୁମାନଙ୍କର ଗୁରୁ ଦାୟିତ୍ୱ ଅଛି । ତେଣୁ ସେମାନେ ସୁଚାରୁ ରୁପେ ପାଠ ପଢି ଏକ ମହାନ ନାଗରିକ ହେବାପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଗତ ବର୍ଷ ଶିକ୍ଷା କ୍ଷେତ୍ରରେ ପ୍ରଥମ ଶ୍ରେଣୀ ଠାରୁ ନବନ ଶ୍ରେଣୀ ପର୍ଯ୍ୟନ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ଏବଂ ପରିଶେଷରେ ସ୍କୁଲର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ସ୍କୁଲର ପରିଚାଳନା କମିଟି ତରଫରୁ ମୁଖ୍ୟ ଅତିଥିଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ପରିଶେଷରେ ଶିକ୍ଷୟତ୍ରୀ ଗାୟତ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛୋଟ ଛୋଟ ପିଲାମାନଙ୍କର କଳା ସଂସ୍କୃତି ଓ ଢେମସା ନୃତ୍ୟ ଅଭିଭାବକ ଓ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**,
Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : Plot No.186, Lane-2, Aerodrum Area, Bhubaneswar, Odisha, PIN-751020, Cell : 9437133777 (Editorial), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି